
ଏପ୍ରିଲ୍ ୧୯୭୭
ଉତ୍କଳ
ପ୍ରସଙ୍ଗ



ନବନିର୍ବାଚିତ ବିଧାନସଭା ସଦସ୍ୟମାନଙ୍କୁ ଶପଥ ଗ୍ରହଣ କରାଇବାପାଇଁ ରାଜ୍ୟପାଳଙ୍କଦ୍ୱାରା ନିଯୁକ୍ତ ଅଧ୍ୟକ୍ଷ ଶ୍ରୀ ନନ୍ଦକିଶୋର ମିଶ୍ର ରାଜ୍ୟପାଳ ଡକଟର ଏସ୍. ଏସ୍. ଆନସାରୀଙ୍କୁ ବିଧାନସଭାକୁ ପାଛୋଟି ଆଣୁଛନ୍ତି ।

ସରକାରଙ୍କ ବିଭିନ୍ନ ବିଭାଗର ଶାସନସଚିବ ଓ ଉଚ୍ଚ ପଦସ୍ଥ କର୍ମଚାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ଉଦ୍‌ବୋଧନ ଦେଉଛନ୍ତି ।



# ଉତ୍କଳ ପ୍ରସଙ୍ଗ


| | | |
|---|---|---|
| ୨୭ଶ ଭାଗ | ଅପ୍ରେଲ ୧୯୭୧<br>ବୈଶାଖ ୧୮୯୩ | ୯ମ ସଂଖ୍ୟା |


ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ 'ଉତ୍କଳ ପ୍ରସଙ୍ଗ'ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସ୍ୱାକ୍ଷରିତ ଆକାରରେ ମଧ୍ୟ ଏଥିରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।


ବାର୍ଷିକ ଗ୍ରାହକ ଦେୟ—ଟ ୪'୮୦

ପ୍ରତି ଖଣ୍ଡର ମୂଲ୍ୟ ୪୦ ପଇସା

ସମ୍ପାଦକ—ଡକ୍ଟର ନାରାୟଣ ଦାସମହାପାତ୍ର, ଆଇ. ଏ. ଏସ୍.,
ଲୋକସମ୍ପର୍କ ଓ ପର୍ଯ୍ୟଟନ ନିର୍ଦ୍ଦେଶକ

ସହକାରୀ ସମ୍ପାଦକ—ସମର ବିଳାସ ପଟ୍ଟନାୟକ
ସୂଚନା ଅଧିକାରୀ

ପ୍ରକାଶକ—ସ୍ୱରାଷ୍ଟ୍ର, ବିଭାଗ, ଓଡ଼ିଶା ସରକାର
ଟେଲିଗ୍ରାମ—ପବ୍ଲିସିଟି, ଭୁବନେଶ୍ୱର


**ପ୍ରଥମରୁ ପଢ଼ିବାକୁ ପାଇବେ......**

**ଓଡ଼ିଶା ବିଧାନସଭାର ବାଜେଟ ଓ ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳର ସଭ୍ୟମାନଙ୍କର ସଂକ୍ଷିପ୍ତ ଜୀବନୀ ।**

## ସୂଚୀ


| | ପୃଷ୍ଠା |
|---|---|
| ୧ । ମିଳିତ ସାମ୍ମୁଖ୍ୟ ସରକାରଙ୍କ ୧୭-ଦଫା-ସମ୍ବଳିତ କାର୍ଯ୍ୟକ୍ରମ । | ୧ |
| ୨ । ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ ... | ୫ |
| ୩ । ପୂର୍ବ ବଙ୍ଗର ଐତିହାସିକ ମୁକ୍ତି ସଂଗ୍ରାମ... | ୭ |
| ୪ । ପାରାଦ୍ୱୀପର ଆଶାତୀତ ସଫଳତା ... | ୯ |
| ୫ । ଜାତୀୟ ସମସ୍ୟା ଓ ଯୁବ ସଂପ୍ରଦାୟର କର୍ତ୍ତବ୍ୟ । | ୧୩ |
| ୬ । ଏକ ଆଦର୍ଶ ରାଷ୍ଟ୍ର ଗଠନରେ ଯୁବ ସମାଜ ବ୍ରତୀ ହେଉ । | ୧୯ |
| ୭ । ପ୍ରଗତି ପଥେ ସୁନ୍ଦରଗଡ଼ ... | ୨୧ |
| ୮ । ସ୍ୱଳ୍ପ ସଞ୍ଚୟରେ ନୂତନ ପରିକଳ୍ପନା ... | ୨୩ |
| ୯ । ୧୯୭୧ ଜନଗଣନା ଓ ଓଡ଼ିଶାର ଲୋକ ସଂଖ୍ୟା । | ୨୭ |
| ୧୦ । ଜନଗଣନା—୧୯୭୧, ଭାରତର ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଜନ ସଂଖ୍ୟା । | ୩୭ |
| ୧୧ । ଆମ ରାଜ୍ୟ ... | ୪୦ |
| ୧୨ । ସମ୍ପାଦକଙ୍କ ସମୀପେଷୁ ... | ୪୬ |
| ୧୩ । ଓଡ଼ିଶାର ବିଶିଷ୍ଟ ଘଟଣାବଳୀ ... | ୪୯ |



# ଶ୍ରୀ ବିଶ୍ୱନାଥ ଦାସ

ଶ୍ରୀ ବିଶ୍ୱନାଥ ଦାସ ଗଞ୍ଜାମ ଜିଲ୍ଲାର କୋଦଳା ତାଲୁକ ଅନ୍ତର୍ଗତ ସୁବଳଆ ଗ୍ରାମରେ ୧୮୮୯ ମସିହା ଜନ୍ମଗ୍ରହଣ କରିଥିଲେ । ସେ କଟକର ରେଭେନ୍ସା କଲେଜରୁ ବି. ଏ. ପାଶ କରିବା ପରେ କଲି ବିଶ୍ୱବିଦ୍ୟାଳୟ ଅଧୀନରେ ଆଇନ ଅଧ୍ୟୟନ କରିଥିଲେ ଓ ଆଇନଶାସ୍ତ୍ରରେ ଡିଗ୍ରୀ ଲାଭ କରିଥିଲେ । ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେବା ପୂର୍ବରୁ ସେ କିଛିକାଳ ବ୍ରହ୍ମପୁରଠାରେ ଆଇନ ବ୍ୟବ କରିଥିଲେ । ୧୯୨୧ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ସେ ଅସହଯୋଗ ଆନ୍ଦୋଳନରେ ଯୋ ଦେଇଥିଲେ । ପ୍ରଥମେ ସେ ଗଞ୍ଜାମ ଜିଲ୍ଲା ଛତ୍ରପୁର ତାଲୁକ ବୋର୍ଡର ସଭାପତିରୂପେ ୧୯୨୦ ମସିହା ନିର୍ବାଚିତ ହୋଇଥିଲେ । ସେ ୧୯୨୧ ମସିହାଠାରୁ ୧୯୩୦ ମସିହା ପର୍ଯ୍ୟନ୍ତ ମାନ୍ଦ୍ରାଜ ବିଧାନ ପରିଷ ସଦସ୍ୟ ଥିଲେ । କଂଗ୍ରେସ କାର୍ଯ୍ୟକାରୀ କମିଟିର ନିର୍ଦ୍ଦେଶ କ୍ରମେ ଶ୍ରୀ ଦାସ ବିଧାନ ପରିଷଦରୁ ଇସ୍ତଫା ଦେ ୧୯୩୧ ମସିହାରେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇଥିଲେ । ସେ ଏହି ସତ୍ୟାଗ୍ରହରେ ଗିରଫ ହୋଇଥି ଏବଂ କିଛିଦିନ ପରେ ବର୍ଷକ ପାଇଁ ଜେଲ ଦଣ୍ଡରେ ଦଣ୍ଡିତ ହୋଇ ଭେଲୋରର ସେଣ୍ଟ୍ରାଲ ଜେଲ୍ ରହିଥିଲେ । ସେ ୧୯୨୦ ମସିହାରେ ଗଞ୍ଜାମ ଜିଲ୍ଲାରେ ଜମିଦାରୀ ପ୍ରଜା ସଂଘ ନାମରେ ଏକ ପ୍ରଜା ସ ଗଠନ କରିଥିଲେ । ଏହି ସଂଘର କାର୍ଯ୍ୟକଳାପ ପରବର୍ତ୍ତୀରେ ଅନ୍ଧ୍ର ପ୍ରଦେଶର ସମସ୍ତ ଜିଲ୍ଲା ଓ ତତ୍କାଳୀ ମାନ୍ଦ୍ରାଜ ପ୍ରେସିଡେନ୍ସି ତାମିଲନାଡ଼ୁର ଅନ୍ୟ କେତେକ ତାଲୁକକୁ ମଧ୍ୟ ବ୍ୟାପିଥିଲା । ଶ୍ରୀ ଦାସଙ୍କ ନେତୃତ୍ୱ ଭାରତ କୃଷକ ସଂଘ ପ୍ରଥମ କରି ଭାରତରେ ଗଠିତ ହୋଇଥିଲା । ପ୍ରଫେସର ରଙ୍ଗା ମାନ୍ଦ୍ରାଜ ପଚ୍ଚି କଲେଜରୁ ଇସ୍ତଫା ପ୍ରଦାନ କରି ଏହି ସଂଘରେ ଯୋଗ ଦେଇଥିଲେ ।

୧୯୩୬ ମସିହା ଏପ୍ରିଲ ପହିଲାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ପରେ ଓଡ଼ିଶାରେ ସାଧାର ନିର୍ବାଚନ ହୋଇଥିଲା ଓ ଶ୍ରୀ ଦାସ ୧୯୩୭ ମସିହାରେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏହାପରେ ସେ କଂଗ୍ରେସ ବିଧାନସଭା ଦଳର ନେତା ନିର୍ବାଚିତ ହୋଇ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ ଶ୍ରୀ ଦାସଙ୍କ ନେତୃତ୍ୱରେ ଗଠିତ ମନ୍ତ୍ରୀମଣ୍ଡଳ ୧୯୩୯ ମସିହା ନଭେମ୍ବର ମାସ ପର୍ଯ୍ୟନ୍ତ ରହିଥିଲା । ଶ

ୀୟ ମହାଯୁଦ୍ଧବେଳେ ଜନସାଧାରଣଙ୍କ ଇଚ୍ଛା ବିରୁଦ୍ଧରେ ଭାରତ ସରକାର ଯୁଦ୍ଧରେ ଅଂଶ ଗ୍ରହଣ ରିବାରୁ ଜାତୀୟ କଂଗ୍ରେସର ନିର୍ଦ୍ଦେଶକ୍ରମେ ଏହି ମନ୍ତ୍ରିମଣ୍ଡଳ ଇସ୍ତଫା ଦେଲେ । ଏହାପରେ ୧୯୪୦ ସିହାରେ ଶ୍ରୀ ଦାସ ଯୁଦ୍ଧବିରୋଧୀ ଭାଷଣ ଦେଇ ଓ ବ୍ୟକ୍ତିଗତ ସତ୍ୟାଗ୍ରହ କରି ଗିରଫ ହୋଇଥିଲେ ଓ ୧୯୪୫ ମସିହା ପର୍ଯ୍ୟନ୍ତ ଜେଲଦଣ୍ଡ ଭୋଗ କରିଥିଲେ ।

ଶ୍ରୀ ଦାସ ୧୯୪୭ ମସିହାରେ ଶାସନବିଧାୟକ ସଭା ଓ ପାର୍ଲିଆମେଣ୍ଟର ସଦସ୍ୟ ଥିଲେ । ଉତ୍କଳ ପ୍ରଦେଶ ଂଗ୍ରେସ କମିଟିର ସଭାପତି ଭାବେ ସେ ନିର୍ବାଚିତ ହୋଇଥିଲେ । ସେ ୧୯୫୭ ମସିହା ଦ୍ୱିତୀୟ ସାଧାରଣ ର୍ବାଚନ ସଫଳତାର ସହ ପରିଚାଳନା କରିଥିଲେ । ଏହାପରେ ସେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ୧୯୬୧ ଜୁନ ମାସର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ବିଧାନସଭାକୁ ବିଦ୍ଧ୍ୱସ୍ତିରେ ନିର୍ବାଚିତ ହୋଇଥିଲେ । ୧୯୬୨ ମସିହାରେ ସେ ଉତ୍ତର ପ୍ରଦେଶର ରାଜ୍ୟପାଳରୂପେ ନିଯୁକ୍ତ ହୋଇଥିଲେ ଓ ୧୯୬୭ରେ ସ୍ୱେଚ୍ଛାରେ ଅବସର ଗ୍ରହଣ କରିଥିଲେ । ରାଜ୍ୟପାଳ ଦାୟିତ୍ୱରୁ ଅବସର ନେବାପରେ ଶ୍ରୀ ଦାସ ଭାରତର ତୁର୍ଦ୍ଧାମ ବେଦ ଭବନ ନ୍ୟାସ କାମରେ ନିଜକୁ ନିୟୋଜିତ କରିଥିଲେ । ଆର୍ଯ୍ୟ ସଂସ୍କୃତି ଓ ବୈଦିକ ସ୍କୃତିର ପୁନରଭ୍ୟୁଦୟ ଏହି ଭବନ ପ୍ରତିଷ୍ଠାର ଉଦ୍ଦେଶ୍ୟ । ପୁରୀ, ଦ୍ୱାରକା, ବଦ୍ରିନାଥ ଓ ରାମେଶ୍ୱର ଠାରେ ବଦଭବନମାନ ପ୍ରତିଷ୍ଠା କରାଯାଇଛି ।

୧୯୩୮ ମସିହାରେ ଶ୍ରୀ ଦାସ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବା ସମୟର ଏକ ଉଲ୍ଲେଖ ଯୋଗ୍ୟ ଘଟଣା ହେଉଛି, ତତ୍କାଳୀନ ଲାଟ ସାର୍ ଜନ୍ ଅଷ୍ଟିନ ହବାକ ଛୁଟିରେ ଯିବାରୁ ରେଭିନ୍ୟୁ କମିଶନର ମିଷ୍ଟର ଡନଙ୍କୁ ଜ୍ୟପାଳ ପଦବୀରେ ନିଯୁକ୍ତି ପାଇଁ ସ୍ଥିର କରାଯାଇଥିଲା । ଶ୍ରୀ ଦାସ ଏହାର ତୀବ୍ର ପ୍ରତିବାଦ କରି ପ୍ରଧାନମନ୍ତ୍ରୀ ଦରୁ ଇସ୍ତଫା ଦେବେ ବୋଲି ଧମକ ଦେଲେ । ସେତେବେଳେ ସର୍ବଭାରତୀୟ ରାଜନୈତିକ ସ୍ତରରେ ଏହା ଆଲୋଡ଼ନ ସୃଷ୍ଟି କରିଥିଲା । କିନ୍ତୁ ରାଜ୍ୟପାଳ ତାଙ୍କର ଛୁଟି ପ୍ରତ୍ୟାହାର କରି ନେବାରୁ ଏହି ଲୋଡ଼ନର ଅବସାନ ଘଟିଥିଲା ।

ସେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଥିବାବେଳେ ଆଦିବାସୀ ସଂପ୍ରଦାୟର ବିଭିନ୍ନ ସମସ୍ୟା ଅଧ୍ୟୟନ ତଥା ମାନଙ୍କର ଉନ୍ନତି ସାଧନ ନିମନ୍ତେ କି କି ବ୍ୟବସ୍ଥା ଗ୍ରହଣ କରାଯିବା ଆବଶ୍ୟକ, ସେ ସମ୍ପର୍କରେ ସୁପାରିଶ ରିବା ପାଇଁ ପରଲୋକଗତ ଠକ୍କର ବାପାଙ୍କର ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ଠକ୍କର-ପା ଏ ସମ୍ପର୍କରେ ଯେଉଁ ରିପୋର୍ଟ ଦେଇଥିଲେ, ତାହା ସାରା ଭାରତ ବର୍ଷରେ ଆଦର୍ଶରୂପେ ଗ୍ରହଣ ରାଯାଇଥିଲା ।

ସେ ସମୟରେ ଓଡ଼ିଶାରେ ସମବାୟ ଆନ୍ଦୋଳନ ମୁମୂର୍ଷୁ ଅବସ୍ଥାରେ ରହିଥିଲା । ତାହାକୁ ପୁନର୍ଜୀବିତ ରିବା ପାଇଁ କି କି ବ୍ୟବସ୍ଥା ଆବଶ୍ୟକ ସେ ସମ୍ପର୍କରେ ସୁପାରିଶ କରିବା ପାଇଁ ଶ୍ରୀ ଦାସ ମୁଦାଲିୟର ମିଟି ମଧ୍ୟ ନିଯୁକ୍ତ କରିଥିଲେ ।

ଶ୍ରୀ ଦାସଙ୍କର ରାଜନୀତିକ ବିଚକ୍ଷଣତା ଓ ଦେଶାତ୍ମବୋଧର ଦୃଷ୍ଟାନ୍ତ ଅଉ ଏକ ବିଷୟରୁ ଜଣାପଡ଼େ । ପ୍ରଧାନମନ୍ତ୍ରୀ ଥିବାବେଳେ ବ୍ରିଟିଶ ସରକାର ନିୟମ କରିଥିଲେ ଯେ ଭାରତର କୌଣସି ବେସରକାରୀ ଦ୍ୟୋଗକୁ ସରକାରୀ ଋଣ ମିଳିବ ନାହିଁ । ଏହା ଫଳରେ ଖଦି ଶିଳ୍ପକୁ ରକ୍ଷା କରିବା ପାଇଁ ରାଜ୍ୟ

ସରକାରମାନେ ସାହାଯ୍ୟ ଦେଇ ପାରୁନଥିଲେ । କିନ୍ତୁ ଶ୍ରୀ ଦାସ ଏ ବିଗରେ ସ୍ୱଚେଷ୍ଟ ପ୍ର... ଓଡ଼ିଶା ଖାଦି ବୋର୍ଡ଼ ପାଇଁ ୨୫ ହଜାର ଟଙ୍କା ଋଣ ମଞ୍ଜୁର କରାଇ ପାରିଥିଲେ । ଓଡ଼ିଶାରେ ସେ ସର୍ବପ୍ରଥମ ମହାତ୍ମାଗାନ୍ଧୀଙ୍କ ପ୍ରବର୍ତ୍ତିତ ମୌଳିକ ଶିକ୍ଷା ପ୍ରଚଳନ କରି ଅନ୍ୟମାନଙ୍କ ଅଗ୍ର... ପାରିଥିଲେ ।

ଓଡ଼ିଶାରେ ଏକ ସ୍ୱତନ୍ତ୍ର ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା ପାଇଁ ସେ ଉଦ୍ୟମ ଚଳାଇଥିଲେ ।

ଓଡ଼ିଶାର ବହିର୍ଭାଞ୍ଚଳର ମିଶ୍ରଣରେ ସେ ଅଗ୍ରଣୀ ଥିଲେ । ଉତ୍କଳ ସମ୍ମିଳନୀର ନେତୃତ୍ୱ... ଏଥିଲାଗି ଉଦ୍ୟମ ଚଳାଇଥିଲେ ।

ଅସ୍ୱଚ୍ଛଳ ରାଜ୍ୟଗୁଡ଼ିକୁ ଯେପରି ଅଧିକ ଭାଗ ମିଳିବ ସେଥିଲାଗି ଶ୍ରୀ ଦାସ କେବେର ମତ ... ରାଜ୍ୟର ଲୋକସଂଖ୍ୟା ଓ ଅନୁନ୍ନତି ଭିତ୍ତିରେ କେନ୍ଦ୍ରୀୟ ସାହାଯ୍ୟ ବଣ୍ଟନ ବ୍ୟବସ୍ଥା କରିବାପାଇଁ ମସିହାରେ ସେ ତତ୍କାଳୀନ ଅର୍ଥ କମିଶନରଙ୍କଠାରେ ଏକ ସ୍ମାରକପତ୍ର ଦେଇଥିଲେ ।

ଜଣେ ପ୍ରବୀଣ ବ୍ୟବସ୍ଥାପକରୂପେ ଓ ସୁଦକ୍ଷ ପ୍ରଧାନମନ୍ତ୍ରୀଭାବେ ସେ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ କେତେକ ବୈଧାନିକ ବ୍ୟବସ୍ଥା ଗ୍ରହଣ କରିଥିଲେ । ତନ୍ମଧ୍ୟରୁ ଓଡ଼ିଶା ମହାଜନ ଆଇନ ଉଲ୍ଲେଖଯୋଗ୍ୟ ।

ଶ୍ରୀ ଦାସ ହେଉଛନ୍ତି ଲୋକସେବକ ମଣ୍ଡଳର ଜଣେ ଆଜୀବନ ସଭ୍ୟ । ଏହି ଅନୁଷ୍ଠାନର ଉ... ଅଭିବୃଦ୍ଧି ପାଇଁ ତାଙ୍କର ବହୁ ଅବଦାନ ରହିଛି । ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ପରଲୋକ... ଲୋକସେବକ ମଣ୍ଡଳର ସଭାପତି ରହିଛନ୍ତି ।

ତାଙ୍କର ସଂସ୍କୃତ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ରହିଛି । ସଂସ୍କୃତ ଛାତ୍ରମାନଙ୍କୁ ଉତ୍ସାହିତ ... ଉଦ୍ଦେଶ୍ୟରେ ପୁରସ୍କାର ଦେବାପାଇଁ ସେ ଏକ ପାଣ୍ଠି ଗଠନ କରିଛନ୍ତି । ଲୋକସେବକ ମଣ୍ଡଳ... ସହଯୋଗରେ ସେ ଛନ୍ଦ ତରଙ୍ଗିଣୀ ସଭା ଓ ବିଶ୍ୱନାଥ ଟ୍ରଷ୍ଟକୁ ୮୦ ହଜାର ଟଙ୍କା ଦାନ କରିଛନ୍ତି ।

ଶ୍ରୀ ଦାସ ଜଣେ କଠୋର ନୀତିପରାୟଣ ଏବଂ ଗଭୀର ଆତ୍ମମର୍ଯ୍ୟାଦାସଂପନ୍ନ ବ୍ୟକ୍ତି... ସେ ନିଜର ସରଳତା ଏବଂ ଶାନ୍ତ ସ୍ୱଭାବ ଯୋଗୁଁ ସୁପରିଚିତ । ଆଉମଧ୍ୟ ସେ ନିଷ୍ଠାପର ଏବଂ ମିତ... ଜୀବନ ଯାପନ କରିଥାନ୍ତି ।

ଶ୍ରୀ ଦାସ ୧୯୬୫ ମସିହାଠାରୁ ବିପତ୍ନୀକ ହୋଇଛନ୍ତି । ତାଙ୍କର ଦୁଇଟି ପୁଅ ମଧ୍ୟରୁ ... ଶ୍ରୀ ହରିହର ଦାସ ହେଉଛନ୍ତି ଓଡ଼ିଶା ସ୍ୱତନ୍ତ୍ର ଦଳର ଜଣେ ନେତା ।

ଗତ ସାଧାରଣ ନିର୍ବାଚନ ପରେ ସ୍ୱତନ୍ତ୍ର ଦଳ, ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡ ଦଳକୁ ନେଇ ମିଳିତ ସାମ୍ମୁଖ୍ୟ ବିଧାୟକ ଦଳର ନେତାରୂପେ ନିର୍ବାଚିତ ହୋଇ ୧୯୭୧ ଏପ୍ରିଲ ୩ ତାରିଖରେ ଓଡ଼ିଶା... ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ନିଜ ଅଧୀନରେ ଅର୍ଥ ଏବଂ ଯୋଜନା ଓ ସମନ୍ୱୟ ବି... ଇଂଜିନିୟରିଂ ସଂସ୍ଥା ବ୍ୟତୀତ) ବିଭାଗ ରଖିଛନ୍ତି ।



# ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ

ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ୧୯୧୨ ମାର୍ଚ୍ଚ ୩୧ ତାରିଖ ଦିନ ସରାଇକେଲା ମହାରାଜାଙ୍କ ...ଶିଷ୍ଟ ପୁତ୍ରରୂପେ ସରାଇକେଲାଠାରେ ଜନ୍ମଗ୍ରହଣ କରିଥିଲେ । ପାଟଣାର ସ୍ୱର୍ଗତ ମହାରାଜା ପୃଥ୍ୱୀରାଜ ...ହ ଦେଓ ୧୯୨୨ ମସିହାରେ ତାଙ୍କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିଥିଲେ । ୧୯୩୩ ମସିହା ସେପ୍ଟେମ୍ବର ...ରରେ ସେ ପାଟଣା ରାଜ୍ୟର ପୂର୍ଣ୍ଣ ପ୍ରଶାସନିକ କ୍ଷମତା ଲାଭ କରିଥିଲେ । ଆଜମୀରର ମେୟୋ କଲେଜ ଓ ...ନାର୍‌ବୋର୍ଗ କଲମ୍ବିଆ କଲେଜରେ ଶ୍ରୀ ସିଂହ ଦେଓ ଶିକ୍ଷା ପାଇଥିଲେ । ସେ ଜଣେ ଅତି ମେଧାବୀ ଛାତ୍ର ଓ ...ଡ଼ାପ୍ରେମୀ ଥିଲେ । ଆଜମୀରର ମେୟୋ କଲେଜରେ ୧୯୨୨—୧୯୨୯ ପର୍ଯ୍ୟନ୍ତ ଅଧ୍ୟୟନ କରୁଥିବା ...ମୟରେ ବାର୍ଷିକ ପରୀକ୍ଷାଗୁଡିକରେ ସେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ସେଥିପାଇଁ ପ୍ରତିବର୍ଷ ଅନ୍ୟାନ୍ୟ ...ଷୟରେ ପୁରସ୍କାର ପାଇବା ବ୍ୟତୀତ ପରୀକ୍ଷାଜନିତ କୃତିତ୍ୱ ଓ ଶ୍ରେଣୀ ପୁରସ୍କାରଗୁଡିକ ମଧ୍ୟ ସେ ଲାଭ ...ରୁଥିଲେ । ଭାରତରେ ରାଜପୁତମାନଙ୍କ ପାଇଁ ରହିଥିବା କଲେଜ (ଚିଫ୍ କଲେଜ ଇନ୍ ଇଣ୍ଡିଆ) ଗୁଡିକରେ ...ଧ୍ୟୟନ କରୁଥିବା ଛାତ୍ରମାନଙ୍କ ମଧ୍ୟରେ ସେ ଡିପ୍ଲୋମା ପରୀକ୍ଷା (୧୯୨୯)ରେ ପ୍ରଥମ ସ୍ଥାନ ଅଧିକାର ...ରିଥିଲେ ଏବଂ ୱାଇସରାୟଙ୍କ ସ୍ୱର୍ଣ୍ଣପଦକ ସମେତ ବହୁ ପୁରସ୍କାର ଲାଭ କରିଥିଲେ । ଅଶ୍ୱାରୋହଣ, ପୋଲୋ, ...କେଟ, ଟେନିସ୍, ଫୁଟବଲ୍ ଏବଂ ହକି ଇତ୍ୟାଦି କ୍ରୀଡ଼ା କସରତରେ ଅଂଶ ଗ୍ରହଣ କରିଥିଲେ ଓ ହକି ଏବଂ ...ଟବଲ୍ ଖେଳରେ କଲେଜ ପତାକା (କଲେଜ କଲର୍ସ) ହାସଲ କରିଥିଲେ । ଖେଳ କସରତ ବିଶେଷତଃ ...ମ୍ପ୍ ଓ ହାଇଜମ୍ପରେ ପ୍ରଥମ ସ୍ଥାନ ଅଧିକାର କରି ସେ ଅନେକ କପ୍ ଓ ପଦକ ପାଇଥିଲେ ।

ମେୟୋ କଲେଜର ଅଧ୍ୟକ୍ଷ ଶ୍ରୀ ଏଫ୍. ଏ. ଲେଜେଲି ଜୋନ୍ସ ତାଙ୍କ ସମ୍ବନ୍ଧରେ ଲେଖିଛନ୍ତି—

"ସେ ନିଶ୍ଚୟ ଅସାଧାରଣ ଖ୍ୟାତି ଲାଭ କରିବେ । ତାଙ୍କର ସାମାଜିକ ପ୍ରତିପତ୍ତି, ଅର୍ଥ, ବୁଦ୍ଧି, ...ଶାରୀରିକ ଯୋଗ୍ୟତା, ବ୍ୟବହାର, ଚରିତ୍ର ଓ ସବୁକିଛି ରହିଛି । ମୋର ୨୮ ବର୍ଷ ଅଭିଜ୍ଞତା ମଧ୍ୟରେ ମୁଁ ...ଲେ ଜଣଙ୍କୁ ଜାଣିଛି ସେମାନଙ୍କ ମଧ୍ୟରେ ଏ ହେଉଛନ୍ତି ସର୍ବୋତ୍କୃଷ୍ଟ ବ୍ୟକ୍ତି ।"

ଡିପ୍ଲୋମା ପରୀକ୍ଷା ପରେ ବିଭିନ୍ନ ବିଷୟରେ ଶିକ୍ଷାଲାଭ ସକାଶେ ସେ ଭାରତ ଓ ସିଂହଳର ବହୁ
ଭାରତର ରାଜଧାନୀ ବହୁ ଅଞ୍ଚଳ ଭ୍ରମଣ କରିଥିଲେ । ତାହାପରେ ସେ ହଜାରିବାଗଠାରେ ପୁଣି
ଅଧ୍ୟୟନ କରିଥିଲେ ଓ ପାଟଣା ବିଶ୍ୱବିଦ୍ୟାଳୟର ଆଇ. ଏ. ପରୀକ୍ଷାରେ ନିଜ କଲେଜରେ ୧୯୩୧
ପ୍ରଥମ ସ୍ଥାନ ଅଧିକାର କରିଥିଲେ । ତାଙ୍କର ପ୍ରଶାସନିକ ତାଲିମ ନେବା ଆବଶ୍ୟକ ହେବାରୁ
ବିଶ୍ୱବିଦ୍ୟାଳୟ ସିନେଟ୍ ଏକ ବିଶେଷ ପ୍ରସ୍ତାବରେ ତାଙ୍କୁ ଘରେଇ ଭାବରେ ବି. ଏ. ପରୀକ୍ଷା ଦେବାକୁ
ଦେଇଥିଲେ, କାରଣ ସେ ଥିଲେ ଜଣେ ମେଧାବୀ ଛାତ୍ର । ଯଦିଓ ମହାରାଜା ନିଜର ଅଧ୍ୟୟନ ବ୍ୟ
ଏବଂ ବମ୍ବେ ଓ ମୁଙ୍ଗେରରେ ପ୍ରଶାସନିକ ତାଲିମ ନେଇବା ସମୟରେ ଘରୋଇ ଭାବରେ ଅନେକ ଶ
କରିଥିଲେ, ତଥାପି ପାଟଣା ବିଶ୍ୱବିଦ୍ୟାଳୟର ଅନୁମତି ଅନୁଯାୟୀ ଘରେଇ ଭାବରେ ବି. ଏ. ପରୀକ୍ଷା
ସମର୍ଥ ହୋଇ ନ ଥିଲେ । କାରଣ ୧୯୩୩ ମସିହା ଫେବ୍ରୁୟାରୀ ମାସରେ ତାଙ୍କୁ ଶାସନ କ୍ଷମତା ଅର୍ପ
ଯାଇଥିଲା ।

ମହାରାଜା ୧୯୩୭ ଏପ୍ରିଲ ମାସରେ ପାଟିଆଲାର ସ୍ୱର୍ଗତ ମହାରାଜାଧିରାଜଙ୍କ କନ୍ୟା
କୈଳାସକୁମାରୀ ଦେବୀଙ୍କୁ ବିବାହ କରିଥିଲେ ଓ ତାଙ୍କର ଦୁଇଟି ପୁତ୍ର ଓ ଗୋଟିଏ କନ୍
ହୋଇଥିଲେ ।

ଭାରତୀୟ ଇଉନିଅନ ସହିତ ମିଶିବା ପାଇଁ ଚୁକ୍ତି ସ୍ୱାକ୍ଷର କରିବାରେ ପାଟଣା ମହାରାଜା
ପ୍ରଥମ । ସେ ଚେମ୍ବର ଅଫ୍ ପ୍ରିନ୍ସେସ୍‌ର ସଭ୍ୟ । ପୂର୍ବାଞ୍ଚଳ ରାଜନ୍ୟ ପରିଷଦ (କାଉନ୍‌ସିଲ ଅଫ୍
ଅଫ୍ ଦି ଇଷ୍ଟର୍ଣ୍ଣ ଷ୍ଟେଟ୍ ଏଜେନ୍‌ସି)ର ଉପ-ସଭାପତି ଓ ପୂର୍ବାଞ୍ଚଳ ରାଜ୍ୟ ବନ୍ୟ ଓ କୃଷି ବୋର୍ଡର ଚେୟା
ଥିଲେ । ଅଧିକନ୍ତୁ ସେ ଥିଲେ ପୂର୍ବାଞ୍ଚଳ ଦେଶୀୟ ରାଜ୍ୟ ସ୍ୱାଧୀନୋତ୍ତର ପୁନର୍ଗଠନ କମିଟି ଓ ପୂର୍ବାଞ୍ଚଳ
ରାଜ୍ୟ ଇଉନିଅନ ଷ୍ଟାଣ୍ଡିଂ କମିଟିର ସଭ୍ୟ ; ବହ୍ମପୁର ରାଜକୁମାର କଲେଜ ସାଧାରଣ ପରିଷଦର
ନିଖିଳ ଭାରତ ସାଂସ୍କୃତିକ ଏକତା ସମ୍ମିଳନୀର ପ୍ରଧାନ ପୃଷ୍ଠପୋଷକ ; ନିଖିଳ ଭାରତ ଗୋ-ମଙ୍ଗଳ
ପ୍ରଦର୍ଶନ ସମିତି; କଳିଙ୍ଗ ଐତିହାସିକ ଗବେଷଣା ସମିତି; କୋଶଳ କଳାମଣ୍ଡଳ ଓ ଅନ୍ୟାନ୍ୟ ସା
ସାହିତ୍ୟିକ ଓ ଗବେଷଣା ପ୍ରତିଷ୍ଠାନଗୁଡ଼ିକର ପୃଷ୍ଠପୋଷକ ।

ମହାରାଜା ତାଙ୍କ ଶାସନ କାଳରେ ଅସ୍ପୃଶ୍ୟତା ଦୂର କରିଥିଲେ, ହରିଜନମାନଙ୍କୁ ମନ୍ଦିରରେ
କରିବା ପାଇଁ ଅନୁମତି ଦେଇଥିଲେ ଓ ବଲାଙ୍ଗୀରଠାରେ କଳା ଓ କମର୍ସ କଲେଜ, ଆୟୁର୍ବେଦ ଔଷ
ସଂସ୍କୃତ କଲେଜ ଓ କୃଷି ବିଦ୍ୟାଳୟ ଇତ୍ୟାଦି ସ୍ଥାପନ କରିଥିଲେ । ସେ ବଲାଙ୍ଗୀରରେ ଜନ୍ମତ
ସାମାଜିକ ସୁଖ ଓ ସ୍ୱାଚ୍ଛନ୍ଦ୍ୟର ବ୍ୟବସ୍ଥା କରିଥିଲେ, ସମବାୟ ବ୍ୟାଙ୍କ ଓ ସମିତି, କୃଷି ବଜାର ଓ
ହଜାରିବାଗ ଓ ଆଇନ ପ୍ରଣୟନକାରୀ 'ସଭା ଓ ମନ୍ତ୍ରିମଣ୍ଡଳ ଦ୍ୱାରା ପରିଚାଳିତ ଶାସନ (କ୍ୟାବିନେଟ ସି
ଗଭର୍ଣ୍ଣମେଣ୍ଟ) ବ୍ୟବସ୍ଥା ସଂଗଠିତ କରିଥିଲେ ଓ ତାଙ୍କର ମନ୍ତ୍ରିମଣ୍ଡଳରେ ଦୁଇଜଣ ଲୋକପ୍ରିୟ ବ୍ୟକ୍ତି
ନିଆଯାଇଥିଲା । ତାଙ୍କ ଉଦ୍ୟମରେ ରାଜସ୍ୱ, ଉତ୍ତରାଧିକାର ଓ ଅନ୍ୟାନ୍ୟ ଆଇନଗୁଡ଼ିକୁ ଗ୍ରନ୍ଥ ଆ
ଲିପିବଦ୍ଧ କରାଯାଇଥିଲା ଓ ଶିକ୍ଷା ପଦ୍ଧତିର ଉନ୍ନତି ସାଧିତ ହୋଇଥିଲା ।

ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ପରେ ସେହି ରାଜ୍ୟଗୁଡ଼ିକରେ ଜନସାଧାରଣଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଦେଇଥିଲା । ଏହି ଅସନ୍ତୋଷକୁ ଦୃଢ଼ଭାବରେ ପ୍ରକାଶ କରିବା ଓ କେନ୍ଦ୍ରୀୟ ଶାସନର କୁଶାସନର ପ୍ରତିରୋଧ କରି ଦେଶରେ ପ୍ରକୃତ ଗଣତନ୍ତ୍ର ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ "ଗଣତନ୍ତ୍ର ପରିଷଦ" ନାମକ ଏକ ନୂତନ ରାଜନୈତିକ ଦଳ ମହାରାଜା ଶ୍ରୀ ଆର୍. ଏନ୍. ସିଂହ ଦେଓଙ୍କ ନେତୃତ୍ୱରେ ୧୯୫୦ ମସିହାରେ ଗଠିତ ହୋଇଥିଲା । ଦୁଇଟି ସାଧାରଣ ନିର୍ବାଚନ ମଧ୍ୟରେ ଏହି ଦଳ ଓଡ଼ିଶା ରାଜ୍ୟ ବିଧାନ ସଭାର ମୁଖ୍ୟ ବିରୋଧୀ ଦଳରୂପେ କାର୍ଯ୍ୟ କରିଆସିଥିଲା ଓ ୧୯୬୨ ମସିହା ପାର୍ଲାମେଣ୍ଟ ନିର୍ବାଚନ ପରେ ସ୍ୱତନ୍ତ୍ର ଦଳ ସହିତ ଏହି ଦଳର ମିଶ୍ରଣ ଘଟିଲା ।

ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଅନେକ ବର୍ଷ ପର୍ଯ୍ୟନ୍ତ ଦଳର ସଭାପତି ରହି ଦଳକୁ ସଂଗଠିତ ଓ ଦୃଢ଼ୀଭୂତ କରିପାରିଥିଲେ । ୧୯୫୨ ମସିହାରେ ସେ ପ୍ରାୟ ୧ ଲକ୍ଷ ୧୦ ହଜାର ଅଧିକ ଭୋଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ ଏବଂ ପ୍ରଥମ ଲୋକସଭାରେ ଜଣେ ଦକ୍ଷ ବ୍ୟବସ୍ଥାପକ ରୂପେ ଖ୍ୟାତି ଲାଭ କରିଥିଲେ । ୧୯୫୭ ମସିହା ଦ୍ୱିତୀୟ ସାଧାରଣ ନିର୍ବାଚନରେ ସେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଉକ୍ତ ନିର୍ବାଚନରେ ତାଙ୍କ ଦଳ ୫୧ଟି ସ୍ଥାନ ହାସଲ କରିଥିବା ସ୍ଥଳେ କଂଗ୍ରେସ ଦଳ ୫୬ଟି ସ୍ଥାନ ହାସଲ କରିଥିଲେ । ୧୯୫୭ରୁ ୧୯୫୯ ମସିହା ମଧ୍ୟରେ ଶ୍ରୀ ସିଂହ ଦେଓ ଓଡ଼ିଶା ବିଧାନ ସଭା ବିରୋଧୀ ଦଳର ନେତା ରହିଥିଲେ ଏବଂ ଜଣେ ଅଭିଜ୍ଞ ବ୍ୟବସ୍ଥାପକ ଓ ଜାଣୁଆ ନେତା ହିସାବରେ ଖ୍ୟାତି ଲାଭ କରିଥିଲେ । ୧୯୫୯ ମସିହାରେ କଂଗ୍ରେସ ଦଳ ଗଣତନ୍ତ୍ର ପରିଷଦ ସହିତ ମିଳିତ ସରକାର ଗଢ଼ିବାକୁ ବାଧ୍ୟ ହେଲେ ଓ ମିଳିତ ମନ୍ତ୍ରୀମଣ୍ଡଳର ଉପ-ନେତା ହିସାବରେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ୨୧ ମାସର ମିଳିତ ସରକାରରେ ଶିଳ୍ପ, ଖଣି ଓ ଆଇନ ଭଳି ପ୍ରଧାନ ପ୍ରଧାନ ବିଭାଗ ସମେତ ଅର୍ଥ ବିଭାଗର ମନ୍ତ୍ରୀ ମଧ୍ୟ ରହିଥିଲେ । ପ୍ରତ୍ୟେକ ସ୍ତରରେ ରାଜନୈତିକ ନୈତିକବୋଧ, ସଂହତି, ସାଧୁତା ପ୍ରଭୃତିରେ ପୁନରୁଦ୍ଧାର ହେବା ଫଳରେ ଓଡ଼ିଶାରେ ଏକ ନିର୍ମଳ ଶାସନ ପ୍ରବର୍ତ୍ତିତ ହେଲା । ମହାରାଜା ୧୯୬୧ ମସିହାରେ ଓଡ଼ିଶା ବିଧାନ ସଭାକୁ ପୁନଃ ନିର୍ବାଚିତ ହେଲେ ଓ ବିରୋଧୀ ଦଳର ନେତା ହିସାବରେ ନିଜର ସାମର୍ଥ୍ୟ ପ୍ରତିପାଦନ କରିବା ସଙ୍ଗେ ସଙ୍ଗେ ଉଚ୍ଚ ସ୍ତରରେ ଦୁର୍ନୀତି ବିରୁଦ୍ଧରେ ଏକ ଅଭିଯାନ ଚଳାଇଲେ । ଶ୍ରୀ ସିଂହ ଦେଓ ସ୍ୱତନ୍ତ୍ର ଦଳର ଓଡ଼ିଶା ଶାଖାର ସଭାପତି, ସ୍ୱତନ୍ତ୍ର ଦଳର ଉପ-ସଭାପତି, ସ୍ୱତନ୍ତ୍ର ଦଳର କେନ୍ଦ୍ରୀୟ ପାର୍ଲାମେଣ୍ଟାରୀ ବୋର୍ଡର ସଦସ୍ୟ ଅଟନ୍ତି । ୧୯୬୪ ମସିହାଠାରୁ ସେ ରାଜ୍ୟ ସରକାରୀ ଆଶ୍ୱାସନ କମିଟିର ଚେୟାରମ୍ୟାନ ହୋଇଥିଲେ । ୧୯୬୭ ମସିହା ଚତୁର୍ଥ ସାଧାରଣ ନିର୍ବାଚନରେ ଶ୍ରୀ ସିଂହ ଦେଓ ବଲାଙ୍ଗୀର ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୭୧ ମସିହାରେ ଉକ୍ତ ନିର୍ବାଚନ ମଣ୍ଡଳୀରୁ ରାଜ୍ୟ ବିଧାନ ସଭାକୁ ପୁନଃ ନିର୍ବାଚିତ ହୋଇଛନ୍ତି ।

ତାଙ୍କର ଦକ୍ଷ ନେତୃତ୍ୱବଳରେ ମିଳିତ ସରକାର ଅନେକ ପ୍ରଗତିମୂଳକ ବ୍ୟବସ୍ଥା ଗ୍ରହଣ କରିଥିଲେ । ରାଜ୍ୟରୁ ଭୂ-ରାଜସ୍ୱ ଓ ଜମି ସୂତ୍ର ଟିକସ ଉଚ୍ଛେଦ, ପୂର୍ବତନ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ତଦନ୍ତ କମିଶନ ବସାଇବା ଏବଂ ବହୁଳ ଗ୍ରାମ ପଞ୍ଚାୟତ ବିରୁଦ୍ଧରେ ଦୁର୍ନୀତି ଅଭିଯୋଗ ସଂପର୍କରେ ତଦନ୍ତ କମିଟି ନିଯୁକ୍ତ କରିବା ଉଲ୍ଲେଖଯୋଗ୍ୟ ବ୍ୟବସ୍ଥା ଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ରାଜ୍ୟରେ ଦ୍ରୁତ ଶିଳ୍ପବିକାଶ ପାଇଁ ଏକ ସଂଶୋଧିତ

ଶିଳ୍ପ ଗଠନ ମଧ୍ୟ ତାଙ୍କ ସମୟରେ ଅନୁସୃତ ହୋଇଥିଲା । ଶିକ୍ଷା ନୀତିକୁ କର୍ମୋନ୍ମୁଖୀ କରାଇବା ଓ ସାର ସ... ସବୁଜ ବିପ୍ଳବକୁ ତ୍ୱରାନ୍ୱିତ କରିବା ଦିଗରେ ମଧ୍ୟ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଥିଲା । ଉକ୍ତ ସମୟ ମ... ଶାସନ ବିଭାଗରୁ ବିତ୍ତ ବିଭାଗର ପୃଥକ୍‌କରଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇଥିଲା ।

୧୯୬୮-୬୯ ମସିହା ମଧ୍ୟରେ ଶ୍ରୀ ସିଂହ ଦେଓ ଆମେରିକା, କାନାଡ଼ା, ପଶ୍ଚିମ ଜର୍ମାନୀ, ଜାପାନ ଓ ଅନ୍... ୟୁରୋପୀୟ ଓ ଏସୀୟ ଦେଶ ପରିଭ୍ରମଣରେ ଯାଇଥିଲେ । ଏସବୁ ଦେଶମାନଙ୍କରେ ସେ ପର୍ଯ୍ୟଟ... ଐତିହାସିକ ପ୍ରାଧାନ୍ୟବିଶିଷ୍ଟ ସ୍ଥାନମାନ ପରିଦର୍ଶନ କରିବା ସଙ୍ଗେ ସଙ୍ଗେ ସେସବୁ ଦେଶମାନଙ୍କରେ ଶିଳ୍ପ... କୃଷି ସଂପର୍କୀୟ ଅଗ୍ରଗତି ଅନୁଧ୍ୟାନ କରିଥିଲେ ।

ଯେତେବେଳେ ସ୍ୱତନ୍ତ୍ର ପରିଚାଳିତ ମିଳିତ ସରକାରର ଅନ୍ୟ ଏକ ଅଂଶୀଦାର ଜନକଂଗ୍ରେସ ଦଳ ମି... ସରକାରରୁ ତାଙ୍କ ସମର୍ଥନ ପ୍ରତ୍ୟାହାର କରିନେବା ପାଇଁ ନିଷ୍ପତ୍ତି କଲେ ଏବଂ ସବୁ ଜନକଂଗ୍ରେସ ମ... ସେମାନଙ୍କର ଇସ୍ତଫାପତ୍ର ପ୍ରଦାନ କଲେ, ସେତେବେଳେ ଶ୍ରୀ ସିଂହ ଦେଓ ମିଳିତ ସରକାରର ମୁଖ୍ୟମ... ୧୯୭୧ ଜାନୁୟାରି ୯ ତାରିଖ ଦିନ ଇସ୍ତଫା ପ୍ରଦାନ କରି ବିଧାନ ସଭା ଭାଙ୍ଗିଦେବା ପାଇଁ ସୁପାରିଶ କରି... ଅବସ୍ଥା କ୍ରମେ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଜାରି ହେଲା ଓ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ କରାଗଲା ।

ନିର୍ବାଚନ ପରେ ଶ୍ରୀ ସିଂହ ଦେଓ ରାଜ୍ୟ ବିଧାନ ସଭା ସ୍ୱତନ୍ତ୍ର ଦଳର ଦଳପତିଭାବେ ପୁନର୍ବାର ନିର୍ବା... ହେଲେ । ସ୍ୱତନ୍ତ୍ର, ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡ ଦଳକୁ ନେଇ ଗଠିତ ହୋଇଥିବା ମିଳିତସାମ୍ମୁଖ୍ୟ ବିଧ... ସଭା ଦଳର ଉପ-ଦଳପତି ଭାବେ ଶ୍ରୀ ସିଂହ ଦେଓ ନିର୍ବାଚିତ ହୋଇଛନ୍ତି । ମିଳିତସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ... ମନ୍ତ୍ରୀଭାବେ ଶ୍ରୀ ସିଂହ ଦେଓ ରାଜନୀତିକ ଓ ଶାସନ ସଂସ୍ଥା ବିଭାଗ (ନଗର ଉପତ୍ୟକା ଜଳସ୍ୱନ ବ୍ୟତୀତ), ଶିଳ୍ପ... ସ୍ୱରାଷ୍ଟ୍ର (ଲୋକସଂପର୍କ ଓ ପର୍ଯ୍ୟଟନ) ବିଭାଗର ଦାୟିତ୍ୱ ବହନ କରିଛନ୍ତି ।



# ଶ୍ରୀ ନୀଳମଣି ରାଉତରାୟ

ଶ୍ରୀ ନୀଳମଣି ରାଉତରାୟ ୧୯୬୭ ଠାରୁ ୧୯୭୧ ପର୍ଯ୍ୟନ୍ତ ସମୟକୁ ଛାଡ଼ି, ନିରବଚ୍ଛିନ୍ନ ଭାବରେ ରାଜ୍ୟ ଧାନ ସଭାର ସଦସ୍ୟ ରୂପେ ରହି ଆସିଛନ୍ତି । ଶ୍ରୀ ରାଉତରାୟ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ. ଓ ଲ୍. ଏଲ୍. ବି. ଉପାଧି ହାସଲ କରି ଥିଲେ । ସେ ଅତି ଅଳ୍ପ ବୟସରୁ ରାଜନୀତି ଓ ସାମାଜିକ କାର୍ଯ୍ୟ ହିତ ସଂପୃକ୍ତ ହୋଇ ଆସିଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ୧୯୩୨ ମସିହାରେ ସେ ଯେତେବେଳେ ଜେଲ୍ ବରଣ କରିଥିଲେ ସେତେବେଳେ ସେ ଥିଲେ ବାର ବର୍ଷ ବୟସର ବାଳକ । ଜନୀତିକ କାର୍ଯ୍ୟକଳାପ ଯୋଗୁଁ ତାଙ୍କୁ ପାଟଣା ବିଶ୍ୱବିଦ୍ୟାଳୟରୁ ବହିଷ୍କାର କରାଯାଇଥିଲା ଓ ୧୯୪୨ ସିହାର ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବା ଫଳରେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ମଧ୍ୟ ହିଷ୍କୃତ ହୋଇଥିଲେ । ପରେ ଶ୍ରୀ ରାଉତରାୟ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ. ଓ ଏଲ୍. ଏଲ୍. ବି. ଡିଗ୍ରୀ ସଲ କରିଥିଲେ ।

ସେ କଲିକତା ଓଡ଼ିଆ ସମାଜର ସମ୍ପାଦକ ଥିଲେ ଏବଂ ୧୯୪୬ରେ ମୁସଲିମ ଲିଗ୍‌ର 'ପ୍ରତ୍ୟକ୍ଷ ନ୍ଦୋଳନ' ବେଳେ ସେଠାରେ ଦଙ୍ଗାଗ୍ରସ୍ତ ଓଡ଼ିଆମାନଙ୍କର ସେବା ଶୁଶ୍ରୂଷାରେ ନିଜକୁ ନିୟୋଜିତ ରିଥିଲେ । କଲେଜ ଜୀବନରେ ସେ ଜଣେ ସକ୍ରିୟ ଛାତ୍ରନେତା ଥିଲେ ଓ ଅଖିଲ ଭାରତ ଛାତ୍ରସଂଘ ଡ଼ିଶା ଶାଖାର ଜଣେ ପ୍ରତିଷ୍ଠାତା ଥିଲେ । ଏହି ଛାତ୍ର ସଂଗଠନର କାର୍ଯ୍ୟକଳାପ ସହିତ ସଂପୃକ୍ତ ଥିବାରୁ ହିଁ ବହୁବାର କାରାବରଣ କରିବାକୁ ପଡ଼ିଥିଲା ।

ତାଙ୍କରି ଉଦ୍ୟମରେ ଭାରତୀୟ ଜାତୀୟ ଟ୍ରେଡ୍ ୟୁନିଅନ କଂଗ୍ରେସର ଓଡ଼ିଶା ଶାଖା ସଂଗଠିତ ଇପାରିଥିଲା । ଶ୍ରୀ ରାଉତରାୟ ଏହି ଅନୁଷ୍ଠାନର ଓଡ଼ିଶା ଶାଖାର ସାଧାରଣ ସମ୍ପାଦକ ଥିଲେ ଏବଂ ୫୪ ମସିହାରେ ଏହାର ସଭାପତି ହୋଇଥିଲେ ।

ପ୍ରଥମ ଥର ପାଇଁ ସେ ୧୯୪୮ ମସିହାରେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ୬୨ ଓ ୧୯୫୭ ସାଧାରଣ ନିର୍ବାଚନରେ ସେ ଯଥାକ୍ରମେ ଧାମନଗର ଓ ସୁନ୍ଦବାଲି-ବାସୁଦେବପୁରରୁ

ନିର୍ବାଚିତ ହୋଇଥିଲେ । ୧୯୬୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ବାସୁଦେବପୁରରୁ ନିର୍ବା[illegible]
ହୋଇଥିଲେ । ୧୯୬୭ ନିର୍ବାଚନରେ ଶ୍ରୀ ବଜ୍ରବେସୁ ବାସୁଦେବପୁର ଆସନ ହରାଇ ୧୯୭୧ ମ[illegible]
ନିର୍ବାଚନରେ ପୁଣି ସେହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ।

ଓଡ଼ିଶାର ଜଣେ ପ୍ରବୀଣ ରାଜନୀତିଜ୍ଞ ତଥା ଦକ୍ଷ ଶାସନକର୍ତ୍ତା ଭାବରେ ଶ୍ରୀ ବଜ୍ରତବସୁଙ୍କର ଖ୍ୟାତି ର[illegible]
୧୯୫୬ଠାରୁ ୧୯୬୭ ମସିହା ମଧ୍ୟରେ ପ୍ରଥମେ ଉପମନ୍ତ୍ରୀ ଓ ପରେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ହିସାବ[illegible]
ଶ୍ରୀ ବଜ୍ରତବସୁ ସ୍ୱାସ୍ଥ୍ୟ, ଯୋଗାଣ, ବାଣିଜ୍ୟ, ରାଜନୀତିକ ଓ ଶାସନ ସଂସ୍କାର, ସମବାୟ ଓ ଜଙ୍ଗଲ ବିଭାଗ, [illegible]
କର୍ମନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦାୟିତ୍ୱରେ ରହିଥିଲେ । ଶ୍ରୀ ବଜ୍ରତବସୁ ଉତ୍କଳ କଂଗ୍ରେସର ସଭାପତି [illegible]
ରହିଛନ୍ତି । ଉତ୍କଳ କଂଗ୍ରେସ ମିଳିତ ସାମ୍ମୁଖ୍ୟ ଦଳର ଏକ ଅଂଶୀଦାର ରୂପେ ରହିଅଛି । ମିଳିତ ସାମ୍ମୁଖ୍ୟ ମ[illegible]
ମଣ୍ଡଳରେ ସେ ସ୍ୱାସ୍ଥ୍ୟ (ଲୋକ ସମ୍ପର୍କ ଓ ପର୍ଯ୍ୟଟନ ବିଭାଗ ବ୍ୟତୀତ), ଖଣି ଓ ଭୂତତ୍ତ୍ୱ, ଯୋଗାଣ ଓ [illegible]
(ସମବାୟ) ବିଭାଗ ଦାୟିତ୍ୱରେ ରହିଅଛନ୍ତି ।

ଅଭିରୁଚି : ରାଜନୀତିକ ଇତିହାସ ଓ ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ରାଜନୀତି ଘଟଣା ସଂସ୍[illegible]
ବିଷୟ ବସ୍ତୁ ଅଧ୍ୟୟନ । ଶ୍ରୀ ବଜ୍ରତବସୁ ସୁଇଜରଲାଣ୍ଡ, ଜର୍ମାନୀ, ଫ୍ରାନ୍ସ, ଯୁକ୍ତରାଜ୍ୟ ପରିଦର୍ଶନ କ[illegible]
ସଙ୍ଗେ ସଙ୍ଗେ ଜେନେଭାର ନଗରରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ଶ୍ରମିକ ସମ୍ମିଳନୀରେ ଭାରତ[illegible]
ପ୍ରତିନିଧି ଦଳର ନେତା ହିସାବରେ ଯୋଗ ଦେଇଥିଲେ ।

ବାଲେଶ୍ୱର ଜିଲ୍ଲାର ତିହିଡ଼ି ଥାନା ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ୧୯୨୦ ମସିହା ମେ ମାସ ୨୪ ତାରିଖ[illegible]
ଶ୍ରୀ ବଜ୍ରତବସୁ ଜନ୍ମ ଗ୍ରହଣ କରିଥିଲେ ।



# ଶ୍ରୀ ସିଦ୍ଧଲାଲ ମୁର୍ମୁ

୧୯୩୫ ମସିହା ନଭେମ୍ବର ମାସ ୧ ତାରିଖରେ ମୟୂରଭଞ୍ଜ ଜିଲ୍ଲାର ତମାଲବନ୍ଧ ପୋଷ୍ଟ ଅଫିସ ଅନ୍ତର୍ଭୁକ୍ତ ଡାଣ୍ଡବୋଷ ନାମକ ଏକ ଆଦିବାସୀ ଗ୍ରାମରେ ଶ୍ରୀ ମୁର୍ମୁଙ୍କର ଜନ୍ମ । ଛାତ୍ର ଜୀବନରୁ ଆଦିବାସୀମାନଙ୍କର ସାମାଜିକ ତଥା ଶିକ୍ଷାଗତ ଉନ୍ନତି ଦିଗରେ ଶ୍ରୀ ମୁର୍ମୁ ବିଶେଷ ଆଗ୍ରହୀ ଥିଲେ ।

ନିଜ ଗ୍ରାମ ଓ ବଙ୍ଗିରିପୋଷିଠାରେ ଶ୍ରୀ ମୁର୍ମୁ ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷା ଲାଭ କରିଥିଲେ । ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବୈଦେସୋର ଝାଂଝ କଲେଜରୁ ୧୯୬୭ ମସିହାରେ ବି. ଏ. ପାସ କରିଥିଲେ । ଅଧ୍ୟୟନ ବ୍ୟତୀତ ସେ ଅନ୍ୟାନ୍ୟ ଗୋଷ୍ଠୀଗତ କାର୍ଯ୍ୟରେ ବିଶେଷ ଆଗ୍ରହୀ ଥିଲେ । ୧୯୬୩ ମସିହାରେ ସେ କଲେଜ ଛାତ୍ର ସଂସଦର ସେକ୍ରେଟେରୀ ଥିଲେ ଏବଂ ଏନ୍. ସି. ସି. ର ଅଣ୍ଡର ଅଫିସର ରୂପେ ନିଯୁକ୍ତ ହୋଇଥିଲେ । ବି. ଏ. ପାସ୍ କଲାପରେ ସେ ୧୯୬୭ ମସିହାରେ ଅଖିଳ ଭାରତ ଝାଡ଼ଖଣ୍ଡ ଦଳରେ ଯୋଗ ଦେଇଥିଲେ ଓ ଅଖିଳ ଭାରତ ଝାଡ଼ଖଣ୍ଡ ଦଳର ମୟୂରଭଞ୍ଜ ଜିଲ୍ଲା ଶାଖାର ସାଧାରଣ ସଂପାଦକ ହୋଇଥିଲେ । ୧୯୬୭ ମସିହା ସାଧାରଣ ନିର୍ବାଚନରେ ବଙ୍ଗିରିପୋଷିରୁ ଝାଡ଼ଖଣ୍ଡ ଦଳର ପ୍ରାର୍ଥୀରୂପେ ରାଜ୍ୟ ବିଧାନ ସଭାକୁ ପ୍ରତିଦ୍ୱନ୍ଦ୍ୱିତା କରି ଶ୍ରୀ ମୁର୍ମୁ କୃତକାର୍ଯ୍ୟ ହୋଇ ପାରିନଥିଲେ ।

ନିଜେ ସାନ୍ତାଳ ହୋଇଥିବାରୁ ଶ୍ରୀ ମୁର୍ମୁ ସର୍ବଦା ଆଦିବାସୀ ସଂସ୍କୃତିର ବିକାଶ ନିମନ୍ତେ ଅଗ୍ରଣୀ । ତାଙ୍କର ବାପା ଡକ୍ଟର ରଘୁନାଥ ମୁର୍ମୁ ଡି. ଲିଟ୍ ଜଣେ ଖ୍ୟାତନାମା ସମାଜ ସଂସ୍କାରକ ଓ ଲେଖକ । ଡକ୍ଟର ମୁର୍ମୁ ସାନ୍ତାଳୀ ଭାଷାର 'OL' (ଅଲ୍) ଲିପି ଉଦ୍ଭାବନ ମଧ୍ୟ କରିଥିଲେ । ଆଦିବାସୀ ସମାଜ, ଶିକ୍ଷା ଓ ସାଂସ୍କୃତିକ ସଂଘର ଜଣେ ସକ୍ରିୟ ସଦସ୍ୟ ରୂପେ ଶ୍ରୀ ମୁର୍ମୁ ଅନ୍ୟମାନଙ୍କ ସହିତ 'ଅଲ୍' ଲିପିକୁ ଗ୍ରହଣ କରିବା ଓ ସ୍ୱୀକୃତି ଦେବା ନିମନ୍ତେ ଭାରତ ସରକାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ । ଶ୍ରୀ ମୁର୍ମୁ ବିବାହିତ ଓ ଗୋଟିଏ ପୁତ୍ର ସନ୍ତାନର ଜନକ ।

ଅଖିଳ ଭାରତ ଝାଡ଼ଖଣ୍ଡ ଦଳ ମିଳିତ ସାମ୍ମୁଖ୍ୟ ବିଧାନ ସଭା ଦଳର ଏକ ଅଂଶୀଦାର ହୋଇଥିବାରୁ ଶ୍ରୀ ମୁର୍ମୁ ଶ୍ରମ, କର୍ମନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦାୟିତ୍ୱ ସହ କ୍ୟାବିନେଟ୍ ପାହ୍ୟାର ମନ୍ତ୍ରୀରୂପେ ନିଯୁକ୍ତ ହୋଇଛନ୍ତି ।

# ଶ୍ରୀ ଦୟାନିଧି ନାୟକ



ଶ୍ରୀ ଦୟାନିଧି ନାୟକ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣାରେ ଜନ୍ମ ଗ୍ରହଣ କରିଥିଲେ । ସେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ। ନିଜ ଜିଲ୍ଲାର ଆଦିବାସୀ ଓ ହରିଜନମାନଙ୍କର ଉନ୍ନତିବିଧାନ ନିମନ୍ତେ ସେ ସର୍ବଦା ଅଗ୍ରଣୀ । ୧୯୪୨ ମସିହାରେ କଳାହାଣ୍ଡି ଜିଲ୍ଲାରେ ସେ ହରିଜନ ଆନ୍ଦୋଳନ ଆରମ୍ଭ କରିଥିଲେ । [illegible] ମସିହାରେ କଳାହାଣ୍ଡି ରାଜ୍ୟ ଉପଦେଷ୍ଟା ବୋର୍ଡ଼ର ସେ ସଭ୍ୟ ଥିଲେ । ୧୯୪୯ ମସିହାରେ କଳାହାଣ୍ଡି ଜିଲ୍ଲା ଦଳିତ ଜାତିସଂଘର ସଭାପତି ହୋଇଥିଲେ । ୧୯୫୫ ମସିହାରେ ଓଡ଼ିଶାର ଦଳିତ ଜାତିସଂଘର ଉପ-ସଭାପତି ହେଲେ । ୧୯୫୮ ମସିହାରେ ଚୈତନ୍ୟ ସଂଘର ସଭାପତି ହୋଇ ଦଳର ସଂଗଠନ କାର୍ଯ୍ୟରେ ସେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ୧୯୫୮ ମସିହାରେ ଭବାନୀପାଟଣା ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ଏବଂ ୧୯୬୧ ମସିହାରେ ବିରୋଧୀ ଦଳର ମୁଖ୍ୟ ସଚେତକ ଥିଲେ । ସେ ଓଡ଼ିଶା ବିଧାନ ସଭାକୁ ୧୯୫୨ ମସିହାରେ ଜୁନାଗଡ଼, ୧୯୬୧ ମସିହାରେ ଲୋକସଭା ଏବଂ ୧୯୬୭ ମସିହାରେ ଭବାନୀପାଟଣା ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ୧୯୭୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ସେ ଭବାନୀପାଟଣା ନିର୍ବାଚନମଣ୍ଡଳୀରୁ ପୁନର୍ବାର ନିର୍ବାଚିତ ହୋଇଛନ୍ତି ।

ଗତ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳରେ ଶ୍ରୀ ନାୟକ ପୂର୍ତ୍ତ ଓ ପରିବହନ ବିଭାଗର ମନ୍ତ୍ରୀରୂପେ ରାଜ୍ୟର ଅନୁନ୍ନତ ଅଞ୍ଚଳରେ ରାସ୍ତାଘାଟର ଉନ୍ନତି ବିଧାନ ନିମନ୍ତେ ଏକ ବ୍ୟାପକ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଇ-ଥିଲେ । ଏହି ସମୟ ମଧ୍ୟରେ ଅନେକ ପ୍ରଧାନ ପ୍ରଧାନ ରାସ୍ତା ନିର୍ମିତ ହୋଇଥିଲା । ଏହା ବ୍ୟତୀତ ରାଜ୍ୟ ପରିବହନ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅଗ୍ରଗତି ସାଧିତ ହୋଇଥିଲା ଓ ରାଜ୍ୟ ରାଜଧାନୀରୁ ଜିଲ୍ଲା ସଦର ମହକୁମା ଓ ପ୍ରଧାନ ପ୍ରଧାନ ଶିଳ୍ପବାଣିଜ୍ୟ କେନ୍ଦ୍ରକୁ ସିଧାସଳଖ ବସ୍ ଯାତାୟାତ ଆରମ୍ଭ କରାଯାଇଥିଲା । ମିଳିତ ସାମୁଖ୍ୟ ମନ୍ତ୍ରିମଣ୍ଡଳରେ ସେ କ୍ୟାବିନେଟ୍ ପାହ୍ୟାରେ ଖାଦ୍ୟ ଯୋଗାଣ ଓ ବାଣିଜ୍ୟ ଦାୟିତ୍ୱ ଗ୍ରହଣ କରିଅଛନ୍ତି ।



# ଶ୍ରୀ ବୃନ୍ଦାବନ ନାୟକ

୧୯୧୬ ମସିହା ଜୁଲାଇ ମାସରେ ଗଞ୍ଜାମ ଜିଲ୍ଲାର ଶାସନ ଅମ୍ବଗାଁରେ ଶ୍ରୀ ବୃନ୍ଦାବନ ନାୟକଙ୍କର ଜନ୍ମ । ସେ ଜଣେ ମେଧାବୀ ଛାତ୍ର ଥିଲେ । ମାଦ୍ରାଜ ବିଶ୍ୱବିଦ୍ୟାଳୟର ମାଟ୍ରିକ୍ୟୁଲେସନ୍ ପରୀକ୍ଷାରେ ସେ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସେ ବ୍ରହ୍ମପୁର ଖଲ୍ଲିକୋଟ କଲେଜରେ ଅଧ୍ୟୟନ କରିଥିଲେ ଏବଂ ସେଠାରୁ ଆଇ. ଏ. ପରୀକ୍ଷାରେ ଛାତ୍ରବୃତ୍ତି ପାଇଥିଲେ ।

**ରାଜନୈତିକ ତଥା ଅନ୍ୟାନ୍ୟ କାର୍ଯ୍ୟକଳାପ**—ସେ ୧୯୩୬ ମସିହାରେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ୧୯୩୭ ମସିହାରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଦସ୍ୟ ହୋଇଥିଲେ । ସେ ନିଖିଳ ଭାରତ କଂଗ୍ରେସ କମିଟିର ମଧ୍ୟ ସଦସ୍ୟ ହୋଇଥିଲେ । ସେ ୧୯୩୭ ମସିହାରେ ଏବଂ ୧୯୪୦ ମସିହାରେ ଗଞ୍ଜାମ ଜିଲ୍ଲାବୋର୍ଡ଼ରେ ସଭ୍ୟଥିଲେ ଏବଂ ୧୯୩୭ ମସିହାରେ ଗଞ୍ଜାମ ଜିଲ୍ଲା ଶିକ୍ଷାପରିଷଦର ମଧ୍ୟ ସଦସ୍ୟ ଥିଲେ । ୧୯୫୩, ୧୯୫୯ ଓ ୧୯୬୯ ମସିହାରେ ସେ ବ୍ରହ୍ମପୁର ମ୍ୟୁନିସିପାଲିଟିର ଚେୟାରମ୍ୟାନ୍ ହୋଇଥିଲେ । ୧୯୫୯ ମସିହାରେ ସେ ପୂର୍ତ୍ତ ଓ ପରିବହନ ବିଭାଗର ମନ୍ତ୍ରୀ ଥିଲେ । ୧୯୬୩ ମସିହାରେ ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତରାଜ ବିଭାଗର ମନ୍ତ୍ରୀ ହୋଇଥିଲେ । ୧୯୬୩ ମସିହାରୁ ଚାରିବର୍ଷ ପର୍ଯ୍ୟନ୍ତ ବ୍ରହ୍ମପୁର ଖଲ୍ଲିକୋଟ କଲେଜର ପରିଚାଳନା କମିଟିର ଉପସଭାପତି ହୋଇଥିଲେ । ଖଲ୍ଲିକୋଟ କଲେଜରେ ସ୍ନାତକୋତ୍ତର ଶ୍ରେଣୀ ଖୋଲିବା ତଥା ଶିକ୍ଷକମାନଙ୍କର ତାଲିମ ନିମନ୍ତେ ବ୍ୟବସ୍ଥା କରିବାରେ ତାଙ୍କର ବିଶେଷ ଅବଦାନ ରହିଛି । ନିଜ ଉଦ୍ୟମରେ ସେ ଗଞ୍ଜାମ ଜିଲ୍ଲାରେ ଅନ୍ୟ କେତେକ ଶିକ୍ଷାନୁଷ୍ଠାନ ମଧ୍ୟ ଖୋଲିଥିଲେ । ସେ ଓଡ଼ିଶା ରାଜ୍ୟ ସମବାୟ ଭୂ-ବନ୍ଧକ ବ୍ୟାଙ୍କ୍ ଓ ଓଡ଼ିଶା ରାଜ୍ୟ ସମବାୟ ସମିତିର ସଭାପତି । ସେ ଜାତୀୟ ସମବାୟ ସମିତିର ସଦସ୍ୟ । ଏହା ବ୍ୟତୀତ ସେ ବ୍ରହ୍ମପୁର

ବିଶ୍ୱବିଦ୍ୟାଳୟ ସିନେଟ୍‌ରେ ମଧ୍ୟ ସଦସ୍ୟ । ୧୯୫୩ ମସିହା ଉପନିର୍ବାଚନରେ ବ୍ରହ୍ମପୁର ନିର୍ବାଚନମଣ୍ଡଳୀରୁ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୧୯୫୭ ଓ ୧୯୬୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ଏ... ୧୯୬୭ ନିର୍ବାଚନରେ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ । ସେ ୧୯୭୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ ମଧ୍ୟ ଉତ୍କଳ କଂଗ୍ରେସ ପ୍ରାର୍ଥୀଭାବେ ହିଞ୍ଜିଳି ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି ।

ବାଣ୍ଡିବେଡ଼ି ତଥା ଉଦ୍ୟାନ କର୍ଷଣ କାର୍ଯ୍ୟପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି । ଏହାଛଡ଼ା ସମାଜ ସେବା ଓ ସ୍କାଉଟ ପ୍ରତି ତାଙ୍କର ବିଶେଷ ଅଭିନିବେଶ ଅଛି ।

ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ ନାୟକ ଯୋଜନା ଓ ସମନ୍ୱୟ ବିଭାଗ (ଗ୍ରାମ୍ୟ ଇଞ୍ଜିନିୟରିଂ ସଂଗଠନ) ଓ ପୌର ଜନସ୍ୱାସ୍ଥ୍ୟ ସଂସ୍ଥା ବିଭାଗର ଦାୟିତ୍ୱ ନେଇ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ହୋଇଛନ୍ତି ।



# ଶ୍ରୀ ଗଙ୍ଗାଧର ପ୍ରଧାନ

୧୯୨୯ ମସିହା ଜୁନ୍ ମାସରେ ସୁନ୍ଦରଗଡ଼ ଜିଲ୍ଲାର ବଇଡଙ୍ଗ ଗ୍ରାମରେ ଶ୍ରୀ ଗଙ୍ଗାଧର ପ୍ରଧାନ ଜନ୍ମ-ଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଶ୍ରୀ ଶଙ୍କର ପ୍ରଧାନ । ତାଙ୍କର ଶିକ୍ଷାଗତ ଯୋଗ୍ୟତା ହେଉଛି ମାଟ୍ରିକୁଲେସନ । ସେ ସୁନ୍ଦରଗଡ଼ ଜିଲ୍ଲାର ତଳସରା ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ୧୯୫୭, ୧୯୬୧ ଓ ୧୯୬୭ ନିର୍ବାଚନରେ ନିର୍ବାଚିତ ହୋଇଥିଲେ । ୧୯୭୧ ମସିହାରେ ସେ ଉକ୍ତ ନିର୍ବାଚନ-ମଣ୍ଡଳୀରୁ ବିଧାନ ସଭାପାଇଁ ମଧ୍ୟ ନିର୍ବାଚିତ ହୋଇଛନ୍ତି । ଆଦିବାସୀ କଲ୍ୟାଣ କାର୍ଯ୍ୟକ୍ରମ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି ।

ରାଜନୀତିକ ଓ ଅନ୍ୟାନ୍ୟ **କାର୍ଯ୍ୟକଳାପ:**—ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଉନ୍ନତି ବିଧାନ ପାଇଁ ସେ ଛାତ୍ର ଜୀବନରୁ ଧ୍ୟାନ ଦେଇ ଆସିଛନ୍ତି । ସକ୍ରିୟ ରାଜନୀତିରେ ଯୋଗ ଦେବା ପୂର୍ବରୁ ସେ ନିଜେ ଆରମ୍ଭ କରିଥିବା ଗୋଟିଏ ହାଇସ୍କୁଲରେ କିଛି ସମୟ ଶିକ୍ଷକତା କରିଥିଲେ ।

ଆଦିବାସୀମାନଙ୍କ ଅର୍ଥନୈତିକ ଉନ୍ନତି ବିଧାନ ନିମନ୍ତେ ସେ "ଭୂୟାଁ ସମାଜ ଉନ୍ନୟନ" ନାମକ ଗୋଟିଏ ସଂସ୍ଥା ଗଠନ କରି ସେଥିରେ ସଭାପତି ହୋଇଥିଲେ । ଶ୍ରୀ ପ୍ରଧାନ ଉତ୍କଳ ଆଦିବାସୀ ମଙ୍ଗଳ ସମିତିର ଉପ-ସଭାପତି ରହିଛନ୍ତି । ୧୯୬୬ ମସିହାରୁ ୧୯୬୯ ମସିହା ପର୍ଯ୍ୟନ୍ତ ସେ ସୁନ୍ଦରଗଡ଼ ଜିଲ୍ଲା ସ୍ୱତନ୍ତ୍ର ଦଳର ସଂପାଦକ ଥିଲେ । ସ୍ୱତନ୍ତ୍ର ଦଳ ରାଜ୍ୟ ପରିଷଦର ସେ ଜଣେ ସଦସ୍ୟ । ୧୯୬୭ରୁ ସେ ସମବାୟ ଓ ଜଙ୍ଗଲ ବିଭାଗର ଉପମନ୍ତ୍ରୀ ଥିଲେ ଓ ପରେ ପଶୁପାଳନ ଓ ମତ୍ସ୍ୟ ବିଭାଗର ମନ୍ତ୍ରୀ ହୋଇଥିଲେ । ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଗଠିତ ମିଳିତ ସଂଖ୍ୟାଗରିଷ୍ଠ ମନ୍ତ୍ରିମଣ୍ଡଳରେ ଶ୍ରୀ ପ୍ରଧାନ ତାଙ୍କର ପୂର୍ବ ବିଭାଗଗୁଡ଼ିକର ଦାୟିତ୍ୱରେ ରହିଛନ୍ତି ।



# ଶ୍ରୀ ପ୍ରହ୍‌ଲାଦ ମଲିକ

ନିଜ ଅଧ୍ୟବସାୟ ବଳରେ ଜଣେ ଯୁବକ ବାଧାବିଘ୍ନ ଅତିକ୍ରମ କରି କିପରି ଜୀବନରେ ଉନ୍ନ
ସୋପାନରେ ଆରୂଢ଼ ହୁଏ ଶ୍ରୀ ପ୍ରହ୍ଲାଦ ମଲିକ ତାହାର ଏକ ପ୍ରକୃଷ୍ଟ ଉଦାହରଣ । ଏପରିକି ଦାରିଦ୍ର୍
ସାମାଜିକ ବିଧିନିଷେଧ ତାଙ୍କର ଗତିରୋଧ କରିପାରି ନ ଥିଲା । ବରଂ ଲୋକଲୋଚନ ଗୋ
ଆସିବା ପାଇଁ ତାଙ୍କର ଯେଉଁ ଦୃଢ଼ ସଂକଳ୍ପ, ସେଥିରେ ଏସବୁ ସହାୟକ ହୋଇଥିଲା ।

କଟକ ଜିଲ୍ଲାର ମାର୍ଶାଘାଇ ପୋଷ୍ଟଅଫିସ ଅନ୍ତର୍ଗତ ପେଲପୁର ଗ୍ରାମରେ ଏକ ଗରିବ ଦ
ପରିବାରରେ ଶ୍ରୀ ମଲିକ ୧୯୨୯ ମସିହାରେ ଜନ୍ମ ଗ୍ରହଣ କରିଥିଲେ । ପ୍ରବେଶିକା ଶ୍ରେଣୀରେ ଅ
କାଳରେ ତାଙ୍କୁ ଉତ୍କଟ ଦାରିଦ୍ର୍ୟର କଷାଘାତ ସହ୍ୟ କରିବାକୁ ପଡିଥିଲା । ତାହା ଫଳରେ
ବର୍ଷ ସେ ପାଠପଢ଼ା ଛାଡ଼ିବାକୁ ବାଧ ହୋଇଥିଲେ । ୧୯୪୮-୪୯ ମସିହାରେ ପଟ୍ଟାମୁଣ୍ଡାଇ
ଇଂରାଜୀ ବିଦ୍ୟାଳୟରୁ ମାଟ୍ରିକ ପାଶ୍ କରି ସେ ରେଭେନ୍ସା କଲେଜରେ ଅଧ୍ୟୟନ କଲେ ଓ
ମସିହାରେ ସ୍ନାତକ ହେଲେ । ଛାତ୍ର ହିସାବରେ ସେ ଅସ୍ୱାସ୍ଥ୍ୟକର ସହରତଳି ଅଞ୍ଚଳ, ବିଶେ
କଟକ ସହରର ହରିଜନ ବସ୍ତିମାନଙ୍କରେ ରିଲିଫ୍ କାର୍ଯ୍ୟ କରିବାରେ ଅଗ୍ରଣୀ ଥିଲେ । ଉତ୍
ସଂଶଣାରେ ଯେତେବେଳେ ଶହଶହ ଲୋକ ହଇଜାରେ ଆକ୍ରାନ୍ତ ହେଉଥିଲେ, ଶ୍ରୀ ମଲିକ ସେତେବେ
ଜଣେ ସ୍ୱେଚ୍ଛାସେବକ ହିସାବରେ ଉଲ୍ଲେଖଯୋଗ୍ୟ ସେବା କରିଥିଲେ । କଲେଜ ଶିକ୍ଷା ଶେଷ ପରେ
ମାର୍ଶାଘାଇଠାରେ ଏକ ହାଇ ଇଂରାଜୀ ବିଦ୍ୟାଳୟ ସ୍ଥାପନ ଦିଗରେ ସାହାଯ୍ୟ କରିଥିଲେ ଓ
ବିଦ୍ୟାଳୟ ପ୍ରତିଷ୍ଠା ପରେ ୧୯୫୫-୫୬ ମସିହାରେ ସେ ସେଠାରେ ଏକବର୍ଷ ପର୍ଯ୍ୟନ୍ତ ଶିକ୍ଷକତା କରିଥି
ତାପରେ ସେ ଆଇନ କଲେଜରେ ଅଧ୍ୟୟନ କରି ଆଇନ ପାଠ୍ୟକ୍ରମର ପ୍ରଥମଭାଗ ସମାପ୍ତ କରିଥି
ଦଳିତ ଜାତିସଂଘ ଅଧୀନରେ ସେ କେତେ ଦିନପାଇଁ ଜିଲ୍ଲା ଇନସ୍‌ପେକ୍ଟର ରୂପେ ମଧ୍ୟ କାର୍ଯ୍ୟ କରିଥି

ତାଙ୍କର କଲେଜ ଶିକ୍ଷା ପ୍ରାରମ୍ଭରୁ ସେ ରାଜନୀତିକ କାର୍ଯ୍ୟକଳାପରେ ବିଶେଷ ଆଗ୍ରହ
କରୁଥିଲେ ଏବଂ ବାସ୍ତବରେ ୧୯୫୭ ମସିହାରେ ସେ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରିଥି

ଦ୍ୱିତୀୟ ସାଧାରଣ ନିର୍ବାଚନରେ ସେ କଂଗ୍ରେସ ପ୍ରାର୍ଥୀ ରୂପେ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହୋଇଥିଲେ । ରାଜ୍ୟ ବିଧାନସଭାରେ ବିଭିନ୍ନ ବିଷୟ ଆଲୋଚନାରେ ଅଂଶ ଗ୍ରହଣ କରି ଜଣେ ଉଚ୍ଚକୋଟୀର ବ୍ୟବସ୍ଥାପକ ରୂପେ ସେ ନିଜକୁ ପ୍ରତିଷ୍ଠିତ କରାଇ ପାରିଥିଲେ । ୧୯୬୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ପଞ୍ଚାମୁଣ୍ଡାଇ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ଅର୍ଥ, ଜଳସେଚନ ଓ ବିଦ୍ୟୁତ୍ ବିଭାଗର ଉପମନ୍ତ୍ରୀ ରହିଥିଲେ । ୧୯୬୭ ମସିହା ନିର୍ବାଚନରେ ପରାସ୍ତ ହୋଇଥିଲେ ମଧ୍ୟ ୧୯୭୧ ନିର୍ବାଚନରେ ସେ ଉତ୍କଳ କଂଗ୍ରେସର ପ୍ରାର୍ଥୀ ରୂପେ ଉଭୟ ରାଜନଗର (ସାଧାରଣ ସ୍ଥାନ) ଓ ପଞ୍ଚାମୁଣ୍ଡାଇ (ସଂରକ୍ଷିତ ସ୍ଥାନ) ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି । ଏ ଦୁଇଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ଶ୍ରୀ ମଲିକ ପଞ୍ଚାମୁଣ୍ଡାଇ ନିର୍ବାଚନ ମଣ୍ଡଳୀର ସଦସ୍ୟ ରହି ରାଜନଗରରୁ ଇସ୍ତଫା ଦେଇଛନ୍ତି ।

୧୯୬୧ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଥିଲାବେଳେ ଶ୍ରୀ ମଲିକ ଜଣେ ଦକ୍ଷ ସଂଗଠକ ହିସାବରେ ଉତ୍କଳ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ କମିଟିର ଜନୈକ ସାଧାରଣ ସମ୍ପାଦକରୂପେ ମନୋନୀତ ହୋଇଥିଲେ । ଶ୍ରୀ ମଲିକ ଗୋଟିଏ ଉତ୍କଟ ବନ୍ୟାଗ୍ରସ୍ତ ଅଞ୍ଚଳର ଅଧିବାସୀ ହୋଇଥିବାରୁ ବନ୍ୟା ସମୟରେ ବନ୍ୟା ରିଲିଫ୍ କାର୍ଯ୍ୟ ସଫଳତାର ସହିତ ସଂଗଠନ କରିପାରିଥିଲେ ।

ଶ୍ରୀଯୁକ୍ତ ବିଶ୍ୱନାଥ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀରୂପେ ଶ୍ରୀ ମଲିକ ଜଳସେଚନ ଓ ବିଦ୍ୟୁତ୍ (ଉଠା ଜଳସେଚନ ବ୍ୟତୀତ) ଓ ରାଜମାତକ ଏବଂ ଶାସନ ସଂସ୍ଥା (ନଦୀ ଉପତ୍ୟକା ଉନ୍ନୟନ) ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି ।



# ଶ୍ରୀ ଅନନ୍ତ ନାରାୟଣ ସିଂହ ଦେ

୧୯୨୯ ମସିହା ସେପ୍ଟେମ୍ବର ୫ ତାରିଖରେ 'ଗଞ୍ଜାମ' ଜିଲ୍ଲାର ଧରାକୋଟ ଗ୍ରାମରେ ଶ୍ରୀ ଅନନ୍ତ ନା ସିଂହ ଦେଓଙ୍କର ଜନ୍ମ । ସେ ବିଖ୍ୟାତ ଓଡ଼ିଆ କବି ଶ୍ରୀ କୃଷ୍ଣ ସିଂହଙ୍କର ବଂଶଧର । ଶ୍ରୀ କୃଷ୍ଣ ସି ଦ୍ୱାରା ଅନୂଦିତ 'ମହାଭାରତ' ଓଡ଼ିଶାରେ ଲୋକପ୍ରିୟ ହୋଇ ପାରିଛି ।

ଶିକ୍ଷା : ସେ କଟକ ଷ୍ଟୁଆର୍ଟ ସ୍କୁଲରେ ଅଧ୍ୟୟନ କରିଥିଲେ ଏବଂ ୧୯୪୭ ମସିହାରେ ଡେରାଡ଼ୁନ ଡୁନ୍ ସ୍କୁଲରୁ ସିନିୟର କେମ୍ବ୍ରିଜ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ତାପରେ ସେ ଦିଲ୍ଲୀ ସେଣ୍ଟ ଷ୍ଟିଫେନ କଲେଜରେ ଅଧ୍ୟୟନକରି ୧୯୫୧ ରେ ଗ୍ରାଜୁଏଟ ଡିଗ୍ରୀ ହାସଲ କରିଥିଲେ ।

୧୯୫୨ ରେ ଶ୍ରୀ ସିଂହ ଦେଓ ଗଣତନ୍ତ୍ର ପରିଷଦରେ ଯୋଗ ଦେଇଥିଲେ ଏବଂ କିଛି ସମୟ ପାଇଁ ଗ ଜିଲ୍ଲା ଶାଖାର ସଭାପତି ହୋଇଥିଲେ । ୧୯୫୮ ମସିହାରେ ଗଞ୍ଜାମ ଜିଲ୍ଲାର ଧରାକୋଟ ଗ୍ରାମ ପଞ୍ଚାୟ ସରପଞ୍ଚ ଭାବେ ତାଙ୍କର ରାଜନୀତିକ ଜୀବନର ସୂତ୍ରପାତ ହୋଇଥିଲା । ଓଡ଼ିଶାର ପ୍ରଥମ ପଞ୍ଚାୟତ ନିର୍ବାଚନରେ ଶ୍ରୀ ସିଂହ ଦେଓ ପଞ୍ଚାୟତ ସମିତିର ଚେୟାରମ୍ୟାନ ରୂପେ ନିର୍ବାଚିତ ହୋଇଥିଲେ । ୧ ମସିହାରେ ବ୍ରହ୍ମପୁର ଠାରେ ଏକ ସମ୍ମିଳନୀ ଆୟୋଜନ କରିବା ଦିଗରେ ଶ୍ରୀ ସିଂହ ଦେଓ ଓଡ଼ିଶା ପଞ୍ଚାୟ ସମ୍ମିଳନୀର ସେକ୍ରେଟେରୀ ରୂପେ ବିଶେଷ ଉଦ୍ୟମ କରିଥିଲେ ।

ଶ୍ରୀ ସିଂହ ଦେଓ ଗଞ୍ଜାମ ଜିଲ୍ଲା ପରିଷଦର ଜଣେ ସକ୍ରିୟ ସଦସ୍ୟ ଥିଲେ । ସେ ପଞ୍ଚାୟତର କାର୍ଯ୍ୟକ୍ରମକୁ ସଫଳତା ସହକାରେ କାର୍ଯ୍ୟକାରୀ କରିବା ଦିଗରେ ବିଶେଷ ସାହାଯ୍ୟ କରିଥିଲେ ।

୧୯୬୭ ମସିହାରେ ସେ ସୋରଡ଼ା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ଏବଂ ୧୯୭୧ ମ ନିର୍ବାଚନରେ ମଧ୍ୟ ସେହି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି । ୧୯୬୭ ମସିହା ସ୍ୱତନ୍ତ୍ର ଓ କଂଗ୍ରେସ ମିଳିତ ମନ୍ତ୍ରିମଣ୍ଡଳରେ ସେ ଗୋଷ୍ଠୀ ଉନ୍ନୟନ, ଯୋଜନା ଓ ପଞ୍ଚାୟତିରାଜ ବିଭାଗର ଉ ହୋଇଥିଲେ ଏବଂ ପରେ ତାହାଙ୍କୁ ଶିଳ୍ପ ଓ ବାଣିଜ୍ୟ ବିଭାଗର ଦାୟିତ୍ୱ ମଧ୍ୟ ଦିଆ ଯାଇଥିଲା । ସାମ୍ପ୍ରତିକ ମନ୍ତ୍ରିମଣ୍ଡଳରେ ଶ୍ରୀ ସିଂହ ଦେଓ କୃଷି ( ପଶୁପାଳନ, ସମବାୟ ଓ ମତ୍ସ୍ୟ ବିଭାଗ ବ୍ୟତୀତ ) ଗୋ ଉନ୍ନୟନ ଓ ପଞ୍ଚାୟତିରାଜ ବିଭାଗର ଦାୟିତ୍ୱ ଗ୍ରହଣ କରି କ୍ୟାବିନେଟ ପାହ୍ୟା ମନ୍ତ୍ରୀ ହୋଇଛନ୍ତି ।



# ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି

୧୯୨୩ ମସିହା ଅକ୍ଟୋବର ମାସ ୨୪ ତାରିଖରେ ଶ୍ରୀ ପ୍ରତାପ ଚନ୍ଦ୍ର ମହାନ୍ତି କଟକ ଜିଲ୍ଲାସ୍ଥ କନକପୁର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ସେ ଜଣେ ଗ୍ରାଜୁଏଟ ।

ରାଜନୈତିକ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ : ଶ୍ରୀ ମହାନ୍ତି କଟକ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଥିଲେ । ପ୍ରଦେଶ କଂଗ୍ରେସ କାର୍ଯ୍ୟନିର୍ବାହୀ କମିଟିର ସେ ଜଣେ ସଦସ୍ୟ ଥିଲେ ଏବଂ ରାଜ୍ୟ ବ୍ୟବସ୍ଥାପକ ଦଳର ସେକ୍ରେଟାରୀ ଏବଂ ନିଖିଳ ଭାରତ କଂଗ୍ରେସ କମିଟିର ସଦସ୍ୟ ଥିଲେ ।

ଶ୍ରୀ ମହାନ୍ତି ସାରଳା ଦେବୋତ୍ତର ଟ୍ରଷ୍ଟର ସଭାପତି ଏବଂ ବାଣୀ ବିହାର ସାଂସ୍କୃତିକ ସଂସଦର ସେକ୍ରେଟାରୀ ଥିଲେ । ତାଙ୍କ ନିର୍ବାଚନ ମଣ୍ଡଳୀରେ ଶିକ୍ଷାର ପ୍ରସାର ନିମନ୍ତେ ସେ ଅନେକ ଗୁଡ଼ିଏ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଛନ୍ତି ଓ ସେଗୁଡ଼ିକର ପରିଚାଳନା ଦାୟିତ୍ୱ ମଧ୍ୟ ନେଇଛନ୍ତି । ସେ ୧୯୬୧ ରେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ ମାତ୍ର ୧୯୬୭ ନିର୍ବାଚନରେ ହାରି ଯାଇଥିଲେ । ୧୯୭୧ ମସିହା ମଧ୍ୟବର୍ତ୍ତୀ ନିର୍ବାଚନରେ କଟକ ଜିଲ୍ଲାସ୍ଥିତ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ଉତ୍କଳ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଛନ୍ତି ।

ରାଜନୈତିକ ତଥା ସାଂସ୍କୃତିକ ଆଲୋଚନାରେ ଭାଗ ନେବାପାଇଁ ତାଙ୍କର ବିଶେଷ ଆଗ୍ରହ ରହିଛି । ଗାଁ ଗହଳର ଉନ୍ନତିବିଧାନ ତଥା କୃଷିବାସ ପ୍ରତି ତାଙ୍କର ବିଶେଷ ଆଗ୍ରହ ରହିଛି ।

ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ ମହାନ୍ତି କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇ ରାଜସ୍ୱ ଏବଂ ଜଳସେଚନ ଓ ବିଦ୍ୟୁତ ( ଉଠା ଜଳ ସେଚନ ) ବିଭାଗ ଦାୟିତ୍ୱ ନେଇଛନ୍ତି ।



# ଶ୍ରୀ ଅଇଁଠୁ ସାହୁ

ବଲାଙ୍ଗୀର ଜିଲ୍ଲାର ବଥଗଲା ଗ୍ରାମରେ ଶ୍ରୀ ସାହୁ ୧୯୨୮ ମସିହା ଜାନୁୟାରୀ ୧ ତାରିଖରେ ଜନ୍ମ ଗ୍ର
କରିଥିଲେ। ସେ କଳା ଓ ଆଇନରେ ଜଣେ ସ୍ନାତକ।

**ରାଜନୀତିକ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ**—ସରଗାପୁ ଯୁବ ହଷ୍ଟେଲ ସଙ୍ଘ ଓ ଭାରତ କୃଷକ ସମ
ଆଜୀବନ ସଭ୍ୟ, ୧୯୬୫–୬୬ ମସିହାରେ ବିଧାନ ସଭା ଏଷ୍ଟିମେଟ୍ କମିଟିର ସଭ୍ୟ, ସ୍ୱତନ୍ତ୍ର ଦଳର ପା
ମେଣ୍ଟାରୀ ସେକ୍ରେଟାରୀ, ପବ୍ଲିକ୍ ଏକାଉଣ୍ଟସ୍ କମିଟିର ସଦସ୍ୟ, ସବ୍ଅର୍ଡିନେଟ୍ ଲେଜିସ୍ଲେଟିଭ ଓ ଲ
କମିଟିର ଚେୟାରମ୍ୟାନ୍ ଓ ୧୯୬୭ ମସିହାରେ ଓଡ଼ିଶା ମିଳିତ ବିଧାନ ସଭା ଦଳର ସଂପାଦକ । ଶ୍ରୀ
୧୯୫୭ ମସିହାରେ ପାଟଣାଗଡ଼ ଓ ୧୯୬୧ ମସିହାରେ ସଇଁତଳା ନିର୍ବାଚନମଣ୍ଡଳୀରୁ ରାଜ୍ୟ ବିଧାନ
ନିର୍ବାଚିତ ହୋଇଥିଲେ। ୧୯୬୭ ମସିହା ନିର୍ବାଚନରେ ସେ ପାଟଣାଗଡ଼ରୁ ନିର୍ବାଚିତ ହୋଇଥିଲେ । ସ
୧୯୭୧ ମସିହା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ସେ ଏକ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତାରେ ପାଟ
ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଛନ୍ତି । ଉଲ୍ଲେଖ ଅନାବଶ୍ୟକ ଯେ ୧୯୭୧ ମସିହା ନିର୍ବାଚନରେ
ପାଟଣାଗଡ଼ ନିର୍ବାଚନମଣ୍ଡଳୀରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା ।

**ଅଭିରୁଚି**—ବିଭିନ୍ନ ସ୍ଥାନ ପରିଦର୍ଶନ କରିବା ଓ ଅଧ୍ୟୟନ କରିବାରେ ତାଙ୍କର ବିଶେଷ ଅ
ଅନ୍ୟାନ୍ୟ ଗଣତାନ୍ତ୍ରିକ ଦେଶର ରାଜନୈତିକ କାର୍ଯ୍ୟକଳାପ ସଂପର୍କରେ ଜ୍ଞାନ ଆହରଣ କରିବାରେ ବ
ବିଶେଷ ଆଗ୍ରହ ରହିଛି ।

ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ ସାହୁ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀରୂପେ ନିଯୁକ୍ତ ହୋଇଁ ପ
ପରିବହନ ତଥା ଜଙ୍ଗଲ ବିଭାଗ ଦାୟିତ୍ୱରେ ରହିଅଛନ୍ତି ।



# ଶ୍ରୀ ଶରତ କୁମାର କର

୧୯୩୮ ମସିହା ଅକ୍ଟୋବର ମାସ ୩୧ ତାରିଖରେ କଟକ ସହରର ଆଲିସାବଜାରଠାରେ ଶ୍ରୀ ଶରତ କୁମାର କରଙ୍କ ଜନ୍ମ । କିନ୍ତୁ ତାଙ୍କ ପୈତୃକ ଗ୍ରାମ ହେଉଛି କଟକ ଜିଲ୍ଲାର ମାହାଙ୍ଗା ଥାନା ଅନ୍ତର୍ଗତ ସୁଆଁପାଳ ।

ଶ୍ରୀ କର ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ଏମ୍. ଏ. ପାଶ୍ କରି ପରେ ପ୍ରଥମେ ଆଲ୍ଲାହାବାଦ ବିଶ୍ୱବିଦ୍ୟାଳୟ ଅଧୀନରେ ଓ ପରେ ଖୋର୍ଦ୍ଧା କଲେଜରେ ଅଧ୍ୟାପକରୂପେ କାର୍ଯ୍ୟ କରୁଥିଲେ । ତା' ପରେ ସେ ସକ୍ରିୟ ରାଜନୀତିରେ ଯୋଗ ଦେବା ଉଦ୍ଦେଶ୍ୟରେ ଚାକିରି ଛାଡ଼ି ଦେଇଥିଲେ । ଗତ ନିର୍ବାଚନରେ କଟକ ଜିଲ୍ଲାର ମାହାଙ୍ଗା ନିର୍ବାଚନମଣ୍ଡଳୀରୁ ସେ ନିର୍ବାଚିତ ହୋଇଛନ୍ତି ।

ଶ୍ରୀ କର ଏକାଧାରରେ ଜଣେ ଦକ୍ଷ ସଂଗଠକ, ଟ୍ରେଡ୍ ୟୁନିୟନବାଦୀ, ବାଗ୍ମୀ, ନାଟ୍ୟକାର ଓ ଚିତ୍ରଶିଳ୍ପୀ ଅଟନ୍ତି ।

୧୯୬୯ ମସିହାରେ ଅଖିଳ ଭାରତ କଂଗ୍ରେସ କମିଟି ଦ୍ୱାରା ପ୍ରେରିତ ଯୁବ ପ୍ରତିନିଧି ଦଳର ସଦସ୍ୟରୂପେ ଶ୍ରୀ କର ପଶ୍ଚିମ ଜର୍ମାନୀ ପରିଦର୍ଶନ କରିଥିଲେ । ସେ ବର୍ତ୍ତମାନ କଟକ ଜିଲ୍ଲା ଉତ୍କଳ କଂଗ୍ରେସ ଦଳର ସଭାପତି ରହିଛନ୍ତି ।

ତା ୩ । ୪ । ୭୧ ତାରିଖରେ ଶାସନ ଭାର ଗ୍ରହଣ କରିଥିବା ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ କର ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀରୂପେ ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ବିଭାଗ ଦାୟିତ୍ୱ ନେଇଛନ୍ତି ।



# ଶ୍ରୀ ନଟବର ପ୍ରଧାନ

ଫୁଲବାଣୀ ଜିଲ୍ଲା ଅନ୍ତର୍ଗତ ବୌଦଗଡ଼ର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଶ୍ରୀ ପ୍ରଧାନ ୧୯୨୨ ମସି
ମଇ ମାସ ୮ ତାରିଖରେ ଜନ୍ମଗ୍ରହଣ କରିଥିଲେ ।

ଶ୍ରୀ ପ୍ରଧାନ ୧୯୪୧ ମସିହାରେ ପାଟଣା ବିଶ୍ୱବିଦ୍ୟାଳୟରୁ ମାଟ୍ରିକ୍ ପାଶ କରିଥିଲେ ଓ ମେଧା ବୃ
ପାଇଥିଲେ । ଏହାଛଡ଼ା ନି. ପ୍ରା. ସ୍ତରରୁ ମଧ୍ୟ ସେ ବୃତ୍ତି ପାଇଥିଲେ । ରେଭେନ୍ସା କଲେଜରୁ ପାଠ ପଢ଼ା
ସେ ୧୯୪୨ ମସିହାରେ 'ଭାରତ ଛାଡ଼' ଆନ୍ଦୋଳନରେ ଯୋଗ ଦେଇଥିଲେ । ବୌଦ ଉଚ୍ଚ ଇଂ
ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ସେ ୧୯୪୭ ମସିହାରେ ଘରୋଇ ଭାବରେ ବି. ଏ. ପରୀକ୍ଷା
ଉତ୍ତୀର୍ଣ୍ଣ ହୋଇଥିଲେ । ୧୯୪୯ ମସିହାରେ ଆଇନ ଶାସ୍ତ୍ରରେ (ବି. ଏଲ୍.) ଉପାଧି ଲାଭ କଲାପରେ
କଟକରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ । ତା'ପରେ ସେ ବୌଦକୁ ଚାଲିଗଲେ । ସେଠାରେ
ନିଜକୁ ଜଣେ ପ୍ରବୀଣ ଆଇନଜୀବୀ ରୂପେ ପ୍ରତିଷ୍ଠିତ କରାଇ ପାରିଥିଲେ ଏବଂ ସାଂପ୍ରତିକ ସାମାଜିକ ପରିବର୍ତ୍ତ
ଦିଗରେ ବିଶେଷ ଆଗ୍ରହ ଦେଖାଇଥିଲେ । ୧୯୫୮ ମସିହାରେ ତାଙ୍କୁ ଫୁଲବାଣୀ ଜିଲ୍ଲାର ସରକାରୀ ଓ
ପଦ ଦିଆଯାଇଥିଲା କିନ୍ତୁ ସେ ତାହା ଗ୍ରହଣ କରି ନ ଥିଲେ ।

ଶ୍ରୀ ପ୍ରଧାନ ତାଙ୍କର ଛାତ୍ର ଜୀବନରୁ 'ପ୍ରଜାମଣ୍ଡଳ ଆନ୍ଦୋଳନ' ସହିତ ସଂପୃକ୍ତ ଥିଲେ ଓ ଲୁକ୍‌କାୟି
ଭାବରେ 'ସ୍ୱାଧୀନ ବୌଦବାର୍ତ୍ତା' ନାମକ ଏକ ପତ୍ରିକା ସଂକଳନ କରୁଥିଲେ ।

ଶ୍ରୀ ପ୍ରଧାନ ୧୯୫୦ ମସିହାରେ ସକ୍ରିୟ ରାଜନୀତିରେ ଭାଗ ନେଇ ଅବିଭକ୍ତ କଂଗ୍ରେସର ଜଣେ ଉ
ସଦସ୍ୟ ରୂପେ ୧୯୬୦ ମସିହା କଂଗ୍ରେସ ବିଭାଜନ ପର୍ଯ୍ୟନ୍ତ ରହିଥିଲେ । ତା'ପରେ ସେ ସ୍ୱତନ୍ତ୍ର ଦଳର ପ୍ରା
ସ୍ୱରୂପ ଗତ ନିର୍ବାଚନ ଲଢ଼ି ବୌଦ ନିର୍ବାଚନମଣ୍ଡଳୀରୁ ଜନୈକ ପୂର୍ବତନ ଉପମନ୍ତ୍ରୀଙ୍କୁ ପରାସ୍ତ
ନିର୍ବାଚିତ ହୋଇଛନ୍ତି ।

ଶ୍ରୀ ପ୍ରଧାନ ଫୁଲବାଣୀ ଜିଲ୍ଲାର ବହୁ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ସହିତ ସଂପୃକ୍ତ । ସେ ବୌଦ୍ଧସ୍ଥ 'ଯୋଗୀନ୍ଦ୍ରନାଥ କ୍ଲବ' ଓ କ୍ରୀଡ଼ା କ୍ଲବର ସଭାପତି ତଥା ଫୁଲବାଣୀ ଜିଲ୍ଲା କ୍ରୀଡ଼ା ସଂଘର ଉପ-ସଭାପତି ହୋଇ-ଥିଲେ । ସେ ଦୁଇଥର ପାଇଁ ବୌଦ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚ ଥିଲେ । ଉକ୍ତ ଗ୍ରାମ ପଞ୍ଚାୟତ ବୌଦ୍ଧ ଏନ୍. ଏ. ସି.ରେ ପରିଣତ ହେବା ପରେ ସେ ଏନ୍. ଏ. ସି.ର ଉଭୟ ମନୋନୀତ ଓ ନିର୍ବାଚିତ ସଦସ୍ୟ ହୋଇଥିଲେ । ସେ ବୌଦ୍ଧ ପଞ୍ଚାୟତ ସମିତିର ସଭାପତି ଥିଲେ ଏବଂ ନିର୍ବାଚନ ବଳରେ ଫୁଲବାଣୀ ଜିଲ୍ଲାର ଜିଲ୍ଲା ପରିଷଦ ଚେୟାରମ୍ୟାନ ହେବା ପର୍ଯ୍ୟନ୍ତ ବୌଦ୍ଧ ପଞ୍ଚାୟତ ସମିତିର ସଭାପତିରୂପେ କାର୍ଯ୍ୟ କରିଥିଲେ । ଜିଲ୍ଲା ପରିଷଦ ସଭାପତି ଭାବରେ ଶ୍ରୀ ପ୍ରଧାନ ସରକାରୀ କର୍ମଚାରୀ ଓ ବେ-ସରକାରୀ ବ୍ୟକ୍ତିମାନଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ରକ୍ଷା କରିବାରେ ଅଗ୍ରଣୀ ଥିଲେ ।

ଶ୍ରୀ ପ୍ରଧାନ ଜଣେ ଦକ୍ଷ ସହଯୋଗୀ ଓ ସୁବକ୍ତା ରୂପେ ପରିଚିତ । ରାଜ୍ୟର ସମବାୟ ଆନ୍ଦୋଳନ ସହିତ ସେ ବହୁ ଦିନରୁ ସଂପୃକ୍ତ । ସେ ଅନେକ ଥର ବୌଦ୍ଧ କେନ୍ଦ୍ରୀୟ ବ୍ୟାଙ୍କ ଓ ବୌଦ୍ଧ ସମବାୟ ବାଣିଜ୍ୟ ସମିତିର ସଭାପତିରୂପେ କାର୍ଯ୍ୟ କରିଛନ୍ତି । ରାଜ୍ୟର ଶୀର୍ଷ ବାଣିଜ୍ୟ ସଂଗଠନର ଉପ-ସଭାପତିରୂପେ ସେ ଦୁଇଥର କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ୧୯୭୦ ମସିହା ଅଗଷ୍ଟ ମାସ ପର୍ଯ୍ୟନ୍ତ ଏହି ଅନୁଷ୍ଠାନର ସଭାପତିରୂପେ ମଧ୍ୟ କାର୍ଯ୍ୟ କରିଛନ୍ତି । ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ, ଓଡ଼ିଶା ରାଜ୍ୟ ସମବାୟ ଜୀବନବୀମା ସଂସ୍ଥା ଓ ଓଡ଼ିଶା ରାଜ୍ୟ ସମବାୟ ମୁଦ୍ରଣ ଆଦି କେତେକ ଶୀର୍ଷ ସମବାୟ ସମିତିର ଡାଇରେକ୍ଟର ହେବା ସଙ୍ଗେ ସଙ୍ଗେ ସେ ୟୁନାଇଟେଡ଼ କଟକ ସମବାୟ ବ୍ୟାଙ୍କର ଡ଼ାଇରେକ୍ଟର ରୂପେ ମଧ୍ୟ କାର୍ଯ୍ୟ କରିଥିଲେ ।

ଶିକ୍ଷା କ୍ଷେତ୍ରରେ ଶ୍ରୀ ପ୍ରଧାନ ତାଙ୍କର ବାଲ୍ୟାବସ୍ଥାରୁ ବାଳଚର ଆନ୍ଦୋଳନ ସହିତ ସଂପୃକ୍ତ ହେବା ସଙ୍ଗେ ସଙ୍ଗେ ନିଜେ ଜଣେ ତାଲିମପ୍ରାପ୍ତ ବାଳଚର ଶିକ୍ଷକରୂପେ କାର୍ଯ୍ୟ କରିଥିଲେ ।

ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟର ଜଣେ ସଭ୍ୟ ଅଟନ୍ତି । ଉଭୟ ବୌଦ୍ଧ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ଫୁଲବାଣୀ ସରକାରୀ ବିଜ୍ଞାନ କଲେଜର ପରିଚାଳନା କମିଟିର ସଭ୍ୟ ରହିଛନ୍ତି । ବୌଦ୍ଧ ଠାରେ ଏକ କଲେଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ କରିବା ପାଇଁ ଶ୍ରୀ ପ୍ରଧାନ ଏକ ବିପୁଳ ଅଭିଯାନ ସଂଗଠିତ କରିଥିଲେ ।

ଜଣେ ଲେଖକ ତଥା କବି ହିସାବରେ ଶ୍ରୀ ପ୍ରଧାନଙ୍କର ଖ୍ୟାତି ରହିଛି । 'ନବ ଭାରତ', 'ଝଙ୍କାର', 'ଡଗର', 'ଚତୁରଙ୍ଗ', 'ଶଙ୍ଖ' ଓ 'କୁଙ୍କୁମ' ଭଳି ଓଡ଼ିଆ ପତ୍ରପତ୍ରିକାରେ ତାଙ୍କର ଗଳ୍ପ ଓ କବିତାମାନ ପ୍ରକାଶ ପାଇଛି ।

ଶ୍ରୀ ପ୍ରଧାନଙ୍କର ଏକାନ୍ତ ଉଦ୍ୟମ ବଳରେହିଁ ବୌଦ୍ଧସ୍ଥ 'ସାଲକି ଜଳସେଚନ ଯୋଜନା'ର ସୂତ୍ରପାତ ହୋଇଥିଲା । ବଗିଚା କାମ କରିବାରେ ଶ୍ରୀ ପ୍ରଧାନଙ୍କର ବିଶେଷ ଆଗ୍ରହ ।

ମିଳିତ ସ୍ୱାତନ୍ତ୍ର୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ ପ୍ରଧାନ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ଆଇନ, ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ଦାୟିତ୍ୱ ଗ୍ରହଣ କରିଛନ୍ତି ।



# ଶ୍ରୀ ରାମକୃଷ୍ଣ ପଟ୍ଟନାୟକ

ଗଞ୍ଜାମ ଜିଲ୍ଲାର ଭୁଙ୍ଗାରଡ଼ା ଗ୍ରାମରେ ୧୯୪୦ ମସିହା ଅଗଷ୍ଟ ୨୮ ତାରିଖରେ ଶ୍ରୀ ରାମକୃଷ୍ଣ ପଟ୍ଟନାୟ ଜନ୍ମ ଗ୍ରହଣ କରିଥିଲେ । ସ୍ଥାନୀୟ ବିଦ୍ୟାଳୟମାନଙ୍କରୁ ଶିକ୍ଷା ଶେଷ କରି ପରେ ସେ ବ୍ରହ୍ମପୁରସ୍ଥ ଖଲ୍ଲିକୋ କଲେଜ, ପୁରୀର ସାମନ୍ତ ଚନ୍ଦ୍ର ଶେଖର କଲେଜ, କଟକସ୍ଥ ରେଭେନ୍ସା କଲେଜ ଓ ମଧୁସୂଦନ ଅ କଲେଜରେ ଅଧ୍ୟୟନ କରିଥିଲେ । ସମସ୍ତ ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇ ଶ୍ରୀ ପଟ୍ଟନାୟ ୧୮ ବର୍ଷ ବୟସରେ ସ୍ନାତକ ଓ ୨୧ ବର୍ଷ ବୟସରେ ସ୍ନାତକୋତ୍ତର ଓ ଆଇନରେ ସ୍ନାତକ ଲାଭ କରିଥିଲେ

ପ୍ରତିଯୋଗିତା ପରୀକ୍ଷାରେ ବସିବା ପାଇଁ ସର୍ବନିମ୍ନ ବୟସରେ ପହଞ୍ଚି ନଥିବାରୁ ଶ୍ରୀ ପଟ୍ଟନାୟ ୧୯୫୯ ମସିହାରେ ଗ୍ରାମପଞ୍ଚାୟତ ଅର୍ଗାନାଇଜର ରୂପେ ସରକାରୀ ଚାକିରିରେ ପ୍ରବେଶ କରିଥିଲେ । ସେ ଆଇ. ଏ. ଏସ୍. ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ କିନ୍ତୁ ସମ୍ପୃକ୍ତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସହିତ ତାଙ୍କ ମନୋମାଳିନ୍ୟ ଘଟିବାରୁ ତାଙ୍କୁ ଚାକିରିରୁ ବରଖାସ୍ତ କରାଯାଇଥିଲା । ଏହା ଫଳରେ ସେ ସର୍ବଭାରତୀ ପ୍ରଶାସନିକ ଚାକିରିରେ ଯୋଗ ଦେଇ ପାରିନଥିଲେ । ଅଗତ୍ୟା ସେ ଓଡ଼ିଶା ହାଇକୋର୍ଟରେ ବରଖାସ୍ତ ଆଦେ ବିରୁଦ୍ଧରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଥିଲେ । ହାଇକୋର୍ଟ ବରଖାସ୍ତ ଆଦେଶ ବାତିଲ କରିଦେବା ପ ସେ ଓଡ଼ିଶା ପ୍ରଶାସନିକ ପରୀକ୍ଷା ଦେଇ ଜଣେ ଡେପୁଟି କଲେକ୍ଟର ଭାବେ ନିଯୁକ୍ତ ହୋଇଥିଲେ ଶ୍ରୀ ପଟ୍ଟନାୟକ ୧୯୬୭ ମସିହାରେ ଚାକିରିରୁ ଇସ୍ତଫା ଦେଇ ସକ୍ରିୟ ରାଜନୀତିରେ ଯୋଗ ଦେଇଥିଲେ ।

ଶ୍ରୀ ପଟ୍ଟନାୟକ ୧୯୬୭ ମସିହା ସାଧାରଣ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀରୂପେ କୋଦଳା ନିର୍ବାଚ ମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରି ମାତ୍ର ୧,୪୦୦ ଭୋଟରେ ଜଣେ ପ୍ରଜା ସମାଜବାଦୀ ପ୍ରାର୍ଥୀଙ୍କ ଦ୍ୱାରା ପରାଜି ହୋଇଥିଲେ । ଗତ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନରେ ଉତ୍କଳ କଂଗ୍ରେସର ପ୍ରାର୍ଥୀରୂପେ ଉକ୍ତ ନିର୍ବାଚନମଣ୍ଡଳୀ ପ୍ରତିଦ୍ୱନ୍ଦିତା କରି ସେ ଜୟଯୁକ୍ତ ହୋଇଛନ୍ତି । ସମ୍ପ୍ରତି ନିର୍ବାଚନ ପୂର୍ବରୁ ଶ୍ରୀ ପଟ୍ଟନାୟକ ଆସ୍କାରେ ଓକିଲ କରୁଥିଲେ ।

**ଅଭିରୁଚି**—ସାହିତ୍ୟ ଅଧ୍ୟୟନ ପ୍ରତି ଶ୍ରୀ ପଟ୍ଟନାୟକଙ୍କର ବିଶେଷ ଆଗ୍ରହ ରହିଛି । ବିଭିନ୍ନ ମାସିକ ତଥା ଦୈନିକ ପତ୍ରପତ୍ରିକାରେ ତାଙ୍କର ଅନେକ ଲେଖା ପ୍ରକାଶ ପାଇଛି । ସେ ଓଡ଼ିଆରେ 'ଓଡ଼ିଆ ସାହିତ୍ୟର ସ୍ୱରୂପ' ଶୀର୍ଷକ ଏକ ସମାଲୋଚନାମୂଳକ ପୁସ୍ତକ ଲେଖିଛନ୍ତି ଓ ଏହା ପ୍ରକାଶ ଅପେକ୍ଷାରେ ରହିଛି ।

**ରାଜନୀତିକ ଓ ଅନ୍ୟାନ୍ୟ କାର୍ଯ୍ୟକଳାପ**—କଲେଜ ଶିକ୍ଷା କାଳରେ ସେ ଛାତ୍ର ୟୁନିୟନ୍ କାର୍ଯ୍ୟକଳାପରେ ବିଶେଷ ଭାବେ ଅଂଶ ଗ୍ରହଣ କରିଥିଲେ । [ନିଶା ନିବାରଣର ଜଣେ ଦୃଢ଼ ସମର୍ଥକ ରୂପେ ଶ୍ରୀ ପଟ୍ଟନାୟକ ୧୯୬୮ ମସିହାରେ ନିଶାନିବାରଣ ଉଠାଇ ଦେବା ସଂକ୍ରାନ୍ତ ସରକାରୀ ନିଷ୍ପତ୍ତି ବିରୁଦ୍ଧରେ ଗଞ୍ଜାମ ଜିଲ୍ଲାରେ ହୋଇଥିବା ଆନ୍ଦୋଳନରେ ନେତୃତ୍ୱ ନେଇଥିଲେ । ତାଙ୍କ ମତରେ ନିଶାନିବାରଣ ବ୍ୟବସ୍ଥାଟି ଉଠାଇ ଦିଆଯିବା ଦେଶପକ୍ଷେ ଅତ୍ୟନ୍ତ କ୍ଷତିକାରକ । ଗଞ୍ଜାମ ଜିଲ୍ଲାରେ ମଦ ଭାଟି ନିଲାମ ଡାକିବାକୁ ଆସିଥିବା ବ୍ୟକ୍ତିମାନଙ୍କୁ ନିବର୍ତ୍ତାଇବା ପାଇଁ ସେ ଗଞ୍ଜାମ କଲେକ୍ଟରେଟ୍ ସମ୍ମୁଖରେ ସତ୍ୟାଗ୍ରହ କରିଥିଲେ । ଆଉ ମଧ୍ୟ କୋଦଳାଠାରେ ଏକ ମଦ ଭାଟି ଆଗରେ ସେ ୪୫ ଦିନ ପର୍ଯ୍ୟନ୍ତ ସତ୍ୟାଗ୍ରହ କରିଥିଲେ । ଅନ୍ୟ ଏକ ଘଟଣାରେ ପୋଲସରାଠାରେ ମଦ ଭାଟି ଖୋଲିବା ପାଇଁ ଜମି ନଦେବା ନିମନ୍ତେ ସେ ସମ୍ପୃକ୍ତ ଜମି ମାଲିକଙ୍କୁ ଦୁଇ ବର୍ଷ ପର୍ଯ୍ୟନ୍ତ ପ୍ରବର୍ତ୍ତାଇଥିଲେ ।]

ଗଞ୍ଜାମ ଜିଲ୍ଲାରେ ପାଣି ଟିକସ ବିରୁଦ୍ଧରେ ହୋଇଥିବା ଆନ୍ଦୋଳନରେ ଶ୍ରୀ ପଟ୍ଟନାୟକ ପ୍ରଧାନ ଭୂମିକା ଗ୍ରହଣ କରିଥିଲେ । ପୋଲସରା ଓ କୋଦଳାଠାରେ ଶାନ୍ତିପୂର୍ଣ୍ଣଭାବେ ପିକେଟିଂ କରି ୭୨ ଘଣ୍ଟା କାଳ ବସ୍ ଅଟକାଇବାରେ ସେ ସଫଳ ହୋଇଥିଲେ । ଏ ଘଟଣାରେ ତାଙ୍କୁ ହାଜତକୁ ନିଆଯାଇଥିଲା ଓ ଏ ସଂକ୍ରାନ୍ତ ମକଦ୍ଦମା ଅଦ୍ୟାବଧି ବିଚାରାଧୀନ ରହିଛି ।

ସଂପୂର୍ଣ୍ଣ ସମାଜବାଦ ଉପରେ ଶ୍ରୀ ପଟ୍ଟନାୟକଙ୍କର ପ୍ରଗାଢ଼ ବିଶ୍ୱାସ ରହିଛି ଓ ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ନିମନ୍ତେ ରାଜ୍ୟମାନଙ୍କୁ କେନ୍ଦ୍ରୀୟ ସାହାଯ୍ୟ ଦାନ ପଦ୍ଧତିରେ ବିପ୍ଳବାତ୍ମକ ପରିବର୍ତ୍ତନରେ ସେ ବିଶ୍ୱାସ କରନ୍ତି । ଆଧୁନିକ ଶିକ୍ଷା ପଦ୍ଧତିର ଆମୂଳଚୂଳ ପରିବର୍ତ୍ତନ କରାଯିବା ଆବଶ୍ୟକ ବୋଲି ଶ୍ରୀ ପଟ୍ଟନାୟକଙ୍କର ମତ ।

୧୯୭୧ ମସିହା ଅପ୍ରେଲ ୩ ତାରିଖରେ ଗଠିତ ହୋଇଥିବା ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳରେ ଶ୍ରୀ ପଟ୍ଟନାୟକ ଜଣେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ ରୂପେ ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ବିଭାଗ ଦାୟିତ୍ୱ ଗ୍ରହଣ କରିଅଛନ୍ତି ।

# ମିଳିତ ସାମ୍ମୁଖ୍ୟ ସରକାରଙ୍କ ୧୬-ଦଫା-ସମ୍ବଳିତ ପ୍ରଗତିମୂଳକ ସାଧାରଣ କାର୍ଯ୍ୟକ୍ରମ

୧। ଚତୁର୍ଥ ଯୋଜନାକାଳ ମଧ୍ୟରେ ଓଡ଼ିଶାରେ ଦ୍ୱିତୀୟ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରାଯିବା ନିମନ୍ତେ ମିଳିତ ଉଦ୍ୟମ କରାଯିବ। ପାରାଦୀପ ବନ୍ଦରର ଦ୍ରୁତ ବିକାଶ ତଥା ବନ୍ଦର ଅଞ୍ଚଳରେ ସହର ନିର୍ମାଣ ଓ ଶିଳ୍ପ ପ୍ରସାର ନିମନ୍ତେ ଉଦ୍ୟମ ହେବ। ଅନ୍ୟ ମଧ୍ୟ ଗୋପାଳପୁର ଓ ଚାନ୍ଦବାଲିଠାରେ କାର୍ଯ୍ୟକାରୀ ବନ୍ଦରମାନ ଖୁବ୍ ଶୀଘ୍ର ପ୍ରତିଷ୍ଠା କରାଯିବା ନିମନ୍ତେ ପଦକ୍ଷେପ ନିଆଯିବ।

୨। କ୍ଷୁଦ୍ରଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯିବା ନିମନ୍ତେ ସୁବିଧା ଦେବା, କୃଷି ବିକାଶକୁ ତ୍ୱରାନ୍ୱିତ କରାଇବା ଓ କ୍ଷୁଦ୍ର ଶିଳ୍ପ ପ୍ରସାର ଘଟାଇବା ଉଦ୍ଦେଶ୍ୟରେ ଏକ ବ୍ୟାପକ ଧରଣର ଗ୍ରାମାଞ୍ଚଳ ବିଦ୍ୟୁତିକରଣ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏହା ଫଳରେ କର୍ମସଂସ୍ଥାନ ସୁବିଧାସୁଯୋଗ ବହୁ ପରିମାଣରେ ବୃଦ୍ଧି ପାଇବ।

୩। ଜଳସେଚନ ଯୋଜନାଗୁଡ଼ିକର ସମ୍ପ୍ରସାରଣ କରାଯିବ ଓ ଅସମ୍ପୂର୍ଣ୍ଣ ଜଳସେଚନ ଯୋଜନାଗୁଡ଼ିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବ।

୪। ଭୂ-ସଂସ୍କାର ବ୍ୟବସ୍ଥା ତ୍ୱରିତ କାର୍ଯ୍ୟକାରୀ କରାଯିବ।

୫। ଢେବର କମିଶନ ଓ ଅନ୍ୟାନ୍ୟ କମିଶନ ଯେଉଁସବୁ ସୁପାରିଶ କରିଛନ୍ତି, ତାହାକୁ କାର୍ଯ୍ୟକାରୀ କରି ତପସିଲଭୁକ୍ତ ଅଞ୍ଚଳର ବିକାଶ ଘଟାଇବାପାଇଁ ଏକ ସ୍ୱତନ୍ତ୍ର ଉନ୍ନୟନ ବୋର୍ଡ ଗଠନ କରାଯିବ। ଉକ୍ତ ବୋର୍ଡ ଆଦିବାସୀ ଓ ହରିଜନମାନଙ୍କର କଲ୍ୟାଣସାଧନ ପ୍ରତି ବିଶେଷ ଗୁରୁତ୍ୱ ଦେବେ—

(କ) ଭୂମିହୀନ ଲୋକଙ୍କୁ ପଟ୍ଟା ସୂତ୍ରରେ ଜମି ଦିଆଯିବ ଓ ସେମାନଙ୍କ ମାଲିକାନାରୁ ବେଆଇନ ଭାବେ ହସ୍ତାନ୍ତରିତ ହୋଇଥିବା ଜମିକୁ ସେମାନଙ୍କୁ ଫେରାଇ ଦିଆଯିବ।

(ଖ) ସାହୁକାରମାନଙ୍କ ଶୋଷଣ କବଳରୁ ସେମାନଙ୍କୁ ମୁକ୍ତ କରାଯିବ।

(ଗ) ତପସିଲଭୁକ୍ତ ସମ୍ପ୍ରଦାୟ ଓ ତପସିଲଭୁକ୍ତ ଜାତିର ଯୁବମାନଙ୍କୁ ନିଯୁକ୍ତି

ସେବେ ବୃତ୍ତି ପ୍ରଦାନ କରାଯିବ ଓ ଏମାନଙ୍କପାଇଁ ବିଶେଷ ପ୍ରକାରର ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଯୁକ୍ତି ବ୍ୟବସ୍ଥା କରିବାକୁ ପଡ଼ିବ ।

୬ । ଶ୍ରମିକ ଶ୍ରେଣୀର ସ୍ୱାର୍ଥ ରକ୍ଷା କରାଯିବ ଏବଂ ଟ୍ରେଡ୍ ୟୁନିୟନ ବ୍ୟାପାରରେ ଗୁପ୍ତ ଭୋଟ ଜରିଆରେ ନିର୍ବାଚନର ବ୍ୟବସ୍ଥା କରାଯିବ ।

୭ । ସରକାରୀ ଓ ଅର୍ଦ୍ଧ ସରକାରୀ ଅନୁଷ୍ଠାନଗୁଡ଼ିକ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱଳ୍ପବେତନଭୋଗୀ କର୍ମଚାରୀମାନଙ୍କ ସ୍ୱାର୍ଥ ବଜାୟ ରଖାଯିବ ।

୮ । ଗରିବ ଓ ମେଧାବୀ ଛାତ୍ରମାନଙ୍କୁ "ମେଧା ଓ ଦାରିଦ୍ର୍ୟ ଛାତ୍ରବୃତ୍ତି" ମଞ୍ଜୁର କରାଯିବ ।

୯ । ଶିକ୍ଷକମାନଙ୍କର ଚାକିରି ସର୍ତ୍ତାବଳୀ, ଶିକ୍ଷାଦାନ ସୁବିଧାସୁଯୋଗ ତଥା ଶିକ୍ଷା ପ୍ରଣାଳୀର ଉତ୍କର୍ଷ ସାଧନ ନିମନ୍ତେ ରାଧାକୃଷ୍ଣନ୍ ଓ କୋଠାରୀ କମିଶନଙ୍କ ସୁପାରିଶ ପ୍ରତି ଯଥାର୍ଥ ଧ୍ୟାନ ଦିଆଯିବ । ସେ ସବୁକୁ କାର୍ଯ୍ୟକାରୀ କରିବା ଉପରେ ଯଥାଯଥ ଗୁରୁତ୍ୱ ଦିଆଯିବ ।

୧୦ । ରାସ୍ତା, ଜଳସେଚନ ଯୋଜନା, ନଦୀମାନଙ୍କରେ ନାଳ ବନ୍ଧବାନ୍ଧ ନିର୍ମାଣ ଭଳି ଯେଉଁସବୁ କାର୍ଯ୍ୟରେ ବହୁ ସଂଖ୍ୟକ ଶ୍ରମିକ ନିଯୁକ୍ତି ପାଇପାରିବେ, ସେଭଳି ସାଧାରଣ ନିର୍ମାଣ କାର୍ଯ୍ୟ ବ୍ୟାପକ ଭାବରେ କରାଯିବ । ଏହା ଫଳରେ ବନ୍ୟା ନିୟନ୍ତ୍ରଣ, ମୃତ୍ତିକାକ୍ଷୟରୋଧ, ନଦୀ ଉପତ୍ୟକାଗୁଡ଼ିକର ବିକାଶ ଓ ଜମିବାଡ଼ିକୁ ଲୁଣା ମାଡ଼ିଯିବାରୁ ରକ୍ଷା କରାଯାଇ ପାରିବ ।

୧୧ । ଗ୍ରାମାଞ୍ଚଳରେ ପାନୀୟ ଜଳ, ଚିକିତ୍ସା ଓ ରାସ୍ତା ଯୋଗାଯୋଗର ସୁବିଧା କରାଯିବ ।

୧୨ । ଯୁବ ଓ ଛାତ୍ର କଲ୍ୟାଣ କାର୍ଯ୍ୟକ୍ରମକୁ ଅ… ବ୍ୟାପକ କରାଯିବ ।

୧୩ । ବେକାର ସମସ୍ୟାର ସମାଧାନ … ଜରୁରୀ କାର୍ଯ୍ୟକ୍ରମ ମାଧ୍ୟମରେ ଦ୍ରୁତ … କରାଯିବ ।

୧୪ । ପଞ୍ଚାୟତିରାଜ ଅନୁଷ୍ଠାନ ଓ ସମ… ଆନ୍ଦୋଳନକୁ ଅଧିକ ସଂଗଠିତ ଓ ଦୃଢ଼… କରାଯିବ । ଜିଲ୍ଲାପରିଷଦଗୁଡ଼ିକର ପୁନଃ ପ୍ରତି… କରାଯିବ ।

୧୫ । ରାଜ୍ୟରେ ଶିଳ୍ପ ବିକାଶର … ତ୍ୱରାନ୍ୱିତ କରିବା ପାଇଁ ଓ ଖୁବ୍ ଶୀଘ୍ର … ସୁବିଧା ସୁଯୋଗର ବିକାଶ ଘଟାଇବା ପାଇଁ ସର… ବେସରକାରୀ ଓ ଯୌଥ ଉଦ୍ୟମରେ ଶିଳ୍ପ ପ୍ର… କରାଯିବ । ସରକାରୀ ପରିଚାଳିତ କର୍ପୋରେ… ମାନଙ୍କର କାର୍ଯ୍ୟ ଓ ପରିଚାଳନାଗତ … ବଢ଼ାଇବା ଉଦ୍ଦେଶ୍ୟରେ ସେମାନଙ୍କୁ ଅଧିକ ସ୍ୱାଧୀ… ଦିଆଯିବ । ଶିଳ୍ପ ଉନ୍ନୟନ କର୍ପୋରେସନ, … ଉନ୍ନୟନ କର୍ପୋରେସନ ପ୍ରଭୃତି ବିଭିନ୍ନ କ… ରେସନର କାର୍ଯ୍ୟକ୍ରମକୁ ଉନ୍ନତ ଓ … କରାଯିବ ।

୧୬ । ସମଗ୍ର ସରକାରୀ କଳକୁ ସମ୍ପୂର୍ଣ୍ଣଭାବେ … ରୂପରେଖ ଦେବାକୁ ପଡ଼ିବ ଯାହାଫଳରେ … ରାଜ୍ୟରେ ଉତ୍ପାଦନ ବୃଦ୍ଧି କରାଯାଇ କୃଷି କ୍ଷେ… ଏକ ବିପ୍ଳବ ସଂଗଠିତ କରିବା ଉଦ୍ଦେଶ୍ୟରେ … ଗବେଷଣା, ଜଳସେଚନ, ଉନ୍ନତ ବିହନ, … କୀଟନାଶକ ଔଷଧ, ମାଲ ସଂରକ୍ଷଣ, ବିକ୍ରିବଟା, … ଦ୍ରବ୍ୟ ପ୍ରସ୍ତୁତିକରଣ ଓ ଋଣ ଯୋଗାଣ ସମ୍ପର୍କିତ … ସରକାରୀ ବିଭାଗଗୁଡ଼ିକ, କୃଷି ଉତ୍ପାଦନକ… ଶୀର୍ଷସ୍ଥାନ ମନେକରି, ସେତିକିମାନଙ୍କ ଅଭିମୁଖୀ ବ… ଏହି ଲକ୍ଷ୍ୟ ହାସଲ ପାଇଁ ଏକ ଉଚ୍ଚଶକ୍ତି…

ସ୍ୱୟଂ-ଶାସିତ ସଂସ୍ଥାର ପରିକଳ୍ପନା କରାଯାଇଛି । ଏହା ବ୍ୟତୀତ କୃଷିମାନଙ୍କ ଅଧିକ ଉତ୍ପାଦିତ କରିବା ପାଇଁ ଷ୍ଟୋରେଜ, ଶୀତଳ, ପଣ୍ୟଦ୍ରବ୍ୟ ପ୍ରସ୍ତୁତକାରୀ କାରଖାନା ପ୍ରଭୃତି କୃଷିଭିତ୍ତିକ ଶିଳ୍ପମାନ ପ୍ରତିଷ୍ଠା କରାଯିବ । ଅନ୍ୟମଧ୍ୟ କୃଷିକୁ ସାହାଯ୍ୟ କରିବା ଲାଗି ରାଜ୍ୟରେ ସାର ଓ କୀଟନାଶକ ଔଷଧ କାରଖାନା ପ୍ରତିଷ୍ଠା କରାଯିବ ।

୧୭ । ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ଲାଗି ସବୁମତେ ଉଦ୍ୟମ କରାଯିବ । ଆଞ୍ଚଳିକ ବୈଷମ୍ୟ ଫଳରେ ଓଡ଼ିଶା ବିଶେଷ କ୍ଷତିଗ୍ରସ୍ତ ହେଉଥିବାରୁ ଡକ୍ଟର ପି. ଏସ୍. ଲୋକନାଥନଙ୍କ ସୁପାରିଶ ଅନୁସାରେ ଓଡ଼ିଶା ରାଜ୍ୟ ପାଇଁ ଯୋଜନା ବ୍ୟୟ ବରାଦ ବୃଦ୍ଧି କରିବା ନିମନ୍ତେ ନିରବଚ୍ଛିନ୍ନ ଉଦ୍ୟମ କରିବାକୁ ପଡ଼ିବ ।

---

## “ସ୍ୱାସ୍ଥ୍ୟ ଗ୍ରାମ” ବେଣ୍ଡୋଇ

ବାଲେଶ୍ୱର ଜିଲ୍ଲା-ଅନ୍ତର୍ଗତ ସୋରୋ ପଞ୍ଚାୟତ ସମିତିର ବେଣ୍ଡୋଇ ଗ୍ରାମ ଗତ ତା ୨ । ୧ । ୭୦ରିଖ ଦିନ 'ସ୍ୱାସ୍ଥ୍ୟ ଗ୍ରାମ' ରୂପେ ଘୋଷିତ ହୋଇଛି ।

# ଲାଭ କରନ୍ତୁ

# 7 1/4 %

୫-ବର୍ଷିଆ

ଡାକଘର ମିଆଦି ଜମାରେ

୩ ବର୍ଷିଆ ଜମାରେ ୭% ୧ ବର୍ଷିଆ ଜମାରେ ୬%

ଅନ୍ୟାନ୍ୟ କରଧାର୍ଯ୍ୟଯୋଗ୍ୟ ସିକ୍ୟୁରିଟି ଓ ଜମାସବୁର ସୁଧକୁ ମିଶାଇ ଏଥିର ସୁଧ ବର୍ଷକୁ ଟ ୩୦୦୦ ( ପର୍ଯ୍ୟନ୍ତ ଆୟକର ଠାରୁ ଛାଡ ପାଏ ।

ଅଧିକ ବିବରଣୀ ଲାଗି ଆପଣଙ୍କ ଡାକଘରେ ପଚାରନ୍ତୁ ।

**ଜାତୀୟ ସଞ୍ଚୟ ସଙ୍ଗଠନ**

davp 70/66।

# ଓଡ଼ିଶାର ନୂତନ ମନ୍ତ୍ରୀମଣ୍ଡଳ

ଶ୍ରୀଯୁକ୍ତ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ ମିଳିତ ସମ୍ମୁଖ ମନ୍ତ୍ରୀମଣ୍ଡଳ ୧୯୭୧ ଏପ୍ରିଲ ୩ ତାରିଖରେ ଶପଥ ଗ୍ରହଣ କରିଛନ୍ତି । ସ୍ୱତନ୍ତ୍ର, ଉତ୍କଳ କଂଗ୍ରେସ ଓ ଝାଡ଼ଖଣ୍ଡ ଦଳକୁ ନେଇ ଉକ୍ତ ମିଳିତ ମନ୍ତ୍ରୀମଣ୍ଡଳର ୧୮ ଜଣ ସଭ୍ୟଙ୍କ ମଧ୍ୟରେ ବିଭିନ୍ନ ବିଭାଗ ନିମ୍ନମତେ ବଣ୍ଟା ଯାଇଛି :—

୧ । ଶ୍ରୀ ବିଶ୍ୱନାଥ ଦାସ, ମୁଖ୍ୟମନ୍ତ୍ରୀ ... ଅର୍ଥ, ଯୋଜନା ଓ ସମନ୍ୱୟ (ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥା ବ୍ୟତୀତ) ।

୨ । ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ, ମନ୍ତ୍ରୀ ... ରାଜନୈତିକ ଓ ଶାସନ ସଂସ୍ଥା ବିଭାଗ (ନଦୀ ଉପତ୍ୟକା ଉନ୍ନୟନ ଶାଖା ବ୍ୟତୀତ), ଶିଳ୍ପ ଓ ସ୍ୱରାଷ୍ଟ୍ର (ଲୋକ ସଂପର୍କ ଓ ପର୍ଯ୍ୟଟନ) ବିଭାଗ ।

୩ । ଶ୍ରୀ ନୀଳମଣି ରାଉତରାୟ, ମନ୍ତ୍ରୀ ... ସ୍ୱରାଷ୍ଟ୍ର ବିଭାଗ (ଲୋକ ସଂପର୍କ ଓ ପର୍ଯ୍ୟଟନ ଶାଖା ବ୍ୟତୀତ), ଖଣି ଓ ଭୂତତ୍ତ୍ୱ, ଯୋଗାଣ ବିଭାଗ, କୃଷି ବିଭାଗର ସମବାୟ ଶାଖା ।

୪ । ଶ୍ରୀ ସିଦ୍ଧଲାଲ ମୁର୍ମୁ, ମନ୍ତ୍ରୀ ... ଶ୍ରମ, କର୍ମନିଯୁକ୍ତି ଓ ଗୃହନିର୍ମାଣ ବିଭାଗ

୫ । ଶ୍ରୀ ଦୟାନିଧି ନାୟକ, ମନ୍ତ୍ରୀ ... ଅବକାରୀ ଓ ବାଣିଜ୍ୟ ବିଭାଗ

୬ । ଶ୍ରୀ ବୃନ୍ଦାବନ ନାୟକ, ମନ୍ତ୍ରୀ ... ଯୋଜନା ଓ ସମନ୍ୱୟ ବିଭାଗର ଗ୍ରାମ୍ୟ ଇଂଜିନିୟରିଂ ଶାଖା ଓ ନଗର ଉନ୍ନୟନ ବିଭାଗ ।

୭ । ଶ୍ରୀ ଗଙ୍ଗାଧର ପ୍ରଧାନ, ମନ୍ତ୍ରୀ ... କୃଷି (ପଶୁପାଳନ ଓ ମତ୍ସ୍ୟ) ବିଭାଗ

୮। ଶ୍ରୀ ପ୍ରହ୍ଲାଦ ମଲ୍ଲିକ, ମନ୍ତ୍ରୀ ... ଜଳସେଚନ ଓ ବିଦ୍ୟୁତ (ଛୋଟ ଜଳ
ବ୍ୟତୀତ) ଏବଂ ରାଜସ୍ୱାଭିକ ଓ
ସଂସ୍ଥା ବିଭାଗର ନଦୀ ଉପତ୍ୟକା
ଶାଖା ।

୯। ଶ୍ରୀ ଅନନ୍ତ ନାରାୟଣ ସିଂହ ଦେଓ, ମନ୍ତ୍ରୀ ... କୃଷି (ସମବାୟ, ପଶୁପାଳନ ଓ ମତ୍ସ୍ୟ
ବ୍ୟତୀତ), ଗ୍ରାମଗୋଷ୍ଠୀ ଉନ୍ନ
ପଞ୍ଚାୟତିରାଜ ।

୧୦। ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି, ମନ୍ତ୍ରୀ ... ରାଜସ୍ୱ, ଜଳସେଚନ ଓ ବିଦ୍ୟୁତ
ଜଳସେଚନ) ।

୧୧। ଶ୍ରୀ ଅଇଁଠୁ ସାହୁ, ମନ୍ତ୍ରୀ ... ପୂର୍ତ୍ତ ଓ ପରିବହନ ଏବଂ ଜଙ୍ଗଲ ବି

୧୨। ଶ୍ରୀ ଶରତ୍ କୁମାର କର, ମନ୍ତ୍ରୀ ... ଶିକ୍ଷା ଓ ସାଂସ୍କୃତିକ ବ୍ୟାପାର ବିଭା

୧୩। ଶ୍ରୀ ନଟବର ପ୍ରଧାନ, ମନ୍ତ୍ରୀ ... ଆଇନ୍, ଆବକାରୀ ଓ ଗ୍ରାମମଙ୍ଗଳ ବି

୧୪। ଶ୍ରୀ ରାମକୃଷ୍ଣ ପଟ୍ଟନାୟକ, ମନ୍ତ୍ରୀ ... ସ୍ୱାସ୍ଥ୍ୟ ଓ ପରିବାର ନିୟୋଜନ ବିଭା

# ପୂର୍ବ ବଙ୍ଗର ଐତିହାସିକ ମୁକ୍ତି ସଂଗ୍ରାମ

## ମୁକ୍ତି ସଂଗ୍ରାମ ପ୍ରତି ପୂର୍ଣ୍ଣ ସହାନୁଭୂତି ଓ ସମର୍ଥନ ଜଣାଇ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ

ଆମର ପଡ଼ୋଶୀ ରାଷ୍ଟ୍ର ପୂର୍ବ ବଙ୍ଗରେ ଆଜି ଯେଉଁ ବ୍ୟାପକ ଗଣହତ୍ୟା ଘଟିଛି, ଲୋକମାନଙ୍କୁ ଯେପରି ନିର୍ମମ ଭାବରେ ନିଷ୍ପେଷିତ କରାଯାଉଛି ସେଥିପ୍ରତି ଉଦ୍‌ବେଗ ପ୍ରକାଶ କରି ଭାରତର ପାର୍ଲାମେଣ୍ଟରେ ଗତ ମାର୍ଚ୍ଚ ୩୧ ତାରିଖ ଦିନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏକ ପ୍ରସ୍ତାବ ଆଗତ କରିଥିଲେ । ଏହି ପ୍ରସ୍ତାବକୁ ବିରୋଧୀଦଳର ସମସ୍ତ ନେତା ପୂର୍ବରୁ ସର୍ବସମ୍ମତି-କ୍ରମେ ସମର୍ଥନ ଜଣାଇଥିଲେ । ଉକ୍ତ ପ୍ରସ୍ତାବରେ ପୂର୍ବ ବଙ୍ଗର ମୁକ୍ତି ଆନ୍ଦୋଳନ ପ୍ରତି ଭାରତର ପୂର୍ଣ୍ଣ ସମର୍ଥନ ଓ ସହାନୁଭୂତି ରହିଥିବା ବିଷୟ ଉଲ୍ଲେଖ କରାଯାଇଛି । ଏଠାରେ ଆଉ ମଧ୍ୟ ସ୍ମରଣ କରାଇ ଦିଆଯାଇପାରେ ଯେ ଓଡ଼ିଶାର ନବଗଠିତ ମନ୍ତ୍ରୀମଣ୍ଡଳର ପ୍ରଥମ ବୈଠକରେ ପୂର୍ବ ବଙ୍ଗର ଜନସାଧାରଣଙ୍କ ପ୍ରତି ସହାନୁଭୂତି ପ୍ରକାଶ କରାଯାଇ ଏକ ପ୍ରସ୍ତାବ ଗ୍ରହଣ କରାଯାଇଛି ଓ ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କ ସାହାଯ୍ୟ ପାଇଁ ଟ ୫୦,୦୦୦ ମଞ୍ଜୁର କରାଯାଇଛି । ପାର୍ଲାମେଣ୍ଟରେ ଗୃହୀତ ପ୍ରସ୍ତାବ ନିମ୍ନରେ ପ୍ରଦତ୍ତ ହେଲା ।

ପୂର୍ବ ବଙ୍ଗର ସାମ୍ପ୍ରତିକ ଘଟଣାବଳୀରେ ଏହି ଗୃହର ସଦସ୍ୟମାନେ ଗଭୀର କ୍ଷୋଭ ଓ ଉଦ୍‌ବେଗ ପ୍ରକାଶ କରୁଛନ୍ତି । ପୂର୍ବବଙ୍ଗବାସୀଙ୍କ ଦାବୀ ଓ ଆକାଂକ୍ଷାକୁ ଦବାଇ ଦେବା ପାଇଁ ପଶ୍ଚିମ ପାକିସ୍ତାନରୁ ପ୍ରେରିତ ସଶସ୍ତ୍ର ବାହିନୀଦ୍ୱାରା ସେମାନଙ୍କ ବିରୁଦ୍ଧରେ ବ୍ୟାପକ ଆକ୍ରମଣ ଆରମ୍ଭ କରି ଦିଆ-ଯାଇଛି ।

୧୯୭୦ ମସିହା ଡିସେମ୍ବର ମାସରେ ପାକି-ସ୍ଥାନରେ ହୋଇଥିବା ନିର୍ବାଚନରେ ଜନସାଧାରଣ ଯେଉଁ ସୁସ୍ପଷ୍ଟ ରାୟ ଦେଇଛନ୍ତି ପାକିସ୍ତାନ ସରକାର ସେଥିପ୍ରତି ସମ୍ମାନ ଦେଖାଇବା ପରିବର୍ତ୍ତେ ତାକୁ ଅବଜ୍ଞା କରିଛନ୍ତି ।

ପାକିସ୍ଥାନ ସରକାର ଆଇନ୍‌ସମ୍ମତ ପନ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ ହାତରେ ଶାସନ କ୍ଷମତା ଦେବାକୁ ଯେ କେବଳ ନାରାଜ ତାହା ନୁହେଁ ନ୍ୟାସନାଲ ଆସେମ୍ବ୍ଲିକୁ ତାହାର ନ୍ୟାୟସଙ୍ଗତ ଓ ସାର୍ବଭୌମ ଭୂମିକା ଗ୍ରହଣ କରିବା ଦିଗରେ ମଧ୍ୟ ବାଧା ଦେଇଛନ୍ତି । ପୂର୍ବ ବଙ୍ଗ ଦେଶବାସୀଙ୍କ ଉପରେ ବନ୍ଧୁକ, ଟ୍ୟାଙ୍କ, କମାଣ ଓ ବିମାନ ...

ଦ୍ୱାରା ଆକ୍ରମଣ ଚଳାଇ ସେମାନଙ୍କୁ ନଗ୍ନ ପଶୁବଳରେ ଦମନ କରାଯାଉଛି ।

ଭାରତ ସରକାର ତଥା ଭାରତର ଜନସାଧାରଣ ପାକିସ୍ଥାନ ସହିତ ଶାନ୍ତିପୂର୍ଣ୍ଣ, ସାଧାରଣ ଓ ଭ୍ରାତୃଭାବ-ପୂର୍ଣ୍ଣ ସମ୍ପର୍କ ରକ୍ଷା କରିବା ପାଇଁ ସର୍ବଦା ଇଚ୍ଛା ପ୍ରକାଶ କରି ଆସିଛନ୍ତି ଓ ସେହି ଲକ୍ଷ୍ୟରେ କାର୍ଯ୍ୟ-କରି ଆସିଛନ୍ତି । ତଥାପି ଭାରତର ଅବସ୍ଥିତି ଦୃଷ୍ଟିରୁ ଓ ଏହି ଉପମହାଦେଶର ଅଧିବାସୀମାନେ ଇତିହାସ, ସଂସ୍କୃତି ଓ ପରମ୍ପରାର ଶତାବ୍ଦୀ ଶତାବ୍ଦୀ ବ୍ୟାପୀ ବନ୍ଧନଦ୍ୱାରା ଯେପରି ପରସ୍ପର ସହିତ ଆବଦ୍ଧ ସେ ଦୃଷ୍ଟିରୁ ଆମ ଦେଶର ସୀମାନ୍ତର ଅତି ନିକଟରେ ଘଟିଥିବା ଶୋକାବହ ତଥା ଶୋଚନୀୟ ଘଟଣା ପ୍ରତି ଏହି ଗୃହର ସଦସ୍ୟମାନେ କେବେହେଲେ ଉଦାସୀନ ରହି ନପାରନ୍ତି । ନିରସ୍ତ୍ର ଓ ନିରୀହ ଜନସାଧାରଣଙ୍କ ପ୍ରତି ବର୍ତ୍ତମାନ ଯେଉଁ ଅତ୍ୟାଚାର କରାଯାଉଛି ତାହା ଅଭୂତ ପୂର୍ବ । ଏହି ଦେଶର ସବୁ ଅଂଚଳର ଆମର ଲୋକେ ତାହା ସେକ ଠୋକ୍ ଭାବେ ନିନ୍ଦା କରିଛନ୍ତି ।

ଗଣତାନ୍ତ୍ରିକ ଜୀବନଯାପନ ପାଇଁ ପୂର୍ବ ବଙ୍ଗର ଅଧିବାସୀମାନେ ଯେଉଁ ସଂଗ୍ରାମ ଚଳାଇଛନ୍ତି ସେଥିପାଇଁ ଏହି ଗୃହ ସେମାନଙ୍କ ପ୍ରତି ଗଭୀର ସହାନୁଭୂତି ଓ ସମର୍ଥନ ଜ୍ଞାପନ କରୁଛନ୍ତି ।

ଶାନ୍ତିରେ ଭାରତର ସ୍ୱାର୍ଥ ଅବିଚଳିତ ରହିବ, ଏହା ମନେରଖି ଏବଂ ମାନବିକ ଅଧିକାର ବଜାୟ ରଖିବା ପାଇଁ ଆମେମାନେ ଯେ ପ୍ରତିଶ୍ରୁତିବଦ୍ଧ ବିଷୟ ପ୍ରତି ଦୃଷ୍ଟି ରଖି ଏହି ଗୃହ ବଳ ପ୍ରୟୋ ତୁରନ୍ତ ବନ୍ଦ କରିବା ସକାଶେ ଓ ନିରସ୍ତ୍ର ଜନ ବ୍ୟାପକଭାବରେ ଯେପରି ହତ୍ୟା କରାଯାଉଛି ବନ୍ଦ କରିବା ପାଇଁ ଦାବୀ କରୁଛି । ଧାରାବା ଭାବରେ ଯେପରି ଗଣହତ୍ୟା କରାଯାଉଛି ତାହା ବନ୍ଦ କରିବା ସକାଶେ ପାକିସ୍ଥାନ ସର ଉପରେ ପ୍ରଭାବ ପକାଇବା ପାଇଁ ଅବିଳମ୍ବେ ଗ ମୂଳକ ପଦକ୍ଷେପ ଗ୍ରହଣ କରିବା ସକାଶେ ଗୃହ ବିଶ୍ୱର ସମସ୍ତ ଜନସାଧାରଣ ଓ ସରକାରମାନ ଆହ୍ୱାନ ଜଣାଉଛି ।

ଏହି ଗୃହ ଦୃଢ଼ ମତ ପୋଷଣ କରନ୍ତି ଯେ ବଙ୍ଗର ସାଢ଼େ ସାତକୋଟି ଜନସାଧାରଣ ଐତିହାସିକ ସଂଗ୍ରାମରେ ଜୟଯୁକ୍ତ ହେବେ । ଗୃହ ସେମାନଙ୍କୁ ଭରସା ଦେବାକୁ ଚାହାନ୍ତି ସେମାନଙ୍କର ସଂଗ୍ରାମ ଓ ତ୍ୟାଗ ଭାରତର ସାଧାରଣଙ୍କର ଆନ୍ତରିକ ସହାନୁଭୂତି ଓ ସମର୍ଥନ କରିବ ।

ଭାରତର ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗା ଦ୍ୱାରା ଆଗତ ଏହି ପ୍ରସ୍ତାବଟି ପ୍ରଥମେ ପାର୍ଲିଆମେ ପ୍ରଥମେ ବିରୋଧୀ ଦଳର ନେତାମାନଙ୍କ ଦ୍ୱାରା ସମ୍ମତିକ୍ରମେ ଅନୁମୋଦିତ ହୋଇଥିଲା ।

---

# ପାରାଦୀପର ଆଶାତୀତ ସଫଳତା

ମାତ୍ର ସାତଟି ବର୍ଷ ତଳର କଥା । ଭାରତ ସରକାରଙ୍କ ଅନୁମୋଦନକ୍ରମେ ସେଦିନ ଓଡ଼ିଶାର ଉପକୂଳରେ ଆରମ୍ଭ ହେଲା ଚତୁର୍ଥତମ ବନ୍ଦର ପାରାଦୀପ ବନ୍ଦରର ନିର୍ମାଣ କାର୍ଯ୍ୟ । ଆଜି ଏହି ସାତଟି ବର୍ଷରେ ହେଲା ବନ୍ଦରଟିର ବାର୍ଷିକ ୨୦ ଲକ୍ଷ ଟନର ଲୁହାପଥର ରପ୍ତାନି ସ୍ୱପ୍ନ ସଫଳ ହୋଇଛି । ୧୯୭୧-୭୨ରେ ଏହି ରପ୍ତାନିର ପରିମାଣ ବୃଦ୍ଧି ପାଇବ ୨୫ ଲକ୍ଷ ଟନକୁ ।

ଗତ ଏପ୍ରିଲ ପାଞ୍ଚ ତାରିଖ ଦିନ ପାରାଦୀପ ବନ୍ଦର ପରିଚାଳନା ସଂସ୍ଥାର ଚେୟାରମ୍ୟାନ ଶ୍ରୀ କେ. ଶ୍ରୀନିବାସନ୍ ବନ୍ଦରର ପ୍ରଗତି ସଂପର୍କରେ ସୂଚନା ଦେବାକୁ ଯାଇ ଏହା ପ୍ରକାଶ କରିଥିଲେ । ସେ କହିଲେ ଯେ ବସ୍ତୁତଃ ୧୯୭୦-୭୧ ବର୍ଷରେ ଆମେ ପାରାଦୀପରୁ ୨୦,୪୬,୬୫୦ ଟନ୍ ଲୁହା ପଥର ଜାପାନ, ରୋମାନିଆ ଓ ଚେକୋସ୍ଲୋଭାକିଆ ପ୍ରଭୃତି ଦେଶକୁ ରପ୍ତାନି କରିପାରିଛୁ ଏବଂ ରପ୍ତାନି ବ୍ୟବସ୍ଥାର ଉନ୍ନତି ଫଳରେ ଆଗାମୀ ବର୍ଷ ଅନ୍ୟୂନ ୨୫ ଲକ୍ଷ ଟନ୍ ରପ୍ତାନି କରିବା ସମ୍ଭବ ହୋଇ ପାରିବ ।

ଚାରିବର୍ଷ ତଳେ ପାରାଦୀପକୁ ଏକ ତରୁଣ ଶିଶୁ ବୋଲି ମନେ କରି ଯାଉଥିଲା । ମାତ୍ର ସେଥିରୁ ଏହି ଚାରିବର୍ଷ ମଧ୍ୟରେ ବାର୍ଷିକ ଚାରିଲକ୍ଷ ଟନ୍ ହିସାବରେ ରପ୍ତାନି ବୃଦ୍ଧି ପାଇବାରେ ଲାଗିଛି । କେଉଁ ବର୍ଷ କେତେ ଲୁହାପଥର ରପ୍ତାନି ହୋଇଛି ନିମ୍ନ ବିବରଣୀରୁ ଜଣା ପଡିବ ।

| | | |
|---|---|---|
| ୧୯୬୬-୬୭ | ... | ୬୭,୦୮୦ ଟନ୍ |
| ୧୯୬୭-୬୮ | ... | ୮,୬୨,୧୩୩ ଟନ୍ |
| ୧୯୬୮-୬୯ | ... | ୧୨,୧୧,୭୭୭ ଟନ୍ |
| ୧୯୬୯-୭୦ | ... | ୧୬,୭୭,୭୨୪ ଟନ୍ |
| ୧୯୭୦-୭୧ | ... | ୨୦,୪୬,୬୫୦ ଟନ୍ |

ସ୍ୱଳ୍ପକାଳ ମଧ୍ୟରେ ବିଭିନ୍ନ ବାଧାବିଘ୍ନ ସତ୍ତ୍ୱେ ପାରାଦୀପ ବନ୍ଦର ଆଶାନୁରୂପ ସଫଳତା ହାସଲ କରି ପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ । ବାଲି ମାଡ଼ିଯିବା ଯୋଗୁଁ କିଛି ଦିନ ତଳେ ପାରାଦୀପ ବନ୍ଦରର ଗଭୀରତା ୨୯ ଫୁଟକୁ କମି ଆସିଥିଲା ମାତ୍ର ତାହା କ୍ରମାଗତ ଖୋଳାଯାଇ ଏବେ ୩୯

ଫୁଟରେ ରଖାଯାଇଛି ଏବଂ ୬୦ ହଜାର ଟନ୍ ଲୁହା ପଥର ବହନକ୍ଷମ ଜାହାଜ ବନ୍ଦର ଭିତରକୁ ଆସି ପାରୁଛି । ଖୋଳିବା କାର୍ଯ୍ୟକୁ ଅବ୍ୟାହତ ରଖିବା ପାଇଁ ବନ୍ଦର କାନ୍ଥରେ ଦକ୍ଷିଣ-ପଶ୍ଚିମ ପଟେ ଏକ ବାଲି ଭଟା ପମ୍ପ ରହିଛି । ଏହି ବ୍ୟବସ୍ଥା ଅତି ଆଧୁନିକ ଏବଂ ପୃଥିବୀର ଅନ୍ୟ କୌଣସିଠାରେ ନାହିଁ । ସାମୁଦ୍ରିକ ସ୍ରୋତ ଦ୍ୱାରା ସମୁଦ୍ରକୂଳ କ୍ଷୟ ନ ହେବା ପାଇଁ ଏହି ପମ୍ପ ଦକ୍ଷିଣ-ପଶ୍ଚିମ ପଟୁ ବାଲି ଆଣି ଉତ୍ତର-ପୂର୍ବ ପଟେ ଜମା କରୁଛି । ଦକ୍ଷିଣ-ପଶ୍ଚିମ ପଟେ ପମ୍ପ ଦ୍ୱାରା ସୃଷ୍ଟି ହେଉଥିବା ଖାଲ ଦ୍ୱାରା ଜାହାଜର ଅଗ୍ରସ୍ଥଳୀ ଆଡ଼କୁ ମାଡ଼ି ଆସୁଥିବା ବାଲିକୁ ଅଟକାଯାଇ ପାରୁଛି ।

ଏହା ବ୍ୟତୀତ ବନ୍ଦରର "କୋଣାର୍କ" ନାମକ ଗୋଟିଏ ଡ୍ରେଜର ଅଛି । ବାଲିଖୋଳା କାମକୁ ତ୍ୱରାନ୍ୱିତ କରିବା ପାଇଁ ପରିବହନ ମନ୍ତ୍ରଣାଳୟରୁ ମଧ୍ୟ ଡ୍ରେଜର ଭଡ଼ାରେ ଅଣାଯାଉଛି । ନିକଟ ଭବିଷ୍ୟତରେ ଦୁଇକୋଟି ଟଙ୍କା ମୂଲ୍ୟର ଆଉ ଏକ ଡ୍ରେଜର କିଣିବାପାଇଁ ଯୋଜନା ରହିଛି । ଏହି ଡ୍ରେଜର ଆସିଲେ ପୋତାଶ୍ରୟର ଗଭୀରତା ମୂଳ ପରିକଳ୍ପନା ଅନୁଯାୟୀ ୪୨ ଫୁଟକୁ ବୃଦ୍ଧି କରାଯାଇ ପାରିବ ଏବଂ ଲକ୍ଷେ ଟନ୍ ବହନକ୍ଷମ ଜାହାଜ ଏହା ଭିତରକୁ ଆସି ପାରିବ ।

ଯାନ୍ତ୍ରିକ ବ୍ୟବସ୍ଥା ଦ୍ୱାରା ଏଠାରେ ଦୈନିକ ସାତ ହଜାରରୁ ଆଠ ହଜାର ଟନ୍ ଯାଏ ଲୁହାପଥର ବୋଝେଇ କରାଯାଉଛି । ଦେଶର ସେ କୌଣସି ବନ୍ଦର ସହିତ ଏହା ତୁଳନୀୟ ।

ପୂର୍ବତନ ପରିବହନ ଏବଂ ଜାହାଜ ଚଳାଚଳ ମନ୍ତ୍ରୀ ଶ୍ରୀ କେ. ରଘୁରାମାୟାଙ୍କ ଦ୍ୱାରା ଗତ ୧୯୭୦ ମସିହା ଜାନୁୟାରୀ ମାସରେ ଯେଉଁ ପଣ୍ୟ-ବର୍ଥର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଥିଲା, ଏପର୍ଯ୍ୟନ୍ତ ତାର କାର୍ଯ୍ୟ ଆରମ୍ଭ ହୋଇନାହିଁ । ପଣ୍ୟ-ବର୍ଥ ନିର୍ମାଣ ପାଇଁ ଟେଣ୍ଡର ମଗାଯାଇ ତତ୍ସଂପର୍କୀୟ ଯା... ପରିବହନ ଓ ଜାହାଜ ଚଳାଚଳ ମନ୍ତ୍ରଣା... ପଠା ଯାଇଛି ଏବଂ ଆସନ୍ତା ବୃଷମାସ ... ଏହାର କାର୍ଯ୍ୟ ଆରମ୍ଭ ହେବ ବୋଲି ... କରାଯାଉଛି । ବର୍ଥ ନିର୍ମାଣରେ ଅତ୍ୟାଧୁନିକ ... ପ୍ରଣାଳୀ ଅବଲମ୍ବନ କରାଯିବ । ପଣ୍ୟ-ବର୍ଥ ... ହେଲାପରେ ବନ୍ଦରର ବିକାଶ ସାଧନ ହେବ ... ପାଖ ଆଖ ଅଞ୍ଚଳରେ ଆନୁଷଙ୍ଗିକ ଶିଳ୍ପ କାର... ପ୍ରତିଷ୍ଠା ହେବାପାଇଁ ବାଟ ଫିଟିଯିବ । ... ସାର କର୍ପୋରେସନ ପାରାଦୀପଠାରେ ଏ... କାରଖାନା ପ୍ରତିଷ୍ଠା କରିବାପାଇଁ ମଧ୍ୟ ... ଚଳାଇଛନ୍ତି ।

ଏଥିମଧ୍ୟରେ କଟକ-ପାରାଦୀପ ରେଲପଥ ... କାର୍ଯ୍ୟ ଜୋରସୋରରେ ଚାଲିଛି ଏବଂ ୧୯୭୨ ... ମଧ୍ୟରେ ତାହା ଶେଷ ହେବ ବୋଲି ଆଶା ... ଯାଉଛି । ରେଲରାସ୍ତା ନିର୍ମାଣ ସରିଲେ ଉକ୍ତ ବ... ଆଶାତୀତ ଅଗ୍ରଗତି ସମ୍ଭବ ହୋଇ ପାରିବ ।

ରେଳ ଯୋଗାଯୋଗ ପ୍ରତିଷ୍ଠା ହେଲେ ... ଅଧିକ ଲୁହାପଥର ବୁହାଯିବା ସଙ୍ଗେ ... ଆଞ୍ଚଳିକ ବାଣିଜ୍ୟ ବ୍ୟବସାୟର ବିକାଶ ... ପାରିବ । ସଡ଼କ ଓ ରେଲପଥ ଯୋଗେ ... ଯେଉଁ ପରିବହନ ବ୍ୟବସ୍ଥା ଚାଲୁ ରହିଛି ... ନିହାତି ଆବଶ୍ୟକ । ରେଳ ଯୋଗାଯୋଗ ... ପଣ୍ୟ-ବର୍ଥ ପ୍ରତିଷ୍ଠା ପରେ ପାରାଦୀପ ବନ୍ଦର ... ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହେଲା ବୋଲି ... କରାଯିବ ।

ଏହି ବନ୍ଦରର କେତେକ ଅଭାବ ଅସୁବିଧା... ରହିଛି । ଏଠାରେ ଖଞ୍ଜା ଯାଇଥିବା ... ଯନ୍ତ୍ରପାତି ପାଇଁ ଆବଶ୍ୟକ ସମୟରେ ... ଅଭାବ ଏକ ପ୍ରଧାନ ସମସ୍ୟା । ଏହା ... ଅନେକ ସମୟରେ ବନ୍ଦର କାର୍ଯ୍ୟ ବାଧା ...

କାରଣ ସ୍ୱଦେଶରୁ ଏଗୁଡ଼ିକୁ ଆମଦାନି କରି ଆଣିବା ସମୟସାପେକ୍ଷ । ତାଲିମ ପ୍ରାପ୍ତ ଦକ୍ଷ କର୍ମଚାରୀଙ୍କ ଅଭାବ ଆଉ ଏକ ସମସ୍ୟା । ପାରାଦୀପଠାରେ ସାଧାରଣ ଜୀବନଯାପନର ଅନେକ ଅଭାବ ଅସୁବିଧା ରହିଛି । ବର୍ତ୍ତମାନ ଏଠାରେ ସହର ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି ଏବଂ ଆସନ୍ତା ଦୁଇ ତିନି ବର୍ଷ ପରେ ଏ ଅସୁବିଧା ଦୂର ହୋଇଯିବ । ଅତଏବ ପାରାଦୀପ ଏକ ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ନେଇ ପୂର୍ଣ୍ଣାଙ୍ଗ ବନ୍ଦରରେ ପରିଣତ ହେବ ବୋଲି ଆଶା କରାଯାଏ ।

## ପାରାଦୀପଠାରେ ନୂତନ ସାର କାରଖାନା

ଓଡ଼ିଶାର ପାରାଦୀପଠାରେ ସାର କାରଖାନା ସ୍ଥାପନ ସଂପର୍କୀୟ ସମସ୍ତ ପ୍ରାରମ୍ଭିକ ଅନୁଧ୍ୟାନ ଭାରତୀୟ ସାର କର୍ପୋରେସନ ପକ୍ଷରୁ କରାଯାଇଛି । ଏଥିପାଇଁ ଦରକାର ହେଉଥିବା ପାଣି, ବିଦ୍ୟୁତ୍, ରେଳ ପରିବହନ ଏବଂ ବନ୍ଦର ପ୍ରଭୃତିର ସୁବିଧା ଅଛି ବୋଲି ଏହି ପ୍ରାରମ୍ଭିକ ଅନୁଧ୍ୟାନ ରିପୋର୍ଟରେ ଦର୍ଶାଯାଇଛି । ଏହି ସାର କାରଖାନା ସଂପର୍କୀୟ ସମ୍ଭାବ୍ୟ ରିପୋର୍ଟ ଆସନ୍ତା ତିନି ମାସ ମଧ୍ୟରେ ସଂପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି । ଚତୁର୍ଥ ଯୋଜନାକାଳ ମଧ୍ୟରେ ଏହି ସାର କାରଖାନା ଛିଡ଼ା କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ ପୂର୍ଣ୍ଣାଙ୍ଗ ରିପୋର୍ଟ ହସ୍ତଗତ ହେଲେ କେନ୍ଦ୍ର ସରକାର ଏହା ବିଚାର କରିବେ ।

ସ୍ୱଳ୍ପ ସଞ୍ଚୟ କରି ଏବେ ମିଳୁଥିବା ଅଧିକହାରରେ ସୁଧ ପାଆନ୍ତୁ।
କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷିତ ନିମ୍ନଲିଖିତ ଅଧିକ ସୁଧର ବ୍ୟବସ୍ଥା ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି ।

# ବର୍ତ୍ତମାନହିଁ ସଞ୍ଚୟର ଉପଯୁକ୍ତ ସମୟ !

| | ପୁରୁଣା ହାରରେ (ବର୍ଷକୁ ଶତକଡ଼ା) | ନୂଆ ହାରରେ (ବର୍ଷକୁ ଶତକଡ଼ା) |
|---|---|---|
| ଡାକଘର ସଞ୍ଚୟ ବ୍ୟାଙ୍କ: | | |
| 1) ଜଣିକିଆ, ମିଳିତ ବା ଭବିଷ୍ୟନିଧି ଏକାଉଣ୍ଟ | ଟ3.50ପ. | ଟ4( |
| 2) ଏକାଉଣ୍ଟରେ ଟଙ୍କାନ୍ୟୁନ ଅବଶେଷରହିବେ ସବୁ ବର୍ଷସାରା ଟ 100( ଥିବ | ଟ4( | ଟ4.25ପ. |
| 3) ଦୁଇବର୍ଷ ପାଇଁ ଥିବା ଅବରୁଦ୍ଧ ଜମା | ଟ4.25ପ. | ଟ4.50ପ. |
| ଡାକଘର ମିଆଦି ଜମା | ଟ5.50ପ. ଠାରୁ ଟ6.75ପ. | ଟ6.00 ଠାରୁ ଟ7.25ପ. |
| ଡାକଘର ପୌନଃପୁନିକ ଜମା | ଟ6.25ପ. | ଟ6.75ପ. |
| 7-ବର୍ଷିଆ ଜାତୀୟ ସଞ୍ଚୟ ସାର୍ଟିଫିକେଟ (4ର୍ଥ ପ୍ରକାର) | ଟ7.25ପ. | ଟ7.50ପ. |

ସବିଶେଷ ବିବରଣୀ ପାଇଁ ଆପଣଙ୍କ ନିକଟତମ ଡାକଘରେ ଅନୁସନ୍ଧାନ କରନ୍ତୁ କିମ୍ବା ପ୍ରଦେଶର ଆଞ୍ଚଳିକ ଡାଇରେକ୍ଟର, ଜାତୀୟ ସଞ୍ଚୟ ସଙ୍ଗଠନଙ୍କୁ ଲେଖନ୍ତୁ ।

**ଜାତୀୟ ସଞ୍ଚୟ ସଙ୍ଗଠନ**

davp 70/644

# ଜାତୀୟ ସମସ୍ୟା ଓ ଯୁବ ସମ୍ପ୍ରଦାୟର କର୍ତ୍ତବ୍ୟ

"ଛାତ୍ରମାନେ ବିଶ୍ୱବିଦ୍ୟାଳୟ ଛାଡ଼ିବାପରେ ନାନା କଠିନ ବ୍ୟକ୍ତିଗତ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଓ ସେମାନଙ୍କ ଭିତରେ ଗୋଟିଏ ବ୍ୟକ୍ତି-କୈନ୍ଦ୍ରିକ ଦୃଷ୍ଟିକୋଣର ବିକାଶ ଦେଖା ଦେଇପାରେ, ଯାହାକି ସାମାଜିକ ଓ ଜାତୀୟ ସ୍ୱାର୍ଥର ବିରୋଧରେ ଗତି କରିପାରେ । ନିଜର ବ୍ୟକ୍ତି ସତ୍ତାକୁ ଏକାବେଳକେ ଦୂର କରିବା ଲାଗି କେହି ଅବଶ୍ୟ କହିବେ ନାହିଁ । କାରଣ ଏହି ବ୍ୟକ୍ତି ସତ୍ତାହିଁ ଯେ କୌଣସି ପ୍ରଗତିର ମୂଳାଧାର ଓ ଏହି ବ୍ୟକ୍ତି ସତ୍ତାର ମୂଳୋତ୍ପାଟନ ଅର୍ଥ ପ୍ରଗତିର ମୂଳ ଭିତ୍ତିର ଧ୍ୱଂସସାଧନ ।" ଆଧୁନିକ ଜଗତର ସମସାମୟିକ ସମସ୍ୟାର ବିଶ୍ଳେଷଣ କରି ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ୍ ଡ: ପ୍ରାଣକୃଷ୍ଣ ପରିଜା ଗତ ମାର୍ଚ୍ଚ ୨୯ ତାରିଖ ଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବରେ ସ୍ନାତକମାନଙ୍କୁ ଯେଉଁ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ତାହାର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା ।

ବିଶ୍ୱବିଦ୍ୟାଳୟ କହିଲେ ଆମେ ବୁଝିଥାଉଁ—ଏହା ଗୁରୁ ଓ ଶିକ୍ଷକଗୋଷ୍ଠୀର ଏକ ସମ୍ମିଳିତ ପୀଠ ଯାହା ବିଦ୍ୟାର୍ଥୀମାନଙ୍କୁ ଜ୍ଞାନ ଭଣ୍ଡାରର ସଦୁପଯୋଗରେ ପ୍ରେରିତ ଓ ଅନୁପ୍ରାଣିତ କରିଥାଏ ଏବଂ ଯାହା ଯୁବ-ଗୋଷ୍ଠୀରେ ସମନ୍ୱିତ ଜୀବନଯାପନର ଶକ୍ତିକୁ ବିକଶିତ କରିଥାଏ । ଏହି ଲକ୍ଷ୍ୟ ହାସଲ କରିବାପାଇଁ ଗୁରୁ ଓ ଅଧ୍ୟାପକଙ୍କ ମଧ୍ୟରେ ସହଯୋଗ ପ୍ରତିଷ୍ଠା ବିଶେଷ ଆବଶ୍ୟକ । ପ୍ରାଚୀନକାଳରୁ ଆରମ୍ଭକରି ଏପର୍ଯ୍ୟନ୍ତ ଭାରତ ସମେତ ପୃଥିବୀର ସମସ୍ତ ବିଶ୍ୱବିଦ୍ୟାଳୟର ଏହାହିଁ ଆଦର୍ଶ ରହି ଆସିଅଛି । ଏହି ଉକ୍ତିକୁ ସମର୍ଥନ କରିବାଲାଗି କବି ବାଣଙ୍କର 'ହର୍ଷ ଚରିତ'ର ଗୋଟିଏ ବିଖ୍ୟାତ ଶ୍ଳୋକ ସେ କେହି ସ୍ମରଣ କରିପାରନ୍ତି । ସେହି ପଂକ୍ତିଗୁଡିକର ବର୍ଣ୍ଣନାନୁସାରେ—"ରଜା ତାଙ୍କ ରଥରୁ ଅବତରଣ କରି ବିଦ୍ୟା ନିକେତନରେ ପ୍ରବେଶ କଲେ । ସେ ଦେଖିପାରିଲେ, ଗୁରୁ ଓ ଶିଷ୍ୟଙ୍କ ଭିତରେ ଧର୍ମମତବାଦର ବିବିଧତା ରହିଅଛି । କେହି କୃଷ୍ଣଉପାସକ ; କେହି ଶୈବ ; କେହି ବୌଦ୍ଧ ତ କେହି ଜୈନ ; କେହି ଅଧ୍ୟାତ୍ମବାଦୀ ତ କେହି ଭୌତିକବାଦୀ—ଦେଶର ନାନାସ୍ଥାନରୁ ଆସି ଋଷି ଆଶ୍ରମରେ ସମ୍ମିଳିତ ହୋଇଅଛନ୍ତି । ଦଳଦଳ ହୋଇ ବୃକ୍ଷମୂଳରେ, ପ୍ରସ୍ତରପରେ ଅଥବା ପର୍ଣ୍ଣକୁଟୀର ମଧ୍ୟରେ ସେମାନେ ଉପବିଷ୍ଟ ହୋଇ ପରସ୍ପର ସହିତ ଯୁକ୍ତି-ତର୍କରେ, ଖଣ୍ଡନମଣ୍ଡନାତ୍ମକ ଆଲୋଚନାରେ ବ୍ୟାପୃତ ରହି ପରିଣାମରେ ଅନ୍ୟ ସହିତ ମତବିରୋଧିତାକୁ ଶିରୋଧାର୍ଯ୍ୟ କରି ନେଇଅଛନ୍ତି ; ଅଥବା ଅନ୍ୟର ଚିନ୍ତା ସହିତ ନିଜ ଚିନ୍ତାଧାରାର ଐକ୍ୟ ପ୍ରତିଷ୍ଠା କରୁଅଛନ୍ତି ।"

ଉକ୍ତ ବର୍ଣ୍ଣନାରୁ ଆମେ ବିଦ୍ୟା ଅଧ୍ୟୟନର ଏକ ଆଦର୍ଶମୟ ପରିବେଶର ସଙ୍କେତ ପାଇଥାଉ ଯେଉଁଠାରେ ପାରିସ୍ପରିକ ସହଯୋଗ ବ୍ୟତୀତ ଈର୍ଷା ବା ବିଦ୍ୱେଷଭାବର ଲେଶ ମାତ୍ର ପରିଦୃଷ୍ଟ ହୁଏନାହିଁ । ଏହାର କାରଣ, ବିଦ୍ୟା ଅଧ୍ୟୟନ କ୍ଷେତ୍ରରେ ଉଭୟ ଶିକ୍ଷକ ଓ ଛାତ୍ରମଣ୍ଡଳୀରେ ମନୋବୃତ୍ତିର ଏକ ଉଦାର ଦୃଷ୍ଟିକୋଣର ଉପସ୍ଥିତି । ଅଧ୍ୟାପକ ଓ ଛାତ୍ରମଣ୍ଡଳୀ ମଧ୍ୟରେ ଏତାଦୃଶ ଆନ୍ତରିକ ସଂଯୋଗ କେବଳ ଆମର ପ୍ରାଚୀନ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଯେ ଥିଲା ତାହା ନୁହେଁ, ପରନ୍ତୁ ପୃଥିବୀର ଅନ୍ୟାନ୍ୟ ସମୃଦ୍ଧ ବିଶ୍ୱବିଦ୍ୟାଳୟଗୁଡ଼ିକର ତାହାହିଁ ପ୍ରକୃତ ଜୀବନଧାରା ।

କାଳକ୍ରମେ ଛାତ୍ରମାନଙ୍କର ସଂଖ୍ୟାବୃଦ୍ଧି ଘଟିଲା ଏବଂ ବିଶ୍ୱବିଦ୍ୟାଳୟଗୁଡ଼ିକ ଛାତ୍ର ଓ ଅଧ୍ୟାପକମାନଙ୍କ ମଧ୍ୟରେ ସେହି ଆନ୍ତରିକ ସଂଯୋଗର ଆଦର୍ଶ ଅବ୍ୟାହତ ରଖି-ପାରିଲେ ନାହିଁ । ଫଳରେ କେନ୍ଦ୍ରୀୟ ଓ ତତ୍‌ସଂଲଗ୍ନ ବହୁ ଶିକ୍ଷାନୁଷ୍ଠାନ ଗଢ଼ି ଉଠିଲା ଯାହାଦ୍ୱାରା ବିଦ୍ୟା-ଶିକ୍ଷାର ଏହି କେନ୍ଦ୍ର ସକଳ ଛାତ୍ର ଶିକ୍ଷକ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ଏବଂ ବିବିଧ ମତବାଦସଂପନ୍ନ ଛାତ୍ରର ମନୋବୃତ୍ତି ମଧ୍ୟରେ ଉଦାର ଦୃଷ୍ଟିକୋଣର ବିକାଶ ଘଟାଇ ପାରିଥିଲା । ଆମର ଶିକ୍ଷାନୁଷ୍ଠାନଗୁଡ଼ିକ ଯଥାର୍ଥରେ ଛାତ୍ର-ଶିକ୍ଷକ-ସୌହାର୍ଦ୍ଦ୍ୟ ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଛାତ୍ରକୁ ମାନବର ଜ୍ଞାନ ଭଣ୍ଡାର ପ୍ରତି ଉନ୍ମୁଖ କରିବାରେ ଆବଶ୍ୟକୀୟ ସାହାଯ୍ୟ ପ୍ରଦାନ କରିବା ସହିତ ସେମାନଙ୍କ ମନରେ ଉଦାର ମନୋ-ବୃତ୍ତିର ବିକାଶ ପ୍ରତି ଧ୍ୟାନଦେବା ପ୍ରୟୋଜନ ।

ଏ ଦେଶର ଯୁବକମାନେ ବିଦ୍ୟାଳୟର ପରିବେଶରୁ ଉତ୍ତୀର୍ଣ୍ଣ ହୋଇ ଯେତେବେଳେ ସଂସାର କ୍ଷେତ୍ରରେ ପ୍ରବେଶ କରିବେ, ସେତେବେଳେ ସେମାନଙ୍କର ପ୍ରଧାନ ପାଥେୟ ହେବ ଏହି ପ୍ରାଜ୍ଞ-ମନୋଭଙ୍ଗୀ । ଏହା ଉଚିତ ଅତି ଭଲ କଥା ଯେ, ପ୍ରାଚୀନ ଋଷି ଆଶ୍ରମପରି ଆମର ବିଶ୍ୱବିଦ୍ୟାଳୟଗୁଡ଼ିକ ଆମ ସାମାଜିକ ପରିବେଶଠାରୁ ବିଚ୍ଛିନ୍ନ ନୁହେଁ । ନିଶ୍ଚିତଭାବରେ ଆମର ଛାତ୍ରସମାଜକୁ ସେମ... ଚତୁର୍ଦ୍ଦିଗରେ ଘେରି ରହିଥିବା ସମାଜର ଅ... ସବୁକୁ ଅନୁଧ୍ୟାନ କରିବାପାଇଁ ଏବଂ ପରିଶେ... ସାଂସାରିକ ସମସ୍ୟା ସମ୍ପର୍କରେ ଯଥାଯଥ ଧା... ପୋଷଣ କରିବାରେ ସେମାନଙ୍କୁ ଯଥେଷ୍ଟ ସାହ... କରିଥାଏ ।

ଏହିସବୁ ସମସ୍ୟା ସେମାନଙ୍କୁ ଯେ କେବ... ବ୍ୟକ୍ତିଗତଭାବରେ ଜଡ଼ିତ କରିବ ତାହା ନୁହେଁ, ବ... ସେସବୁ ସମସ୍ୟା ଆମ ସମାଜ ଓ ଜାତୀୟ ଜୀ... ସହିତ ଜଡ଼ିତ ରହିଥାଏ । ସମାଜ ଓ ଜାତିର ପ୍ର... ଦେଶର ଯୁବଶକ୍ତି ଉପରେ ନିର୍ଭରଶୀଳ । ତାହା ସୁ... ସାଧିତ ହୋଇପାରେ ଯଦି ଆମେ ବିଶ୍ୱର ସ... ଆମର ପାରଂପରିକ ମୂଲ୍ୟବୋଧଗୁଡ଼ିକର ପୁ... ମୂଲ୍ୟାୟନ କରୁଁ । ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଯେଉଁସବୁ ପରିବର୍ତ୍ତନର ଧାରା ଆମ ନିକଟକୁ ଆସିଅଛି ସେସବୁ ବିଷୟକୁ ନ ନେଇ ଆମେ ଯଦି ପାରଂପରି... ବିଷୟବୋଧକୁ ଧରିରଖିବୁ, ତାହାହେଲେ ଆମେ ଧ୍ୱଂସକୁ ବରଣ କରୁଅଛୁ ବୋଲି ବୁଝିବାକୁ ହେବ । ନାନାଜାତିର ଜୀବଜନ୍ତୁ ଓ ଉଦ୍ଭିଦମାନେ ଆମର ଏ... ପୃଥିବୀପୃଷ୍ଠରୁ ଏକାବେଳକେ ନିଶ୍ଚିହ୍ନ ହୋଇଯାଇ ଅଛନ୍ତି, ଯେତେବେଳେ ସେମାନେ ସମୟକ୍ରମେ ଦେଖାଦେଉଥିବା ପରିବର୍ତ୍ତିତ ପରିସ୍ଥିତି ସହିତ ନିଜକୁ ଖାପ୍‌ଖୁଆଇ ପାରିନାହାନ୍ତି । ମନୁଷ୍ୟ କେବଳ ଆପଣାର ବିବେକ ବଳରେ ଉନ୍ନତଭାବରେ ବ୍ୟବହାର ପ୍ରଦର୍ଶନ କରିଆସିଅଛି ଏବଂ ନୂତନ ପରିବେଶ ସହିତ ନିଜକୁ ଚଳାଇ ନେଉଅଛି ।

ସାଧାରଣ ମନୁଷ୍ୟ ପରମହଂସ ନିକଟରେ ଆବଦ୍ଧ । ଆମର ବିଷୟବୁଦ୍ଧି ସଂପନ୍ନ ଯୁବଶକ୍ତିର କର୍ତ୍ତବ୍ୟ ହେଉଛି—ସାଧାରଣ ମଣିଷ ନିକଟରେ ଜ୍ଞାନର ଆଲୋକ

ନେଇ ଉଠାଇ ଦେବା ଏବଂ ସେହି ସୂତ୍ରରେ ସମାଜରେ ଯୁକ୍ତିସଂଗତ ବସ୍ତୁନିଷ୍ଠଶକ୍ତିର ବିକାଶସାଧନ କରିବା ।

ଆମର ଉପଲବ୍ଧି କରିବା ଉଚିତ ଯେ, ଏ ଦେଶ ବର୍ତ୍ତମାନ ଯୋଡ଼ିଏ ମୁଖ୍ୟ ସମସ୍ୟାର ସମ୍ମୁଖୀନ । ପ୍ରଥମଟି ଜାତୀୟସଂହତିର ଅଭାବ ଏବଂ ଅନ୍ୟଟି ଜୀବନର ବିକାଶପଥରେ ଆବଶ୍ୟକୀୟ ଖାଦ୍ୟପଦାର୍ଥ ଉତ୍ପାଦନରେ ଶିଥିଳତା ।

ଜାତୀୟସଂହତି ସମ୍ପର୍କରେ ଆମେ କହିପାରୁ ଯେ, ଭାରତୀୟ ଜାତୀୟତା ଗୋଟିଏ ନୂତନ ଧାରଣା । ଆମେ ଯଦି ଅତୀତ ଇତିହାସ ପ୍ରତି ଦୃଷ୍ଟି ନିକ୍ଷେପ କରୁ, ତେବେ ଦେଖିବାକୁ ପାଉ, କେତେଗୁଡ଼ିଏ ବିଷୟ ଉପରେ ଦଳୀୟ ସଂଗଠନ ନିର୍ଭର କରୁଥିଲା ଯାହାକି ଶ୍ରେଣୀମାନଙ୍କରେ ଦୁର୍ବିପାକର କାରଣ ହେଉଥିଲା । ଏହିସବୁ ପରେ ସ୍ୱାଧୀନତା ଆନ୍ଦୋଳନବେଳେ ଲୁଚିଗଲା ଏବଂ ଭାରତୀୟ ଜାତୀୟତାର ଭାବମୂର୍ତ୍ତି ପ୍ରାଧାନ୍ୟ ଲାଭ କଲା । ସ୍ୱାଧୀନତା ପରେ ଭାଷାଭେଦ, ଆଞ୍ଚଳିକଭେଦ ଏବଂ ଅନ୍ୟାନ୍ୟ ସମ୍ପର୍କରୁ ନାନା ଭେଦଭାବ ମୁଣ୍ଡ ଟେକୁଅଛି । ଗୌଣ ସୀମାବିବାଦ ଅଥବା ଭାଷାଗତ ଆଞ୍ଚଳିକତା ବିସ୍ମୟହୀନ ଭାବରେ ଗୁରୁତ୍ୱଲାଭ କରୁଅଛି । ବିଶ୍ୱବିଦ୍ୟାଳୟଗୁଡ଼ିକ ମଧ୍ୟ ଏହି ଭେଦ-ବୁଦ୍ଧିର ସହାୟତା କଲାଭଳି ଆଞ୍ଚଳିକ ଭାଷାକୁ ବିଶ୍ୱବିଦ୍ୟାଳୟ ଶିକ୍ଷାର ସବୁସ୍ତରରେ ମାଧ୍ୟମରୂପେ ଗ୍ରହଣ କରୁଅଛନ୍ତି । ଏତାଦୃଶ ବ୍ୟବସ୍ଥା ବିଭିନ୍ନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଛାତ୍ର ଓ ଶିକ୍ଷକ ବିନିମୟକୁ ଅସମ୍ଭବ ନକଲେ ମଧ୍ୟ କଠୋର କରିପକାଇବ । ଜାତୀୟସଂହତିର ସୁରକ୍ଷା ଦୃଷ୍ଟିରୁ ବିଶ୍ୱବିଦ୍ୟାଳୟ ଶିକ୍ଷାର ଉଚ୍ଚତମ ସ୍ତରଗୁଡ଼ିକରେ କେବଳ ଗୋଟିଏ ମାତ୍ର ଭାଷାମାଧ୍ୟମ ପ୍ରଚଳିତ ହେବା ପ୍ରୟୋଜନ । ଆମର ଜାତୀୟଭାଷା ସମୃଦ୍ଧ ହେବା ପର୍ଯ୍ୟନ୍ତ ଜାତୀୟସଂହତିର ସୁରକ୍ଷା ଲାଗି ଇଂରେଜୀ ଭାଷା ଶିକ୍ଷାର ମାଧ୍ୟମରୂପେ ବ୍ୟବହୃତ ହେବା ଆବଶ୍ୟକ । ଆମେ, ବିଶେଷ କରି ଆମର ଯୁବକମାନେ, ଯଦି ଏ ଦିଗରେ ସତର୍କ ଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ବସ୍ତୁରବୁଦ୍ଧି ସଂପନ୍ନ ଆଭିମୁଖ୍ୟ ଗ୍ରହଣ ନକରୁ, ତାହାହେଲେ ଆଗକୁ ନିଶ୍ଚିତ ବିପଦର ଆଶଙ୍କା ରହିଅଛି ବୋଲି ମନେକରିବାକୁ ହେବ । ଗୋଟାଏ ଜାତି ଭାବରେ ପ୍ରଗତି ଯଦି ଆମର କାମ୍ୟ, ତେବେ ଆମକୁ ପାରମ୍ପରିକ ମୂଲ୍ୟବୋଧଗୁଡ଼ିକର ପୁଣି ଥରେ ବିଶ୍ଳେଷଣ କରିବାକୁ ହେବ ଏବଂ ଆମର ଜାତୀୟସଂହତି ପ୍ରତିଷ୍ଠା କରିବାକୁ ହେବ । ଭାରତୀୟ ଜାତୀୟତାକୁ ଯଦି ସୁଦୃଢ଼ କରିବାକୁ ହୁଏ, ତାହା-ହେଲେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଥିବା ପାରମ୍ପରିକ ଭେଦଭାବ ନିଶ୍ଚିତ ଭାବରେ ଦୂରୀଭୂତ ହେବା ଉଚିତ ।

ଆମ ଦେଶ ସମ୍ମୁଖୀନ ହୋଇଥିବା ଅନ୍ୟ ଗୋଟିଏ ବିରାଟ ସମସ୍ୟା ହେଉଛି, ଜୀବନଯାପନ ପକ୍ଷରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟଗୁଡ଼ିକ ସହିତ ଖାଦ୍ୟପଦାର୍ଥ ଉତ୍ପାଦନର ଅପ୍ରଚୁରତା । ଲୋକଙ୍କର ଜୀବନଧାରଣ-ମାନର ସାଧାରଣ ଭାବରେ ପରିବର୍ତ୍ତନ ଘଟିଅଛି । ପୂର୍ବେ ଯେଉଁସବୁ ପଦାର୍ଥ ବିଳାସ ସାମଗ୍ରୀରୂପେ ପରିଗଣିତ ହେଉଥିଲା ସେସବୁ କାଳକ୍ରମେ ଅତ୍ୟା-ବଶ୍ୟକ ଦ୍ରବ୍ୟ ଭାବରେ ସ୍ୱୀକୃତ ହେଉଅଛି । ଜନ-ସଂଖ୍ୟାର ଅଭିବୃଦ୍ଧି ଏହି ସମସ୍ୟାକୁ କଠୋର କରିପକାଇଛି । ଆମେ ଯଦି ଅତ୍ୟାବଶ୍ୟକ ଦ୍ରବ୍ୟ-ଗୁଡ଼ିକର ଉତ୍ପାଦନ ନବଢ଼ାଉ, ତାହାହେଲେ ଆମକୁ ଅନ୍ୟାନ୍ୟ ସମୃଦ୍ଧ ଦେଶଗୁଡ଼ିକ ଉପରେ ଅଧିକରୁ ଅଧିକତର ନିର୍ଭର କରିବାକୁ ପଡ଼ୁଥିବ ଏବଂ ପରିଣାମରେ ବିଦେଶୀ ରାଷ୍ଟ୍ରମାନେ ବର୍ତ୍ତମାନଭଳି ସେମାନଙ୍କର ବ୍ୟବସାୟ ବାଣିଜ୍ୟମୂଳକ ସାମ୍ରାଜ୍ୟ-ବାଦକୁ ବିସ୍ତାର କରୁଥିବେ । ଆମ ଦେଶର ଶିଳ୍ପ-ବିଜ୍ଞାନ ମୂଳକ ପ୍ରଗତି ତ ଦୂରର କଥା, ଆମର କୃଷି ମଧ୍ୟ ଅନୁନ୍ନତ ଅବସ୍ଥାରେ ରହିଅଛି । କାରଣ ଆମ ଦେଶର କୃଷକମାନେ ସେମାନଙ୍କର ବହୁଧା ବିଭକ୍ତ କ୍ଷୁଦ୍ର କ୍ଷୁଦ୍ର ଜମି ଖଣ୍ଡରେ କୌଣସି ନୂତନ ପ୍ରଣାଳୀ ପ୍ରୟୋଗ କରିବାରେ

ସେମାନଙ୍କର ରକ୍ଷଣଶୀଳ ସ୍ୱଭାବ ହେତୁ କୁଣ୍ଠିତ ହେଉଥିବାରୁ ଅନ୍ୟମାନେ କୃଷିକ୍ଷେତ୍ରରେ ଉନ୍ନତ-ଧରଣର କୃଷିପ୍ରଣାଳୀ ଅବଲମ୍ବନ କରିପାରନାହାନ୍ତି । ଜମିର ସର୍ବୋଚ୍ଚସୀମା ଧାର୍ଯ୍ୟ ହେଉଥିବାରୁ ଏବଂ ଭୂମିହୀନଙ୍କୁ ଜମି ବାଣ୍ଟି ଦିଆଯାଉଥିବାରୁ ଏହି ସମସ୍ୟା ବର୍ତ୍ତମାନ ଏକ ଉଗ୍ର ଆକାର ଧାରଣ କରିବାକୁ ଯାଉଅଛି । ସାଧାରଣଭାବରେ ଏସବୁଥି ଲାଗି ବର୍ତ୍ତମାନ ଦାବି ହେଉଅଛି, ମାତ୍ର ଉତ୍ପାଦନ କ୍ଷେତ୍ରରେ ଏହାର ପ୍ରଭାବ ଭଲ ଫଳ ଦେଖାଇବ ନାହିଁ । ଏହାର ପ୍ରତିକାର ନିର୍ଭର କରେ କୋଠଗୁଣ ଉପରେ ।

ଏହି ସମସ୍ତ ସମସ୍ୟାର ସମାଧାନ ଲାଗି ଆମ ଦେଶ ନିର୍ଭର କରେ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରାଜ୍ଞ ଯୁବଶକ୍ତି ଉପରେ । ଅନ୍ୟାନ୍ୟ ସ୍ଥାନରେ ଯେପରି ଆମ ଏଠାରେ ସେହିଭଳି ପାରମ୍ପରିକ ମୂଲ୍ୟବୋଧଗୁଡ଼ିକର ପୁନର୍ବିଚାରର ପ୍ରୟୋଜନ । ପାରମ୍ପରିକ ଭାବରେ ଆମର ସମାଜ ଜ୍ଞାନାର୍ଜନ ଓ ପାଣ୍ଡିତ୍ୟ ପ୍ରତି ଉଚ୍ଚତମ ମୂଲ୍ୟ ଆରୋପ କରିଆସିଅଛି । ଶିକ୍ଷିତ ଲୋକେ ଉଚ୍ଚତମ ସମ୍ମାନର ଅଧିକାରୀ ହେଉଥିବାରୁ ସେମାନେ ଶାରୀରିକଶ୍ରମକୁ ଘୃଣା-ଦୃଷ୍ଟିରେ ଦେଖି ଆସୁଅଛନ୍ତି । ବର୍ତ୍ତମାନ ଯୁଗର ଶିକ୍ଷିତ ବ୍ୟକ୍ତି ଏହି ପରମ୍ପରା ଦ୍ୱାରା ପ୍ରଭାବିତ ହୋଇଅଛି ଏବଂ ସେ ଶାରୀରିକ ଶ୍ରମ-ରତ ଜନତାଠାରୁ ନିଜକୁ ବିଚ୍ଛିନ୍ନ ରଖି ଆସିଅଛି । ଅନ୍ୟାନ୍ୟ ସଭ୍ୟଦେଶଗୁଡ଼ିକରେ କିନ୍ତୁ ଶିକ୍ଷିତ ଲୋକଙ୍କର ଚିନ୍ତାଧାରା ଏହିପରି ନୁହେଁ । ଆମେ ଏହି ପାରମ୍ପରିକ ଚିନ୍ତାଧାରା ପ୍ରତି ଆମର ଦୃଷ୍ଟିକୋଣକୁ ବଦଳାଇବାକୁ ହେବ ଏବଂ କେବଳ ଯେ ଆମେ ସାଧାରଣ ଲୋକଙ୍କ ସହିତ ମିଳାମିଶା କରିବୁଁ, ଆଉ ସେମାନଙ୍କୁ ଉପଦେଶ ଦେବୁଁ ତାହା ନୁହେଁ, ବରଂ କୃଷି ଓ ଶିଳ୍ପ କ୍ଷେତ୍ରରେ ଆମର ଉତ୍ପାଦନ ଶକ୍ତିର ଅଭିବୃଦ୍ଧି ଲାଗି ସେମାନଙ୍କ ସହିତ ଏକାଠି କାମ କରିବୁ । ଯଦି ଆମ ଯୁବ ସମ୍ପ୍ରଦାୟର ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାପାଇଁ ଆମର ଶିକ୍ଷାପଦ୍ଧତିକୁ ବଦଳାଇବା ଲୋଡ଼ା ହୁଏ, ତା
ଏ ଧରଣର ପରିବର୍ତ୍ତନ ଏକାନ୍ତ ଆବଶ୍ୟକ ।
କର୍ମାଭିମୁଖୀ ହେବା ପ୍ରୟୋଜନ ଏବଂ ଶ୍ରମର
ଓ ସମ୍ମାନ ପୁନଃ ପ୍ରତିଷ୍ଠିତ ହେବା ଆବଶ୍ୟକ ।

ଆମ ଦେଶ ଏବଂ ତତ୍‌ସଂଲଗ୍ନ ବିଭିନ୍ନ
ଏହିସବୁ ସମସ୍ୟାର ସମ୍ମୁଖୀନ ହେବାକୁ
"ଧର୍ମାର୍ଥ କାମ ମୋକ୍ଷାଣାଂ ପ୍ରାଣାଃ ସଂସ୍ଥିତ ହେ
ତାନ୍ ନିଘ୍ନତା କିଂ ନହତଂ ରକ୍ଷତା କିଂ ନରକ୍ଷି

ସବୁଧରଣର ବିଷୟର କ୍ଷେତ୍ରରେ ନିଜର ବ୍ୟ
ଅତ୍ୟଧିକ ପ୍ରାଧାନ୍ୟ ନ ଦେବାହିଁ ବେଶି ପ୍ରୟୋ
ଆଧୁନିକ ମନୁଷ୍ୟ ବହୁ ଜଟିଳ ସମସ୍ୟାର ସମ୍ମୁ
ନିଜପ୍ରତି ତାହା'ର କର୍ତ୍ତବ୍ୟ ରହିଅଛି—
ନିକଟତମ ମନୁଷ୍ୟମାନଙ୍କ ପ୍ରତି, ତା ନିଜ
ସମାଜ ପ୍ରତି, ତାହାର ଦେଶ ପ୍ରତି ଏବଂ ପରେ
ବୃହତ୍ତର ମାନବସମାଜ ପ୍ରତି ତାହାର
ରହିଅଛି । ଆମର ଶିକ୍ଷା ଏହିଭଳି ହେବା
ଯାହାଦ୍ୱାରା ବ୍ୟକ୍ତିବିଶେଷ ଆପଣାର ଉଦାର ଶି
ବଳରେ ଏହିସବୁ ଜଟିଳ କର୍ତ୍ତବ୍ୟଗୁଡ଼ିକ
ସଂହତି ପ୍ରତିଷ୍ଠା କରିପାରିବ । କୌଣସି
ଦିଗପ୍ରତି ଅଯଥା ଅଧିକ ଗୁରୁତ୍ୱ ଆରୋପ କରି
ପଦେ ପଦେ ସଂଘର୍ଷ ଓ ଭାରସାମ୍ୟରେ
ବିଶୃଙ୍ଖଳତାର ଆଶଙ୍କା ଅଛି । ତୁଳାଦଣ୍ଡର
ଓ ଭାରବୈଷମ୍ୟ ବିଚାର କରିବ କିଏ ?
ବୁଦ୍ଧି ଦ୍ୱାରା ପରିଚାଳିତ ବ୍ୟକ୍ତିମାନେ ଏବଂ ମହା
ମାନଙ୍କ ଦ୍ୱାରା 'ନିର୍ଦ୍ଧାରିତ ମାନଦଣ୍ଡମାନ' ଏହି
ବିଚାରକର୍ତ୍ତା । ଧର୍ମ ଯେତେବେଳେ ଯୁଧିଷ୍ଠି
ଜୀବନର ପ୍ରକୃତ ମାର୍ଗ ସମ୍ପର୍କରେ ପ୍ରଶ୍ନ
ଯୁଧିଷ୍ଠିର ଉତ୍ତରରେ କହିଥିଲେ—

"ବେଦାଃ ବିଭିନ୍ନାଃ ସ୍ମୃତୟୋଽପି ଭିନ୍ନାଃ
ନୈକୋ ମୁନିର୍ଯସ୍ୟ ମତଂ ପ୍ରମାଣମ୍ ।

ଧର୍ମସ୍ୟ ତତ୍ତ୍ୱଂ ନିହିତଂ ଗୁହାୟାମ୍
ମହାଜନୋ ଯେନ ଗତଃ ସ ପନ୍ଥା ।”

ବେଦରେ ଭିନ୍ନତା; ଶ୍ରୁତିରେ ଭିନ୍ନତା; ଏପରିକି ଜଣେ ହେଲେ ମୁନି ନାହାନ୍ତି ଯାହାଙ୍କର ମତ ସର୍ବମାନ୍ୟ । ଧର୍ମର ତତ୍ତ୍ୱ ରହସ୍ୟାବୃତ । ଅତଏବ ପ୍ରକୃଷ୍ଟ ପନ୍ଥା ହେଉଛି ମହାଜନମାନଙ୍କର ପ୍ରଦର୍ଶିତ ମାର୍ଗ ।

ଏଠାରେ ମଧ୍ୟ ବ୍ୟକ୍ତି ନିଜେ ଗୋଟିଏ କେନ୍ଦ୍ରବିନ୍ଦୁ । ତାହାର ସ୍ୱରୂପଟି ଜଗତର ବସ୍ତୁ ସକଳ ସୃଷ୍ଟି ପ୍ରମାଣ । ତାହାର ନିଜସ୍ୱ ଇଚ୍ଛା ଯାହା ଥାଉ ପଛକେ ଏବଂ ତାହାର ପରିପାର୍ଶ୍ୱ ଯେତେ ସୀମାବଦ୍ଧ ହୋଇଥାଉ ପଛକେ, ମହାଜନମାନଙ୍କର ନିର୍ଦ୍ଦେଶ ହେଉଛି ନିଜର ବ୍ୟକ୍ତି-ସ୍ୱାର୍ଥକୁ ପାରିପାର୍ଶ୍ୱିକ ସମାଜର ସ୍ୱାର୍ଥ ସହିତ ସାମଞ୍ଜସ୍ୟ ଭାବରେ ସଂଯୋଜିତ କରିବା ।

ଶିକ୍ଷିତ ଯୁବକ ସେହିମାନେ, ସାଧାରଣ ଲୋକଙ୍କ ଦୃଷ୍ଟିରେ ଯେଉଁମାନେ ନେତୃତ୍ୱ ଦେଇପାରିବେ । ସେମାନେ ଏପରି ମାର୍ଗ ପ୍ରବର୍ତ୍ତନ କରିବେ ଯାହା ଅନ୍ୟମାନଙ୍କ ଦ୍ୱାରା ଅନୁସୃତ ହେବ । ଗୀତାର ବାଣୀ ଆମ୍ଭମାନଙ୍କର ଅବଶ୍ୟ ସ୍ମରଣୀୟ—

“ଯଦ୍‌ଯଦା ଚରତେ ଶ୍ରେଷ୍ଠଃ ତତ୍‌ତଦେବେତରୋ ଜନାଃ”
ଶ୍ରେଷ୍ଠ ଲୋକଙ୍କର ଆଚରଣକୁ ଅନ୍ୟମାନେ ଅନୁସରଣ କରିଥାନ୍ତି ।

ଆମର ଆଲୋଚିତ କର୍ତ୍ତବ୍ୟଗୁଡ଼ିକ ଭିତରେ ଆମ ନିଜର ବିଦ୍ୟାପୀଠ ପ୍ରତି ଆମର କର୍ତ୍ତବ୍ୟ ଅନ୍ତର୍ଭୁକ୍ତ ଥିଲେ ମଧ୍ୟ ଆମେ ଆମର ସ୍ନାତକମାନଙ୍କୁ ଆଜି ବିଶେଷଭାବରେ ନିବେଦନ କରୁଅଛୁ ଯେ ସେମାନେ ନିଜ ଜୀବନ ଓ ନିଜର କର୍ତ୍ତବ୍ୟଗୁଡ଼ିକୁ ଏପରି ଭାବରେ ସଂଗଠିତ କରନ୍ତୁ, ଯାହାଦ୍ୱାରା ସେମାନଙ୍କର ବିଦ୍ୟାପୀଠଗୁଡ଼ିକର ମର୍ଯ୍ୟାଦା ଓ ପବିତ୍ରତା କଦାପି ନ୍ୟୂନ ବା ବିନଷ୍ଟ ହେବନାହିଁ ।

ଜଗନ୍ନାଥ ଦାସଙ୍କର ଭାଗବତରୁ ଗୋଟିଏ ପଂକ୍ତି ଉଦ୍ଧାର କରି ମୁଁ ମୋର ବକ୍ତବ୍ୟ ଶେଷ କରୁଅଛି—

“ବୁଦ୍ଧି ବିଚାରି କାର୍ଯ୍ୟ କଲେ
ପ୍ରମାଦ ନ ପଡ଼ଇ ଭଲେ ।”

## ସଞ୍ଚୟୀ ଗ୍ରାମ

ସୁନ୍ଦରଗଡ଼ ଜିଲ୍ଲାର ‘ଭେଡ଼ାବାହାଲ’ ସଞ୍ଚୟୀ ଗ୍ରାମରୂପେ ସଂଗଠିତ ହୋଇ ପାରିଛି । ଏହି ଗ୍ରାମର ୨୮୪ଟି ପରିବାର ମଧ୍ୟରୁ ୬୩ଟି ପରିବାର ଡାକଘର ସଞ୍ଚୟ ବ୍ୟାଙ୍କ ଏକାଉଣ୍ଟ ଖୋଲିଛନ୍ତି ଓ ସେଥିରେ ଟ ୨୨,୯୨୦.୩୦ ଟଙ୍କା ଜମା ଦେଇଛନ୍ତି ।

# ନିଜ ଯୋଗ୍ୟତାରେ ଆଗେଇ ଯିବାକୁ ଆମ କର୍ମୀମାନଙ୍କୁ ଆମେ ସାହାଯ୍ୟ କରୁ



ଆମ ସଂସ୍ଥାରେ ଆମ କର୍ମୀମାନେ
ନ୍ୟାଯ୍ୟ ସୁଯୋଗ-ସୁବିଧା ଛଡ଼ା ମଧ୍ୟ
ଭଲଭାବେ ଜୀବନଯାପନ ପାଇଁ ସବୁ ପ୍ରକାର
ସହାୟତା ପାଇବାର ହକଦାର ;
ତେଣୁ ସେମାନେ କର୍ମ ନିପୁଣତା ଛଡ଼ା ଆହୁରି
ଅନେକ ପ୍ରକାର ପ୍ରତିଭା ଲାଭ କରିଥାନ୍ତି ।
କେବଳ ସେତିକି ନୁହେଁ ।
କର୍ମୀମାନଙ୍କର ଘରୋଇ ଆବଶ୍ୟକତା ମଧ୍ୟ
ଆମେ ସ୍ୱୀକାର କରିଥାଉଁ, ତେଣୁ ପରିବାରର
ସକଳ ସୁଯୋଗ ଆମେ ଯୋଗାଇଥାଉଁ ।

ସେମାନଙ୍କ ନିରପେକ୍ଷ ପଦୋନ୍ନତି
ପାଇଁ ପରୀକ୍ଷା ବ୍ୟବସ୍ଥା ରହିଛି ଏବଂ
ସେଥିରେ ଉତ୍ତୀର୍ଣ୍ଣ ହେବାକୁ ଜାମସେଦପୁରରେ
ଥିବା ଆମର ଟେକ୍‌ନିକ୍ୟାଲ ଇନ୍‌ଷ୍ଟିଚ୍ୟୁଟରେ
ବିନା ଖର୍ଚ୍ଚରେ ତାଲିମ ବ୍ୟବସ୍ଥା ରହିଛି ।
ଏହିଠାରେ ଅଦ୍ୟାବଧି ୧୦,୦୦୦ କର୍ମୀ ତାଲିମ
ତାଲିମ ପାଇଲେଣି !
ଆମର ଶକ୍ତି ଖାଲି ଇସ୍ପାତଟି ନୁହେଁ,
ଲୋକଶକ୍ତି ମଧ୍ୟ ।

TN 2015A

**ଟାଟା ଷ୍ଟିଲ**

# ଏକ ଆଦର୍ଶ ରାଷ୍ଟ୍ର ଗଠନରେ ଯୁବସମାଜ ବ୍ରତୀହେଉ

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ଶ୍ରୀ ନିତ୍ୟାନନ୍ଦ କାନୁନଗୋଙ୍କ ଉଦ୍‌ବୋଧନ

ଏପ୍ରିଲ ୨ ତାରିଖ ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେଇ ପ୍ରଧାନ ଅତିଥି ବିହାରର ପୂର୍ବତନ ରାଜ୍ୟପାଳ ଶ୍ରୀ ନିତ୍ୟାନନ୍ଦ କାନୁନଗୋ କହିଲେ ଯେ, ସାର୍ବଜନୀନ ସୁଖଶାନ୍ତି ଲାଗି ଜ୍ଞାନର ବିନିଯୋଗ ଏକାନ୍ତ ଆବଶ୍ୟକ । ପାରିବାରିକ ଅପେକ୍ଷିତାର ଉପଲବ୍ଧି ବିନା ସ୍ୱାଧୀନତା ଓ ସମତା ନିରର୍ଥକ । ଏଣୁ ଶୋଷଣମୁକ୍ତ, ଦୁଃଖ ଯାତନାହୀନ ଏବଂ ଆଦର୍ଶ ଦେଶ ତଥା ବିଶ୍ୱ ଗଠନ ଦିଗରେ ଛାତ୍ରମାନେ ବ୍ରତୀ ହେବା ଆବଶ୍ୟକ । ଶ୍ରୀ କାନୁନଗୋଙ୍କ ଭାଷଣର ସାରାଂଶ ନିମ୍ନରେ ପ୍ରଦତ୍ତ ହେଲା ।

ଜ୍ଞାନ ଆହରଣ ଦିଗରୁ ଶିକ୍ଷା ଫଳପ୍ରଦ ହୋଇ ଥାଏ । ମାତ୍ର ସେ ଉଚ୍ଚ ଶିକ୍ଷିତ ସେ ଯେ ନିଶ୍ଚୟ ବୁଦ୍ଧିମାନ ହୋଇଥିବ ତାହା କୁହାଯାଇ ନ ପାରେ । ଜ୍ଞାନର ପ୍ରକୃତ ନୁହେଁ । କାରଣ ଏହାର ଭିତରେ ମଣିଷର ପ୍ରବୃତ୍ତିର ପରିବର୍ତ୍ତନ ଲାଗି ପ୍ରବଳ ସଂଗ୍ରାମ ଥାଏ । ପ୍ରକୃତ ଜ୍ଞାନ ଆହରଣ ଲାଗି ଇନ୍ଦ୍ରିୟ ସଂଯମ ଓ ଯୋଗ ଅପେକ୍ଷିତ । ମନର ସଂଯମ ନ ଥିଲେ ବିଜ୍ଞାନ, କଳା ବା ଧର୍ମଶାସ୍ତ୍ରରେ ପଣ୍ଡିତ ହୋଇଥିଲେ ମଧ୍ୟ ସେ ହାଲଶୂନ୍ୟ ନୌକା ଭଳି ଇତସ୍ତତଃ ହୋଇଥାଏ । ଅନୁସନ୍ଧାନ ବୃଦ୍ଧି ବା ଜ୍ଞାନ ଆହରଣ ବୃଦ୍ଧି ତାହା କେବଳ ସାମାଜିକ ବ୍ୟବସ୍ଥା ଭିତରେ ସମ୍ଭବ ଏବଂ ସମାଜରେ ରହିବା ମାତ୍ରେ ସର୍ବ ଅପେକ୍ଷିକତାର ଉପଲବ୍ଧି ମଧ୍ୟ ଏକାନ୍ତ ଆବଶ୍ୟକ । ଯେଉଁମାନଙ୍କ ଲୋକ ପାଇଁରେ ସ୍ୱାଧୀନତା, ସମାନତା, ବନ୍ଧୁତା ଏପରିକି ସଭ୍ୟତା ନିରର୍ଥକ ।

ମଣିଷ ନର ଦେହରୁ ତଥା ସାଂସାରିକ ଜଞ୍ଜାଳ ଭିତରୁ କିପରି ଉଦ୍ଧାର ପାଇବ ସେଥିଲାଗି ବ୍ୟାକୁଳ ।

ସେ ଯୁଦ୍ଧ ବଦଳରେ ଶାନ୍ତି ଇଚ୍ଛା କରେ । ବିଶୃଙ୍ଖଳତାକୁ ଦୂର କରି ସର୍ବଦା ଶୃଙ୍ଖଳିତ ଜୀବନ ଯାପନ କରିବାକୁ ଚାହେଁ । ବିଜ୍ଞାନର ଅଗ୍ରଗତି ସାଙ୍ଗକୁ ମଣିଷ ବଦଳି ଯାଇ ପଡ଼ୁଛି । ବିଜ୍ଞାନର ଅପପ୍ରୟୋଗ ହେଉଛି । ପୁରାତନ ଶିଳ୍ପଗତରେ ଅପସାରିତ ହେଉଛି, ତାହା ଆଉ ଫେରି ଆସିବ ନାହିଁ । ଶିଳ୍ପ ପ୍ରସାର ମଧ୍ୟରୁ ନୂତନ ସଭ୍ୟତା ମୁଣ୍ଡ ଟେକି ଉଠିବା ସଙ୍ଗେ ସଙ୍ଗେ ଆମର ଅର୍ଥନୀତି ଓ ସାମାଜିକ ବ୍ୟବସ୍ଥାର ପରିବର୍ତ୍ତନ ଘଟୁଛି । ସାମନ୍ତବାଦୀ ବ୍ୟବସ୍ଥା ଦେଖୁଦେଖୁ ଭାଙ୍ଗି ପଡ଼ୁଛି ।

ବିଜ୍ଞାନର ବିବର୍ତ୍ତନ ଓ କ୍ରମୋନ୍ନତି ପ୍ରତି ଲକ୍ଷ୍ୟ କଲେ ଜଣାଯାଏ ଯେ ବିଜ୍ଞାନ ମଣିଷକୁ ପ୍ରଭୂତ ଶକ୍ତିର ଅଧିକାରୀ କରିଛି । ଏହି ଶକ୍ତି ଦ୍ୱାରା ମଣିଷର କେତେକ ପାର୍ଥିବ ସୁବିଧା ହାସଲ ହୋଇ ପାରୁଛି, ମାତ୍ର କେତେକ ଦୃଷ୍ଟିରୁ ମଣିଷ ଏହାଦ୍ୱାରା ମଧ୍ୟ ବିପନ୍ନ ହେଉଛି । ଜ୍ଞାନ ସାଙ୍ଗକୁ ଅଜ୍ଞାନ ଓ ଦୁଃଖ ଦୁର୍ଦ୍ଦଶା ମଧ୍ୟ ବୃଦ୍ଧି ପାଇଛି । ପଣ୍ଡିତ ନେହେରୁଙ୍କ ଭାଷାରେ "ବିଜ୍ଞାନ ପାଶ୍ଚାତ୍ୟ ଦେଶସମୂହ ଉପରେ ଅଧିକାର କରି ବସିଛି । ସେଠାରେ ପ୍ରତ୍ୟେକେ ବିଜ୍ଞାନକୁ ଅଭିନନ୍ଦନ ଜ୍ଞାପନ କରୁଛନ୍ତି, ମାତ୍ର ଏମାନେ ପ୍ରକୃତ ବିଜ୍ଞାନଠାରୁ ବହୁ ଦୂରରେ ।"

ରାଜନୈତିକ ବ୍ୟବସ୍ଥାହିଁ ବୌଦ୍ଧିକ, ସାମାଜିକ ଓ ସାଂସ୍କୃତିକ ବିକାଶ ସଂଗଠିତ କରି ଥାଏ । ବୈଦିକ ଯୁଗରୁ ଗଣତାନ୍ତ୍ରିକ ବ୍ୟବସ୍ଥାହିଁ ମଣିଷର ସାମାଜିକ ବିକାଶ ଦିଗରେ ଉତ୍କୃଷ୍ଟ ବ୍ୟବସ୍ଥା ଭାବେ ବିବେଚିତ ହୋଇ ଆସିଛି । ବର୍ତ୍ତମାନ ପୃଥିବୀର ବିଭିନ୍ନ ସ୍ଥାନରେ ଗଣତନ୍ତ୍ରର ରୂପ ବିଭିନ୍ନ ପ୍ରକାରର । ସ୍ୱାମୀ ବିବେକାନନ୍ଦ କହିଥିଲେ ଯେ, ସାମାଜିକ ହେଉ ବା ରାଜନୈତିକ ହେଉ ସବୁ ବ୍ୟବସ୍ଥାର ଭିତ୍ତି ମଣିଷର ସଦ୍‌ଗୁଣ ଉପରେ ନିର୍ଭର କରେ । ଆଇନ୍, ସରକାର ରାଜନୀତି ହେଉଛି ଗୋଟିଏ ଗୋଟିଏ ପର୍ଯ୍ୟାୟ ଏହା ଚୂଡ଼ାନ୍ତ ନୁହନ୍ତି । ଏହାଠାରୁ ଲକ୍ଷ୍ୟ ଏପରି ଊର୍ଦ୍ଧ୍ୱ ସ୍ଥଳରେ ଅବସ୍ଥିତ ଯେଉଁଠିକି ଆଇନ କୌଣସି ଆବଶ୍ୟକତା ନ ଥାଏ । ଯିଶୁଖ୍ରୀଷ୍ଟ ମ ଏ କଥା କହିଥିଲେ ।

ଭାରତରେ ଗଣତନ୍ତ୍ର ଲୋକଙ୍କମନରେ ସ ଆଶାର ସଞ୍ଚାର କରିଛି । ଆମ ଦେଶରେ ପ୍ରୌ ଭାବରେ ଯେଉଁ ଭୋଟ ଶକ୍ତି ଦିଆଯାଇଛି ତା ପୃଥିବୀ ଇତିହାସରେ ଅଭୂତପୂର୍ବ, ମାତ୍ର ଏ ଦେଶ ଲୋକେ ଯେତିକି ସଚେତ ହେବାର କଥା ତା ହୋଇ ପାରି ନାହାନ୍ତି । ଗଣତନ୍ତ୍ର କେବଳ ରାଜନୀ ଓ ସାମାଜିକ କ୍ଷେତ୍ରରେ ସୀମାବଦ୍ଧ ନ ହୋଇ ସାର୍ବଜନୀନ ହେବା ଆବଶ୍ୟକ । ମଣିଷ ହାତରେ ଯେଉଁ ଶକ୍ତି ରହିଛି ତା'ର ସଦୁପଯୋଗ ଆବଶ୍ୟ ବିଜ୍ଞାନ କିମ୍ବା ରାଜନୀତି ମଣିଷକୁ ଶାନ୍ତି କିମ୍ବା ସୁ ଦେଇ ନ ପାରେ । ଏଥିଲାଗି ଆଧ୍ୟାତ୍ମିକତା ଓ ନୈତିକତା ଆବଶ୍ୟକ । ଯେଉଁ ଜ୍ଞାନଦ୍ୱାରା ଦୁଃଖ ଓ ପୀଡ଼ା ବୃଦ୍ଧି ପାଏ ତାହା ଜ୍ଞାନ ପଦବାଚ୍ୟ ନୁହେଁ । ମଣିଷ କେବଳ ମଣିଷ—ସେ ଜାତିହୀନ, ଶ୍ରେଣୀ ହୀନ । ଏହି ସଂହତି, ଏହି ସାର୍ବଜନୀନତାକୁ ସ୍ୱୀ କରି ଭାରତର ମୁନି, ଋଷିମାନେ ଯୁଗ ଯୁଗ ଧରି ମହତବାଣୀ ଦେଇ ଯାଇଛନ୍ତି ।

ଆଧ୍ୟାତ୍ମିକ ଓ ନୈତିକ ବିକାଶପାଇଁ ପାର୍ଥିବ ବିକାଶ ନିତାନ୍ତ ଆବଶ୍ୟକ । ଭାରତରେ ଏହି ଶକ୍ତିର ଅଗ୍ରବନାଙ୍କି । ଏକ ଶୋଷଣ, ଯାତନାମୁକ୍ତ ଦେଶ ତଥା ବିଶ୍ୱ ଗଠନ ଲାଗି ବ୍ରତୀ ହେବାକୁ ଯୁବଶକ୍ତିକୁ ଆହ୍ୱାନ କରିଥିଲେ ।

# ପ୍ରଗତି ପଥେ ଯୁଯୁମରା

ବଂଶୀଧର ପ୍ରଧାନ

ସମ୍ବଲପୁର ସହରଠାରୁ ୧୫ଣ କଲୋମିଟର ସମ୍ବଲପୁର-କଟକ ରାସ୍ତାରେ ଗଲେ ଯୁଯୁମୁରା ବ୍ଲକ୍ ଆମ ଅମ୍ଭଙ୍କର ଆଖି ଆଗରେ ପଡ଼ିବ । ବାରଗୋଟି ପଞ୍ଚାୟତର ୧୨୦ ଟି ଛୋଟ ବଡ଼ ଗାଁକୁ ନେଇ ଏକ ପଞ୍ଚାୟତ ସମିତି ଗଠିତ । ଏହାର ଆୟତନ ୨୫୫ ବର୍ଗମାଇଲ । ୧୯୭୧ ଜନଗଣନା ଅନୁଯାୟୀ ଏହି ସମିତିରେ ୪୧,୨୫୭ ଲୋକ ବସବାସ କରନ୍ତି । ଏହାରୁ ୧୮,୫୬୧ ଆଦିବାସୀ ଓ ୬,୦୮୮ ଲୋକ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ଲୋକ ଅଟନ୍ତି । ଏହି ସମିତିରେ ୩୮,୭୨୧.୩୭ ଏକର ଜମି କୃଷୋପଯୋଗୀ ଥିବାବେଳେ ହୀରାକୁଦ ବନ୍ଧର କେନାଲ ଓ କ୍ଷୁଦ୍ର ଜଳସେଚନ ଯୋଜନା ମାଧ୍ୟମରେ ୯,୦୯୪ ଏକର ଜମିରେ କୃଷିପାଇଁ ଜଳର ସୁବିଧା ରହିଛି । ଅବଶିଷ୍ଟ ଜମି ବର୍ଷାପାଣି ଉପରେ ନିର୍ଭର କରି ଚାଷ କରାଯାଏ ।

ଜଙ୍ଗଲ ଓ ପାହାଡ଼ଘେରା ଏହି ସମିତିର ଅଧେରୁ ବେଶୀ ଲୋକ ଆଦିବାସୀ ଓ ହରିଜନ ଯାହାଙ୍କର ଜୀବିକା ହେଲା ବଣରୁ କାଠ କାଟିବା, ମହୁଲ ସଂଗ୍ରହ କରି ପେଟ ପୋଷିବା । ପୂର୍ବେ ଏମାନେ କୃଷିକାମ ବିଷୟ ଜ୍ଞାନ ନଥିଲେ । ଗତ ଦଶବର୍ଷ ହେଲା କୃଷିରେ ମନ ଦେଉଛନ୍ତି ।

୧୯୭୦-୭୧ ମସିହାରେ ଏହି ସମିତି ମାଧ୍ୟମରେ ୧,୫୭୯.୩୦ ଏକର ଜମିରେ ଖରିଫ ଓ ୩,୭୪୭.୮୫ ଏକର ଜମିରେ ରବି ଚାଷ କରାଯାଇଥିଲା । ସମିତିର ଚେୟାରମେନ ଶ୍ରୀ କପିଳେଶ୍ୱର ପ୍ରଧାନ ଉନ୍ନତ ପ୍ରଣାଳୀରେ ଚାଷ ସାଙ୍ଗକୁ ବିଭିନ୍ନ ପନିପରିବା ଚାଷ କରି ଏ ଅଞ୍ଚଳରେ ଜଣେ ଅଗୁଆ କୃଷୀ ଭାବରେ ବିଶେଷ ପରିଚିତ ।

ଏହି ଯୁଯୁମୁରା ପଞ୍ଚାୟତ ସମିତି ମଧ୍ୟରେ ୪୨ ଟି ପରିବାରକୁ ନେଇ ୯୦୦ ଲୋକ ବାସକରୁଥିବା ଯୁଯୁମରା ଗ୍ରାମଟି । ଗ୍ରାମଟିକୁ ଦେଖିଲେ ମନେହୁଏ ସମସ୍ତେ ଅଭାବ ଅନାଟନ ଦେଇ ଗତିକରୁଛନ୍ତି । ଅଭାବତ ସମସ୍ତଙ୍କୁ ଲାଗି ରହିଛି । ମାତ୍ର ଅଭାବକୁ ଏ ଗାଁର ଲୋକେ ଅଙ୍ଗ ଖାତିରେ କରୁନାହାନ୍ତି । ତାର କାରଣ ଗାଁର ଏକତା, ସଭିଙ୍କର ଏକ ମନ, ସମସ୍ତେ ଭାଇ ଭାଇ ପରି କାନ୍ଧକୁ କାନ୍ଧ ମିଶାଇ ଗାଁରେ ଚଳିବେ ବୋଲି ବଦ୍ଧପରିକର । ଏଇ ୯୦୦ ଲୋକଙ୍କ ମଧ୍ୟରୁ ୨୮୯ ଆଦିବାସୀ ଓ ୧୩୯ ହରିଜନ । ଏଠି ନାହିଁ ଭେଦାଭେଦ, ନାହିଁ ଜାତିଆଣ ଭାବ । ସମସ୍ତଙ୍କର ଏକ କଥା, ଗାଁ ହସିବ, ବାହାରୁ ଲୋକ-ଆସି ଆମକୁ ତାରିଫ କରିବେ, ଗାଁର ଏକତା ଆମେ ରକ୍ଷିବୁ ବୋଲି । ଗ୍ରାମର ୧,୦୩୫ ଏକର ଆବାଦ

କୃଷିଜମି । ଜମି ସେତେ ଉର୍ବର ନୁହେଁ । ଟାଢ଼ା'ଉଆ ଟାଙ୍ଗର, ଜଳସେଚନର ସୁବିଧା ନାହିଁ । ତଥାପି ଗ୍ରାମର ଆଗୁଆ କୃଷୀ ଶ୍ରୀ ରଘୁବର୍ ସିଂହ, ଗୌରି ଶଙ୍କର ସିଂହ, ପରଦେଶୀ ପ୍ରଧାନ, ପଞ୍ଚାନନ ପଣ୍ଡା ପ୍ରଭୃତି ଉନ୍ନତ ପ୍ରଣାଳୀରେ ଧାନ ଚାଷକରି ଖତ ସାର ଦେଇ ଏ ଟାଙ୍ଗର ଜମିରୁ ଏକର ପ୍ରତି ୨୫ ମହଣ ଧାନ ଫଳାଇ ପାରୁଛନ୍ତି । ପୂର୍ବେ ଏ ଗାଁର କୃଷୀ ଏକର ପ୍ରତି ୧୦ ରୁ ୨୦ ମହଣ ଧାନ ଫଳାଇ ପାରୁଥିଲେ । ଧାନ ଛଡ଼ା ଗ୍ରାମର ସମସ୍ତେ ପନିପରିବା, ମୁଗ, ବିରି, କୋଲଥ, ମକା ଚାଷକରି ନିଜ ପରିବାରର ଖର୍ଚ୍ଚ ତୁଲାଇବା ସଙ୍ଗେ ସଙ୍ଗେ ବଜାରକୁ ପଠାଇ ଦୁ ପଇସା ବେଶ୍ ରୋଜଗାର କରି ପାରୁଛନ୍ତି ।

ଗାଁର ଯୁବକ ସଂଘ ଏକ ଟାଣୁଆ ସଂଘ । ଏମାନଙ୍କର ଶ୍ରମ ଦାନରେ ଗାଁର ରାସ୍ତା, ଗାଁର ପାଣିନାଳ, ସ୍କୁଲଘରେ ନିର୍ମାଣ ଓ ମରାମତି, "ଉତ୍କଳ" କ୍ଲବର ସଙ୍ଗୀତ ଉନ୍ନତି, ନାଟ୍ୟ ସଂଘର ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମକୁ ସଜୀବ କରିପାରିଛି । ଏମାନଙ୍କ ଯତ୍ନରୁ ଗାଁର ହିଂସା ବୋଧହୁଏ ଆଜି ଦଳରେ ପଡ଼ି ନାହାନ୍ତି । ସେମାନଙ୍କ ମିଳିତ ଚେଷ୍ଟାରେ ମହିଳା ସମିତିଟିଏ ଗଢ଼ି ଉଠିଛି ନୂଆକରି । ଗାଁର ଯାନଯାତ୍ରା ପୂନେଇଁ ପର୍ବରେ ଯୁବକସଂଘର ସମସ୍ତ ସଭ୍ୟ ଆଗେଇ ଆସନ୍ତି । କାର୍ତ୍ତିକ ମାସର ରାସ ପୂର୍ଣ୍ଣିମା ଗାଁର ବଡ଼ ଯାତ୍ରା । ଗ୍ରାମର ନାଟ୍ୟସଂଘ ଏଇ ପୂନେଇଁ ଦିନମାନଙ୍କରେ ନାଟ, କୋଳିକା କରି ଗାଁ ଲୋକଙ୍କ ମନରେ ଆନନ୍ଦ ଦେବା ସଙ୍ଗେ ସଙ୍ଗେ ଅନ୍ୟ ପଡ଼ୋଶୀ ଗାଁ ଲୋକଙ୍କ ମନରେ ଭରି ଦିଅନ୍ତି ହରଷଖୁସି । ସହସ୍ର ଯୋଜନାକୁ ଆଗେଇ ନେବାକୁ ସମସ୍ତେ ତତ୍ପର । ସମସ୍ତେ କିଛି ନା କିଛି ଦେଇ ... ପରିବାର ନିୟନ୍ତ୍ରଣ କଥା ଆଜି ଗାଁ ଲୋକେ ବୁ... ବାକୁ ପଛେଇ ନାହାନ୍ତି । ସମସ୍ତେ ଜାଣିଲେଣି ... ପରିବାର ସୁଖୀ ସଂସାର । ଅସ୍ତ୍ରୋପଚାର, ନିରୋଧ ଉପକରଣ ବ୍ୟବହାରକୁ ଆଜି ଗାଁର ... ସୁଦ୍ଧାଏ ଡରୁନାହାନ୍ତି ।

ଗାଁ ଲୋକଙ୍କ ଆଗ୍ରହ ଜାଣି ଲୋକସଂପର୍କ ... ଯୋଗାଇ ଦେଇଛନ୍ତି ଏକ ଟ୍ରାଞ୍ଜିଷ୍ଟର ରେଡ଼ିଓ ... ସଞ୍ଜ ହେଲେ ରେଡ଼ିଓ ଗାଁ ମଝି ଦାଣ୍ଡ ... ବାଜଉଠେ । ଦେଶର ସବୁ ଖବର ଆଗ୍ରହ... ଘର ପିଣ୍ଡା ଉପରେ ବସି ଶୁଣନ୍ତି । ... ଚାଷବାସ ଖବର ଅଧିକ ଜାଣିବାପାଇଁ ଗାଁ ... ୧୯୬୭ ମସିହାରୁ ଗଢ଼ି ଉଠିଛି ଏକ ପଲ୍ଲୀଶ୍ରୋତା ମ... ପ୍ରତି ଶୁକ୍ରବାର ଓ ମଙ୍ଗଳବାର ସଂଧ୍ୟାର ... ଏକାଜୁଟ ହୁଅନ୍ତି ରେଡ଼ିଓ ପାଖରେ । ... ସେମାନଙ୍କର ପଠାଇଥିବା ପ୍ରଶ୍ନର ଉତ୍ତର ଶୁଣି ସେଇ ଦିନର ଚାଷବାସର ଆଲୋଚନା ମନଦେଇ ଶୁଣି ଅଧିକ ଜାଣିବାପାଇଁ ପ୍ରଶ୍ନ ପଠାନ୍ତି ପଲ୍ଲୀ... ମଣ୍ଡଳୀର ଅଞ୍ଚଳ ସଂଗଠକ ସମ୍ପାଦକଙ୍କ ନି... ପଲ୍ଲୀଶ୍ରୋତା ମଣ୍ଡଳୀର କାର୍ଯ୍ୟକ୍ରମ ଶୁଣି ଗାଁ ... ଚୁପ୍ ହୋଇ ବସି ରହନ୍ତି ନାହିଁ । ଶୁଣୁଥିବା କ... ନିଜ ନିଜ ଖେତ ବାଡ଼ରେ ବାସ୍ତବ ରୂପଦେଲେ... ଗାଁ କୃଷୀଏ ଆଜି ବେଶ୍ ଲାଭବାନ ହୋଇ ... ସବୁର ମୂଳରେ ଗାଁ ଲୋକଙ୍କ ଆଗ୍ରହ ଓ ଏକା... ସୁପୁମଲ ଗ୍ରାମବାସୀଙ୍କୁ ଆଗେଇ ନେଇ ଯାଉଛି ।

# ସ୍ୱଳ୍ପ ସଞ୍ଚୟରେ ନୂତନ ପରିକଳ୍ପନା

ଗତ ଆର୍ଥିକ ବର୍ଷ ପ୍ରାରମ୍ଭରେ ଭାରତ ସରକାର ଅଧିକ ହାରରେ ସୁଧ ମିଳୁଥିବା କେତେକ ନୂଆ ସ୍ୱଳ୍ପ ସଞ୍ଚୟ ସ୍କିମ୍‌ଗୁଡ଼ିକ ପ୍ରବର୍ତ୍ତନ କରିଛନ୍ତି ଏବଂ ପ୍ରଚଳିତ ଥିବା କେତେକ ପରିକଳ୍ପନାର ଉନ୍ନତି ସାଧନ କରିଛନ୍ତି ।

ପୂର୍ବରୁ ପ୍ରଚଳିତ ଥିବା ୧୨-ବର୍ଷିଆ ନ୍ୟାସନାଲ ଡିଫେନ୍ସ ସାର୍ଟିଫିକେଟ, ୧୦-ବର୍ଷିଆ ଡିଫେନ୍ସ ଡିପୋଜିଟ୍ ସାର୍ଟିଫିକେଟ ଓ ୧୦-ବର୍ଷିଆ ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ୍ (ଫାଷ୍ଟ ଇସୁ) ଗୁଡ଼ିକର ପ୍ରଚଳନ ବନ୍ଦ କରାଯାଇଛି ଏବଂ ଏଗୁଡ଼ିକ ବଦଳରେ ତିନୋଟି ନୂଆ ସଞ୍ଚୟ ସାର୍ଟିଫିକେଟ ପ୍ରଚଳନ କରାଯାଇଛି । ସେଗୁଡ଼ିକ ହେଉଛି—

(୧) ୭-ବର୍ଷିଆ ନ୍ୟାସନାଲ ସେଭିଂସ ସାର୍ଟିଫିକେଟ (ସେକେଣ୍ଡ ଇସୁ) ।



୧୯୬୮-୬୯ରେ ଓଡ଼ିଶାର ସମସ୍ତ ଉଚ୍ଚ ଇଂରାଜୀ ବିଦ୍ୟାଳୟ ଅପେକ୍ଷା ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ସ୍ୱଳ୍ପସଞ୍ଚୟରେ ଅଧିକ ଟଙ୍କା ବିନିଯୋଗ କରି ରାଜ୍ୟସ୍ତରୀୟ ରନିଂ ସିଲଡ୍ ଲାଭ କରିଥିଲା ।
ଗତ ତା ୨୬-୩-୧୯୭୦ ରେ ରବୀନ୍ଦ୍ରମଣ୍ଡପରେ ଅନୁଷ୍ଠିତ ଏକ ସଭାରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ବାମଦେବ ପଣ୍ଡା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ହସ୍ତରୁ ସିଲଡ ଗ୍ରହଣ କରିଥିଲେ ।

(୨) ୭-ବର୍ଷିଆ ନ୍ୟାସନାଲ୍ ସେଭିଂସ୍ ସାର୍ଟିଫିକେଟ (ଥାର୍ଡ୍ ଇସୁ) ।

(୩) ୭-ବର୍ଷିଆ ନ୍ୟାସନାଲ୍ ସେଭିଂସ୍ ସାର୍ଟିଫିକେଟ (ଫୋର୍ଥ ଇସୁ) ।

ଏହି ସାର୍ଟିଫିକେଟ ଗୁଡ଼ିକରେ ଥିବା ବିଭିନ୍ନ ବ୍ୟବସ୍ଥା ନିମ୍ନରେ ସଂକ୍ଷେପରେ ଦିଆଗଲା—

୭-ବର୍ଷିଆ ନ୍ୟାସନାଲ୍ ସେଭିଂସ୍ ସାର୍ଟିଫିକେଟ (ସେକେଣ୍ଡ ଇସୁ) ।

ଏହି ସାର୍ଟିଫିକେଟଗୁଡ଼ିକ ଟ ୧୦, ଟ ୧୦୦, ଟ ୧,୦୦୦ ଓ ଟ ୫,୦୦୦ ମୂଲ୍ୟର ମିଳେ । ବାର୍ଷିକ ଶତକଡ଼ା ୫ ଭାଗ ଚକ୍ରବୃଦ୍ଧି ହାରରେ ସୁଧ ଓ ମୂଳ ୭ ବର୍ଷ ପରେ ପରିଶୋଧ କରାଯିବ । ଅର୍ଥାତ୍ ମିଆଦ ପୂରିଗଲେ ପ୍ରତି ୧୦୦ ଟଙ୍କା, ୧୪୧ ଟଙ୍କା ହୁଏ ।

ଦରକାର ପଡ଼ିଲେ ଏହି ସାର୍ଟିଫିକେଟକୁ ୨ ବର୍ଷ ବା ୩ ବର୍ଷ ପରେ ମଧ୍ୟ ଭଙ୍ଗାଇ ହେବ । ସେପରି କ୍ଷେତ୍ରରେ ଯଥାକ୍ରମେ ଟ ୧୧୪ ଓ ଟ ୧୨୭ ମିଳିବ ।

ସାର୍ଟିଫିକେଟରୁ ମିଳୁଥିବା ସୁଧ ଉପରେ ଆୟକର ପଡ଼େ ନାହିଁ ।

୭-ବର୍ଷିଆ ନ୍ୟାସନାଲ୍ ସେଭିଂସ୍ ସାର୍ଟିଫିକେଟ (ଥାର୍ଡ୍ ଇସୁ) ।

ଏହି ସାର୍ଟିଫିକେଟ ଗୁଡ଼ିକ ଟ ୧୦୦, ଟ ୧,୦୦୦ ଟ ୫,୦୦୦ ମୂଲ୍ୟର ମିଳିବ । ଏହା ଉପରେ ବାର୍ଷିକ ସୁଧ ଶତକଡ଼ା ଟ ୫ ହାରରେ ବର୍ଷକୁ ବର୍ଷ ସୁଧ ଦିଆଯିବ । ମୂଳଧନ ୭ ବର୍ଷରେ ଫେରସ୍ତ ମିଳିବ । ମିଆଦ ପୂରଣ ନ ହେଉଣୁ ସାର୍ଟିଫିକେଟ ଗୁଡ଼ିକ ୩ ବର୍ଷ କିମ୍ବା ୫ ବର୍ଷ ପରେ ଭଙ୍ଗାଇ ଦିଆଯାଇ ପାରିବ । ଟ ୧୦୦ କିଆ ସାର୍ଟିଫିକେଟକୁ ୩ ବର୍ଷପରେ ଭଙ୍ଗାଇଲେ ଟ ୯୮.୫୦ ଏବଂ ୫ ବର୍ଷପରେ ଟ ୯୮.୭୫ ମିଳିବ । ଏ...

ଉପରେ ଆୟକର ପଡ଼ିବ ନାହିଁ ।

ସେକେଣ୍ଡ ଓ ଥାର୍ଡ୍ ଇସୁ ସାର୍ଟିଫିକେଟ ଯେ... ମାନେ ଖରିଦ୍ କରି ପାରିବେ ଓ ... ସୀମା—

(୧) ଜଣେ ବୟସ୍କ କିମ୍ବା ଜଣେ ନାବାଳକ । ଟ ୨୫,...

(୨) ଦୁଇଜଣ ବୟସ୍କ ମିଳିତ ଭାବେ । ଟ ୫୦,...

(୩) ଧାରା (୪ର୍ଥ)ରେ ସୂଚିତ ଯେ କୌଣସି ସଂଘ, ଅନୁଷ୍ଠାନ କିମ୍ବା ସଂସ୍ଥା ବ୍ୟତୀତ ସମିତି ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଗୋଟିଏ ସଂଘ, ଅନୁଷ୍ଠାନ କିମ୍ବା ସଂସ୍ଥା । ଟ ୫୦,...

(୪) ସମିତି ଭାବେ ରେଜିଷ୍ଟ୍ରିଭୁକ୍ତ ହୋଇଥିବା ଗୋଟିଏ ସମବାୟ ବ୍ୟାଙ୍କ୍, ଗୋଟିଏ ସମବାୟ ଭୂ-ବନ୍ଧକ ବ୍ୟାଙ୍କ୍, ଜଣେ ସ୍ଥାନୀୟ କର୍ତ୍ତୃପକ୍ଷ, ଗୋଟିଏ ସଂଘ, ଅନୁଷ୍ଠାନ ବା ସଂସ୍ଥା ସମେତ ଗୋଟିଏ ସମିତି, ଯେଉଁ ସଂଘ, ଅନୁଷ୍ଠାନ ସଂସ୍ଥାମାନଙ୍କ ଲାଭ ଉପରେ ଆୟକର ପଡ଼େ ନାହିଁ, ସେହି ଅନୁଷ୍ଠାନ— ଟ ୧,୦୦,...

(୫) ପ୍ରୋଭିଡେଣ୍ଟ ଫଣ୍ଡ୍ କୌଣସି ସୀମା ଧାର୍ଯ୍ୟ କରାଯାଇ ନାହିଁ ।

ଉପରୋକ୍ତ କଟକଣାଗୁଡ଼ିକ ନ୍ୟାସନାଲ୍ ସେ... ସାର୍ଟିଫିକେଟର ସେକେଣ୍ଡ ଇସୁ ଓ ଥାର୍ଡ୍ ... ଉଭୟରେ ବିନିଯୋଗ କରାଯାଇଥିବା ଅର୍ଥ ...

ପ୍ରଯୁଜ୍ୟ ହେବ ଏବଂ ଆହୁରି ମଧ୍ୟ ଯଦି କୌଣସି ପୂର୍ବ ପର୍ଯ୍ୟାୟଭୁକ୍ତ ସେଭିଂସ୍ ସାର୍ଟିଫିକେଟ ଯଥା ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ, ୧୨-ବର୍ଷିଆ ନ୍ୟାସନାଲ ଡିଫେନସ ସାର୍ଟିଫିକେଟ, ଟ୍ରେଜେରି ସେଭିଂସ୍ ଡିପୋଜିଟ ସାର୍ଟିଫିକେଟ ଗୁଡ଼ିକ ପ୍ରତି ମଧ୍ୟ ପ୍ରଯୁଜ୍ୟ ହେବ ।

୭-ବର୍ଷିଆ ନ୍ୟାସନାଲ ସେଭିଂସ୍ ସାର୍ଟିଫିକେଟ (ଫୋର୍ଥ ଇସୁ)।

ଏହି ସାର୍ଟିଫିକେଟ ଗୁଡ଼ିକ ଟ ୧୦୦, ଟ ୧,୦୦୦ ଓ ଟ ୫,୦୦୦ ମୂଲ୍ୟର ମିଳେ । ଏହା ଉପରେ ବାର୍ଷିକ ଶତକଡ଼ା ୭½ ହାରରେ ବର୍ଷକୁ ବର୍ଷ ସୁଧ ଦିଆଯିବ ; କିନ୍ତୁ ମୂଳଧନ ସାତବର୍ଷ ପରେ ଫେରସ୍ତ ମିଳିବ । ଏହି ସାର୍ଟିଫିକେଟ ଗୁଡ଼ିକର ମିଆଦ ଶେଷ ନ ହେଉଣୁ ୩ ବର୍ଷ ବା ୫ ବର୍ଷପରେ ମଧ୍ୟ ଭଙ୍ଗାଇ ଦେବାପାଇଁ ଅନୁମତି ଦିଆଯିବ । ଟ ୧୦୦ ମୂଲ୍ୟର ସାର୍ଟିଫିକେଟ ତିନିବର୍ଷ ପରେ ଭଙ୍ଗାଇଲେ ଟ ୯୬ ଓ ୫ ବର୍ଷରେ ଭଙ୍ଗାଇଲେ ଟ ୯୭ ମିଳିବ । ଯଦି ସାର୍ଟିଫିକେଟ ଖରିଦ୍‌ଦାରଙ୍କ ମୃତ୍ୟୁ ଘଟେ, ତାହାହେଲେ ସାର୍ଟିଫିକେଟଗୁଡ଼ିକର ମିଆଦ ଶେଷ ନ ହେଉଣୁ ଭଙ୍ଗାଇ ଦିଆଯାଇ ପାରିବ । ସାର୍ଟିଫିକେଟ ଖରିଦ କରିବାର ବର୍ଷକ ପରେ ଭଙ୍ଗାଇଲେ ବଟି ଟ ୧'୭୫ ହିସାବରେ ଏବଂ ଦୁଇବର୍ଷ ପରେ ଭଙ୍ଗାଇଲେ ବଟି ଟ ୩୯ ଲେଖାଏଁ କଟାଯିବ ।

ଏହାର ସୁଧ ଉପରେ ଆୟକର ପଡ଼ିବ; କିନ୍ତୁ ମୂଳଜମା ଉପରେ କୌଣସି ଟିକସ କଟାଯିବ ନାହିଁ ।

କେଉଁମାନେ ଖରିଦ କରିପାରିବେ ଓ ସୀମା—

ଏହି ସାର୍ଟିଫିକେଟ ଗୁଡ଼ିକରେ ଅର୍ଥ ବିନିଯୋଗ କରିବାପାଇଁ କୌଣସି ସୀମା ନାହିଁ । କେବଳ ବ୍ୟକ୍ତିବିଶେଷ ଏହି ସାର୍ଟିଫିକେଟରେ ଅର୍ଥ ବିନିଯୋଗ କରି ପାରିବେ ।

## ଏହି ତିନିଗୋଟି ସାର୍ଟିଫିକେଟପାଇଁ ସାଧାରଣ ବ୍ୟବସ୍ଥା

(୧) ଏହି ସାର୍ଟିଫିକେଟ ଗୁଡ଼ିକର ୩ ବର୍ଷପାଇ ବନ୍ଦ (ଲକ୍‌ଅପ୍) ସମୟ ଅଛି । ଉପଯୁକ୍ତ ବଟି ଦେଇ ମିଆଦ ପୂରଣ ପୂର୍ବରୁ ଆବଶ୍ୟକ ହେଲେ ସାର୍ଟିଫିକେଟ ଗୁଡ଼ିକ ଭଙ୍ଗାଯାଇ ପାରିବ ।

(୨) ସେଭିଂସ୍ ବ୍ୟାଙ୍କ କାର୍ଯ୍ୟ କରୁଥିବା ଭାରତର ଯେ କୌଣସି ପୋଷ୍ଟଅଫିସରେ ଏହି ସାର୍ଟିଫିକେଟ ଭଙ୍ଗାଯାଇ ପାରିବ । ଟଙ୍କା ବିନିଯୋଗ ସମୟରେ ଚିହ୍ନଟ ପତ୍ର ଦେବାପାଇଁ ଆପଣ କହି ପାରନ୍ତି, ଯେଉଁଥିରେ କି ଆପଣଙ୍କର ନମୁନା ଦସ୍ତଖତ ହୋଇଥିବ । ଏହି ଚିହ୍ନଟ ପତ୍ର ଭିତ୍ତିରେ ଯେ କୌଣସି ପୋଷ୍ଟ ଅଫିସରେ ସାର୍ଟିଫିକେଟ ଭଙ୍ଗାଯାଇ ପାରିବ ।

(୩) ସାର୍ଟିଫିକେଟ ଗୁଡ଼ିକୁ ଗୋଟିଏ ପୋଷ୍ଟ-ଅଫିସରୁ ଅନ୍ୟ ଗୋଟିଏ ପୋଷ୍ଟଅଫିସକୁ ସ୍ଥାନାନ୍ତରିତ କରାଯାଇ ପାରିବ ।

(୪) ସାର୍ଟିଫିକେଟ ଗୁଡ଼ିକ ସିକ୍ୟୁରିଟି ରୂପେ ଭାରତର ରାଷ୍ଟ୍ରପତି, ରାଜ୍ୟପାଳ, ସମବାୟବ୍ୟାଙ୍କ ସମେତ କୌଣସି ବ୍ୟାଙ୍କ, ସମବାୟ ସମିତି, ସ୍ୱାୟତ୍ତ ସଂସ୍ଥା, କରପୋରେସନ କିମ୍ବା ସରକାରୀ କମ୍ପାନୀକୁ ବନ୍ଧକ ଆକାରରେ ଦିଆଯାଇ ପାରିବ ।

### — ମନୋନୟନ

କୌଣସି ବୟସ୍କ ବ୍ୟକ୍ତିବିଶେଷ ଯଦି ସାର୍ଟିଫିକେଟ କିଣିଥାନ୍ତି ତେବେ ସେମାନଙ୍କ ମୃତ୍ୟୁ

ତେବେ ଝଣ୍ଡା ଚାଳିବା ଉଦ୍ଦେଶ୍ୟରେ ଏକ ବା ତତୋଧିକ ବ୍ୟକ୍ତିଙ୍କୁ ମନୋନୀତ କରାଯାଉଛନ୍ତି । ମନୋନୀତ ବ୍ୟକ୍ତି କୌଣସି ଅନୁମୋଦିତ ଦଳର ନାମ ଲେଖାଇ ବା ଅନୁଲାଭ ପତ୍ର ଦାଖଲ କରିବା ଆବଶ୍ୟକ ନାହିଁ । ମନୋନୟନ ପତ୍ର ... ଦୋଷ ଥିବାରେ ମିଳି ଯାଏ । ପ୍ରଥମ ମନୋ... ନେତୃତ୍ୱ କରଣ ଦକାଣ କୌଣସି ଓ... ନାହିଁ ।

---

# ୧୯୭୧ ଜନଗଣନା ଓ ଓଡ଼ିଶାର ଲୋକସଂଖ୍ୟା ସମୀକ୍ଷା

ବିଭୂତି ଭୂଷଣ ତ୍ରିପାଠୀ

୧୯୭୧ ମସିହା ମାର୍ଚ୍ଚ ମାସ ୧୦ ତାରିଖରୁ ଏପ୍ରିଲ ମାସ ୩ ତାରିଖ ମଧ୍ୟରେ ଓଡ଼ିଶାରେ ଜନଗଣନା ହୋଇଥିଲା । ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ [illegible] ଅନ୍ତେ ହେଲ ଓ ମାର୍ଚ୍ଚ ମାସ ୩୧ ତାରିଖ ରାତିରେ ବାସଶୂନ୍ୟ ଲୋକଙ୍କର ଗଣନା କରାଯାଇଥିଲା । ଏପ୍ରିଲ ମାସ ୧ ତାରିଖରୁ ୩ ତାରିଖ ମଧ୍ୟରେ ଗଣନାକାରୀମାନେ ସେମାନଙ୍କ ଦାୟିତ୍ୱରେ ଥିବା ବ୍ଲକଗୁଡ଼ିକ ପରିଦର୍ଶନ କରି ପୁଣି ଥରେ ଏପ୍ରିଲ ପହିଲା ସୁଦ୍ଧା ଜନ୍ମ ମୃତ୍ୟୁର ହିସାବ ସଂଗ୍ରହ କରିଥିଲେ । ଅଧିକନ୍ତୁ ଏହି ମଧ୍ୟରେ ଅନ୍ୟ କୌଣସିଠାରେ ଗଣନାଭୁକ୍ତ ନ ହୋଇ ଯେଉଁମାନେ ଏହି ବ୍ଲକଗୁଡ଼ିକରେ ଅବସ୍ଥିତ ଥିଲେ ସେମାନଙ୍କ ହିସାବ ନିଆଯାଇଥିଲା ।

ଓଡ଼ିଶାରେ ମୋଟ ପୁରୁଷ ସଂଖ୍ୟା ଓ ସ୍ତ୍ରୀ ସଂଖ୍ୟା କେଉଁ ଅନୁପାତରେ ରହିଛି ଓ ପୁରୁଷ ଓ ସ୍ତ୍ରୀଙ୍କ ମଧ୍ୟରେ ସାକ୍ଷର ସଂଖ୍ୟା କେତେ ରହିଛି ସେ ବିଷୟରେ ଗଣନାକାରୀମାନଙ୍କ ଦ୍ୱାରା ସଂଗୃହୀତ ତଥ୍ୟରୁ ପ୍ରଥମେ ଥାନାସ୍ଥ ଦପ୍ତରକୁ ପଠାଯାଇଥିଲା । ସେଠାରୁ ପ୍ରାଥମିକ ସ୍ତରରେ ଯାଞ୍ଚ କରିସାରି ଜିଲ୍ଲାସ୍ଥ ଜନଗଣନା କାର୍ଯ୍ୟାଳୟକୁ ପଠାଯାଇଥିଲା । ଜିଲ୍ଲା ଜନଗଣନା ଅଧିକାରୀ ଟେଲିଗ୍ରାମ କରିଥିବେ ଏହାଦ୍ୱାରା ତଥ୍ୟ ଜନଗଣନା ରାଜ୍ୟ ନିର୍ଦ୍ଦେଶକ ଓ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କୁ ଜଣାଇଥିଲେ । ଏ ସମସ୍ତ କାର୍ଯ୍ୟ ଏପ୍ରିଲ ୭ ତାରିଖ ସୁଦ୍ଧା କରାଯାଇଥିଲା । ଏପ୍ରିଲ ୭ ତାରିଖରେ ଜନଗଣନା ରାଜ୍ୟ ନିର୍ଦ୍ଦେଶକ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କୁ ଟେଲିଗ୍ରାଫ କରିଥିବେ ଓଡ଼ିଶାର ପ୍ରାଥମିକ ଲୋକସଂଖ୍ୟା ହିସାବ ଜଣାଇଲେ । ପରେ ରେଜିଷ୍ଟ୍ରାର ଜେନେରାଲଙ୍କ ଦପ୍ତରରୁ ଏପ୍ରିଲ ୧୬ ତାରିଖ ରାତିରେ ମୋଟ ଲୋକ ସଂଖ୍ୟା ଓ ପ୍ରତ୍ୟେକ ରାଜ୍ୟର ଲୋକସଂଖ୍ୟାର ହିସାବ ପ୍ରକାଶ ପାଇଛି । ୧୯୭୧ ଏପ୍ରିଲ [illegible] ମଧ୍ୟରେ ଓଡ଼ିଶାର ମୋଟ ଲୋକସଂଖ୍ୟା କେତେଥିଲା ଏବଂ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ଲୋକସଂଖ୍ୟା କେତେଥିଲା ତା'ର ଏକ ହିସାବ ଏଥି ସହ ପ୍ରଦତ୍ତ ହେଲା । ଜନଗଣନା କାର୍ଯ୍ୟପାଇଁ ନିଯୁକ୍ତ ଗଣନାକାରୀମାନେ ଯେଉଁ ରିପୋର୍ଟ ଦେଇଥିଲେ ତାକୁହିଁ ଭିତ୍ତିକରି ଏହି ମୋଟ ମୋଟି ହିସାବ ବାହାର କରାଯାଇଛି । ତେଣୁ ଏଥିରେ ଦୋଷ ତ୍ରୁଟି ପରିଲକ୍ଷିତ ହେବା ସ୍ୱାଭାବିକ । ରାଜ୍ୟର ପ୍ରଧାନ ପ୍ରଧାନ ସ୍ଥାନମାନଙ୍କରେ ସ୍ଥାପିତ ହୋଇଥିବା ଅଞ୍ଚଳ

ଟାବୁଲେସନ କାର୍ଯ୍ୟାଳୟମାନଙ୍କରେ ଜନଗଣନା ତାଲିକାଗୁଡ଼ିକ ପୁଙ୍ଖାନୁପୁଙ୍ଖଭାବେ ପରୀକ୍ଷା ଓ ଯାଞ୍ଚ କରାଯିବା ପରେହିଁ ଉପରୋକ୍ତ ହିସାବକୁ ଚୂଡ଼ାନ୍ତ ବୋଲି ଧରାଯିବ । ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ ହେବା ପରେ ଜନଗଣନା ହିସାବର କ୍ରସ ଟାବୁଲେସନ (ପ୍ରତିଶ୍ରେଣୀ) କରାଯିବ । ମୋଟ ଲୋକସଂଖ୍ୟାର ପ୍ରକୃତ ବିବରଣୀ ଉପସ୍ଥାପିତ କରିବା ଏବଂ ଲୋକଙ୍କର ସାମାଜିକ ଓ ଅର୍ଥନୈତିକ ପରିସ୍ଥିତି ସଂପର୍କରେ ଏକ ଠିକଣା ଅବଧାରଣା ଦେବା ଉଦ୍ଦେଶ୍ୟରେ କ୍ରସ ଟାବୁଲେସନ ବ୍ୟବସ୍ଥା ରଖାଯାଇଛି । ୧୯୭୧ ମସିହା ଜନଗଣନାର ପ୍ରାଥମିକ ଫଳାଫଳର ରିପୋର୍ଟ ସରକାର ତଥା ଜନସାଧାରଣଙ୍କ ନିକଟରେ ଯଥାଶୀଘ୍ର ଉପସ୍ଥାପିତ ନିମନ୍ତେ ସବୁମତେ ଉଦ୍ୟମ କରାଯାଇଛି ।

ଜନଗଣନା କାର୍ଯ୍ୟପାଇଁ ବିଭିନ୍ନ ପର୍ଯ୍ୟାୟରେ ସୁଚିନ୍ତିତ ଯୋଜନା ଓ ଧାରାବାହିକ ପ୍ରସ୍ତୁତି ଏକାନ୍ତ ଆବଶ୍ୟକ । ଗଣନାକାରୀମାନେ ଯେପରି ରାଜ୍ୟର ପ୍ରତ୍ୟେକ ଗୃହ ଓ ପରିବାରର ଲୋକଙ୍କର ହିସାବ ଜନଗଣନା ହିସାବରେ ଉପଯୁକ୍ତ ଭାବେ ଅନ୍ତର୍ଭୁକ୍ତ କରିଇବେ ସେଥିନିମନ୍ତେ ସମୁଚିତ ବ୍ୟବସ୍ଥା ସର୍ବାଦୌ କରାଯିବା ଆବଶ୍ୟକ । ଏହି ଦୃଷ୍ଟିରୁ ପ୍ରଥମେ ବିଭିନ୍ନ ଜିଲ୍ଲାଗୁଡ଼ିକରେ ଥିବା ଗ୍ରାମର ସଂପୃକ୍ତ ହିସାବ ନିଆଯାଇଥିଲା । ସଂପୃକ୍ତ ଥାନା ଅଞ୍ଚଳର ମାନଚିତ୍ର ତିଆରି କରି ରାଜସ୍ୱ ବିଭାଗର କର୍ମଚାରୀମାନଙ୍କ ଜରିଆରେ ଗ୍ରାମଗୁଡ଼ିକର ଏକ ସଂପୂର୍ଣ୍ଣ ଏବଂ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଥିଲା ଏବଂ ସେଗୁଡ଼ିକୁ ଏହି ମାନଚିତ୍ରରେ ଦର୍ଶାଯାଇଥିଲା । ସର୍ଭେ ହୋଇ ନ ଥିବା ଅଞ୍ଚଳଗୁଡ଼ିକରେ ସର୍ଭେ କରାଯାଇ ମାନଚିତ୍ରରେ ଗ୍ରାମଗୁଡ଼ିକ ଦର୍ଶାଗଲା, ସହରାଞ୍ଚଳଗୁଡ଼ିକ ମଧ୍ୟ ମାନଚିତ୍ରରେ ଚିହ୍ନିତ କରାଗଲା ଏବଂ ଏଥି ନିମନ୍ତେ ମ୍ୟୁନିସିପାଲିଟି ଓ ଏନ୍. ଏସ୍. ସି. ବ୍ୟତୀତ ୧୭ଟି ଅନ୍ୟାନ୍ୟ ସ୍ଥାନକୁ ଜନଗଣନା ଦୃଷ୍ଟିରୁ ସହରାଞ୍ଚଳ ବୋଲି ପରିଗଣିତ କରାଗଲା । ୧୯୭୧ ଜନଗଣନାପାଇଁ ୫୧,୪୧୬ଟି ଗ୍ରାମ ଓ ୮୧ଟି ସହରକୁ ହିସାବକୁ ନିଆଯାଇଥିଲା ।

ପ୍ରାୟ ଦୁଇବର୍ଷ ପୂର୍ବେ ଜନଗଣନାପାଇଁ ପ୍ରସ୍ତୁତିମୂଳକ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏହି ସମୟରେ ଜନଗଣନାର ପ୍ରାରମ୍ଭିକ କାର୍ଯ୍ୟ ଯଥା ଘରଗୁଡ଼ିକରେ ନମ୍ବର ଦେବା ଓ ଘରଗୁଡ଼ିକର ତାଲିକା ପ୍ରସ୍ତୁତ ସଂପୂର୍ଣ୍ଣ କରାଯାଇଥିଲା । ଏଥି ସଙ୍ଗେସଙ୍ଗେ ଗଣନାକାରୀମାନେ ପ୍ରତି ଘର ବିଷୟରେ କେତେଗୁଡ଼ିଏ ମୌଳିକ ତଥ୍ୟ ମଧ୍ୟ ସଂଗ୍ରହ କରିଥିଲେ । ସେହି ତଥ୍ୟ ମଧ୍ୟରେ ଥିଲା, ଘରଗୁଡ଼ିକ କେଉଁ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଛି । ଘରଗୁଡ଼ିକର କାନ୍ଥ ଓ ଛାତର ବିବରଣୀ, ଘର ତିଆରି ହୋଇଥିବା ଜମିର ସ୍ୱତ୍ୱ, କେତେଜଣ ଲୋକ ଘରଗୁଡ଼ିକରେ ରହନ୍ତି ଇତ୍ୟାଦି । ଏହା ବ୍ୟତୀତ ଅନୁଷ୍ଠାନଗୁଡ଼ିକୁ ସ୍ୱତନ୍ତ୍ରଭାବେ ତାଲିକାଭୁକ୍ତ କରାଯାଇଥିଲା ଏବଂ ଅନୁଷ୍ଠାନ ବିଷୟରେ କେତେକ ବିବରଣୀ ମଧ୍ୟ ସଂଗ୍ରହ କରାଯାଇଥିଲା । ଏହିସବୁ ତଥ୍ୟଗୁଡ଼ିକୁ ଭିତ୍ତିକରି ଅଣସଂଗଠିତ ଅନୁଷ୍ଠାନଗୁଡ଼ିକ ସଂପର୍କରେ କେତେକ ଉପାଦେୟ ବିବରଣୀ ପ୍ରସ୍ତୁତ କରାଯାଇଥିଲା । ଜନଗଣନା ସଂପର୍କୀୟ ପୁସ୍ତକଗୁଡ଼ିକରେ ଏସବୁ ବିଷୟ ସ୍ଥାନ ପାଇବ ।

ସରକାରୀ ମାନଚିତ୍ରଗୁଡ଼ିକ ବ୍ୟତୀତ ଜନଗଣନାକାରୀମାନେ ପ୍ରତି ବ୍ଲକର ନକସା ପ୍ରସ୍ତୁତ କରିଛନ୍ତି । ଏଥିରେ ପ୍ରତି ଘରର ନମ୍ବର ଓ ଅବସ୍ଥିତି ଦର୍ଶାଯାଇଛି । ଏହିଭଳି ବ୍ଲକଗୁଡ଼ିକର ସଂଖ୍ୟା ପ୍ରାୟ ୫୬,୯୫୯ ହେବ । ପ୍ରକୃତ ଜନଗଣନା କାର୍ଯ୍ୟରେ ନିଯୁକ୍ତ ଗଣନାକାରୀ ଓ ସୁପରଭାଇଜରଙ୍କ ସଂଖ୍ୟା ଯଥାକ୍ରମେ ହେଉଛି ୩୬,୯୩୪ ଓ ୬୮୨୦ । ମୁଖ୍ୟତଃ ଏମାନେ ହେଉଛନ୍ତି ସ୍ଥାନୀୟ ସ୍କୁଲର ଶିକ୍ଷକ । ୧୯୭୦ ନଭେମ୍ବର ମାସଠାରୁ ୧୯୭୧ ଫେବୃୟାରୀ ମାସ ପର୍ଯ୍ୟନ୍ତ ଏମାନଙ୍କୁ ବିଭିନ୍ନ ପର୍ଯ୍ୟାୟରେ ତାଲିମ

ଯୋଗାଇଥିଲେ । ସମଗ୍ର ଭାରତର ୧୩୯୨ ଜଣ ଅଫିସର ୧୪୧୪ କେନ୍ଦ୍ରରେ ତାଲିମ ପରିଚାଳନା କରିଥିଲେ । ପ୍ରତ୍ୟେକ ଗଣନାକାରୀ ଓ ସୁପରଭାଇଜରଙ୍କୁ ୭ ରୁ ୮ଥର ପର୍ଯ୍ୟନ୍ତ ଏହି କେନ୍ଦ୍ରଗୁଡ଼ିକରେ ତାଲିମ ନେବାକୁ ପଡ଼ିଥିଲା ।

ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଜନଗଣନା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିଲା । ଗଞ୍ଜାମ, କୋରାପୁଟ ଜିଲ୍ଲାର ପର୍ବତ ଜଙ୍ଗଲପୂର୍ଣ୍ଣ କେତେକ ମାଳ ଅଞ୍ଚଳ ଓ ମୟୂରଭଞ୍ଜ ଜିଲ୍ଲାର ସିମିଳିପାଳ ଅଞ୍ଚଳରେ ଆଗତୁରା ଜନଗଣନା କାର୍ଯ୍ୟ ଆରମ୍ଭ କରାଯାଇଥିଲା । ଏଥିନିମନ୍ତେ ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ ଅନୁମୋଦନ ମିଳିଥିଲା ।

ଦୁଆର ଦୁଆର ବୁଲି ଓ ଜନସାଧାରଣଙ୍କୁ ପ୍ରବର୍ତ୍ତାଇ ଜନସୁମାରି କରିବା ଏକ ବିରାଟ କାର୍ଯ୍ୟ । ଜନଗଣନା ଅଫିସରମାନଙ୍କର ଅଦମ୍ୟ ଉତ୍ସାହ ଓ ଅକ୍ଳାନ୍ତ ପରିଶ୍ରମ ତଥା ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଫଳରେ ଏଭଳି ଏକ ବିରାଟ ଦାୟିତ୍ୱ ତୁଲାଇବା ସମ୍ଭବ ହୋଇ ପାରିଛି ।

## ରାଜ୍ୟ ଓ ଜିଲ୍ଲାର ଜନସଂଖ୍ୟା

୧୯୭୧ ମସିହା ଜନଗଣନାର ପ୍ରାରମ୍ଭିକ ହିସାବ ଅନୁଯାୟୀ ତା ୧-୪-୭୧ ରିଖରେ ଓଡ଼ିଶାର ମୋଟ ଜନସଂଖ୍ୟା ୨୧,୯୩୪,୮୨୭ ଅଟେ । ସେମାନଙ୍କ ମଧ୍ୟରୁ ପୁରୁଷଙ୍କ ସଂଖ୍ୟା ୧୧,୦୨୮,୦୩୬ ଓ ସ୍ତ୍ରୀଙ୍କ ସଂଖ୍ୟା ୧୦,୯୦୬,୭୯୧ । ୧୯୭୧ ମସିହାରେ ହିସାବ କରାଯାଇଥିବା ଭାରତର ସମୁଦାୟ ୫୪୭ ନିୟୁତ ଜନସଂଖ୍ୟାର ଏହା ହେଉଛି ଶତକଡ଼ା ୪·୦୧ ଭାଗ । ଅନ୍ୟାନ୍ୟ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ମଧ୍ୟରେ ଓଡ଼ିଶାର ସ୍ଥାନ ଏକାଦଶରେ ରହିଅଛି । ୧୯୫୧ଠାରୁ ୧୯୬୧ ମସିହା ମଧ୍ୟରେ ରାଜ୍ୟର ଲୋକସଂଖ୍ୟାରେ ବୃଦ୍ଧି ହାର ଶତକଡ଼ା ୧୯·୮୨ ଭାଗ ରହିଥିବା ବେଳେ ୧୯୬୧ ମସିହାଠାରୁ ୧୯୭୧ ମସିହା ମଧ୍ୟରେ ଏହି ହାର ଶତକଡ଼ା ୨୪·୯୯ ଭାଗ ହୋଇଛି । ୧୯୫୧-୬୧ ମସିହା ମଧ୍ୟରେ ସର୍ବଭାରତୀୟ ସ୍ତରରେ ଜନସଂଖ୍ୟା ବୃଦ୍ଧିର ହାର ୨୧·୬୪ ଭାଗ ଥିବାବେଳେ ବିଗତ ଦଶନ୍ଧି ମଧ୍ୟରେ ତାହା ଶତକଡ଼ା ୨୪·୫୭ ଭାଗକୁ ବୃଦ୍ଧି ପାଇଛି ।

## ଜନବହୁଳ ଜିଲ୍ଲା—କଟକ

ଜିଲ୍ଲାମାନଙ୍କ ମଧ୍ୟରେ କଟକ ଜିଲ୍ଲା ଓଡ଼ିଶାର ସବୁଠାରୁ ଜନବହୁଳ ଜିଲ୍ଲା । ଏହାର ଲୋକସଂଖ୍ୟା ୩୮·୩ ଲକ୍ଷ ଅର୍ଥାତ ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୧୭·୪୫ ଭାଗ । ବୌଦ୍ଧ କନ୍ଧମାଳର ଲୋକସଂଖ୍ୟା ସବୁଠାରୁ କମ୍ । ଏହାର ଲୋକସଂଖ୍ୟା ୬·୨ ଲକ୍ଷ ଅର୍ଥାତ ଓଡ଼ିଶାର ମୋଟ ଲୋକସଂଖ୍ୟାର ଶତକଡ଼ା ୨·୮୩ ଭାଗ । କଟକ ପରେ ପୁରୀ ଜିଲ୍ଲାର ଲୋକସଂଖ୍ୟା ୨୩·୪ ଲକ୍ଷ, ଗଞ୍ଜାମ ଜିଲ୍ଲାର ଲୋକସଂଖ୍ୟା ୨୨·୯ଲକ୍ଷ ଓ କୋରାପୁଟ ଜିଲ୍ଲାର ଲୋକସଂଖ୍ୟା ୨୦·୪ଲକ୍ଷ ବୋଲି ହିସାବରୁ ଜଣାଯାଇଛି ।

## ନଗରସଂଖ୍ୟା ବୃଦ୍ଧି

୧୯୬୧ ମସିହା ଜନଗଣନା ଅନୁଯାୟୀ ଓଡ଼ିଶାରେ ଏକ ମାତ୍ର ନଗର ଥିଲା କଟକ । ଏହାର ଲୋକସଂଖ୍ୟା ଥିଲା ୧୪୬,୩୦୮ । ଅନ୍ୟ ତିନୋଟି ସହର ଅର୍ଥାତ୍ ରାଉରକେଲା, ଭୁବନେଶ୍ୱର ଓ ବ୍ରହ୍ମପୁର ବର୍ତ୍ତମାନ ନଗରରୂପେ ପରିଗଣିତ ହୋଇ ପାରିଛନ୍ତି । କଟକ, ଭୁବନେଶ୍ୱର, ରାଉରକେଲା ଓ ବ୍ରହ୍ମପୁର ନଗରଗୁଡ଼ିକର ଲୋକସଂଖ୍ୟା ୧୯୭୧ ମସିହା ଜନଗଣନା ଅନୁଯାୟୀ ଯଥାକ୍ରମେ ୧୯୪,୦୩୬, ୧୦୫,୫୧୪, ୧୭୨,୫୩୬ ଓ ୧୧୭,୬୩୫ ହେଉଛି । କେବଳ ରାଉରକେଲା ଇସ୍ପାତ ନଗରୀର ଲୋକସଂଖ୍ୟା ୧ ଲକ୍ଷକୁ ଅତିକ୍ରମ କରି ୨୦୫,୪୨୭ ହୋଇଛି ।

## ପୁରୁଷ ଓ ସ୍ତ୍ରୀ ଅନୁପାତ

୧୯୬୧ ମସିହା ପର୍ଯ୍ୟନ୍ତ ଭାରତର ଅନ୍ୟ କେତେକ ରାଜ୍ୟ ଭଳି ଓଡ଼ିଶାରେ ସ୍ତ୍ରୀ ଲୋକଙ୍କ ସଂଖ୍ୟା ଅଧିକ ଥିବ । କିନ୍ତୁ ସ୍ତ୍ରୀ ସଂଖ୍ୟା ହାର କ୍ରମଶଃ ୧୯୨୧ ମସିହାଠାରୁ କମିବାରେ ଲାଗିଛି । ୧୯୨୧ ମସିହାରେ ପ୍ରତି ୧,୦୦୦ ଜଣ ପୁରୁଷ ପିଚ୍ଛା ୧,୦୮୬ ଜଣ ସ୍ତ୍ରୀ ଲୋକ ରହିଥିଲେ । ପ୍ରତି ୧,୦୦୦ ଜଣ ପୁରୁଷ ପାଇଁ ବଳକା ୮୬ ଜଣ ମହିଳା ସଂଖ୍ୟା ୧୯୩୧ ବେଳକୁ ୬୭କୁ ହ୍ରାସ ପାଇଲେ । କ୍ରମେ ୧୯୪୧ ମସିହା ବେଳକୁ ତାହା ୫୩, ୧୯୫୧ ମସିହା ବେଳକୁ ୨୨କୁ ହ୍ରାସ ପାଇ ୧୯୬୧ ମସିହା ବେଳକୁ ୧ରେ ପହଞ୍ଚିଥିଲା । ସଦ୍ୟତମ ଜନଗଣନାରେ ତାହା ପୁଣି ହ୍ରାସ ପାଇ ପ୍ରତି ୧,୦୦୦ ପୁରୁଷରେ ମହିଳାଙ୍କ ସଂଖ୍ୟା ହୋଇଛି ୯୮୯ ଜଣ । ସର୍ବଭାରତୀୟ ସ୍ତରରେ ୧୯୭୧ ମସିହା ଜନଗଣନା ଅନୁଯାୟୀ ପ୍ରତି ୧,୦୦୦ ପୁରୁଷଙ୍କ ପାଇଁ ମହିଳାର ହାର ୯୩୨ ରହିଛି ।

ଜିଲ୍ଲାମାନଙ୍କ ମଧ୍ୟରେ ମହିଳାମାନଙ୍କର ଅନୁକୂଳ ଅନୁପାତ ପରିଲକ୍ଷିତ ହୁଏ ଗଞ୍ଜାମ, କଳାହାଣ୍ଡି ଓ ଢେଙ୍କାନାଳ ଜିଲ୍ଲାମାନଙ୍କରେ । ଉକ୍ତ ଜିଲ୍ଲାମାନଙ୍କରେ ପୁରୁଷମାନଙ୍କ ଅପେକ୍ଷା ମହିଳା ସଂଖ୍ୟା । ପ୍ରତି ହଜାରରେ ଯଥାକ୍ରମେ ୪୩, ୧୧ ଓ ୮ ବେଶୀ । ଅବଶିଷ୍ଟ ୧୦ ଗୋଟି ଜିଲ୍ଲାରେ ମହିଳା ଅନୁପାତ ସମାନଭାବେ ହ୍ରାସ ପାଇଛି । ରାଜ୍ୟର ଅନୁପାତ ପ୍ରତି ୧,୦୦୦ ଜଣ ପୁରୁଷଙ୍କ ପାଇଁ ୯୮୯ ଜଣ ମହିଳା ରହିଥିବା ବେଳେ କଟକ ମୟୂରଭଞ୍ଜ ଜିଲ୍ଲା ଠିକ୍ ଅନୁପାତ ରକ୍ଷା କରି ପାରିଛନ୍ତି । ସବୁଠାରୁ ଲକ୍ଷ୍ୟଣୀୟ ଘଟଣା ଯେ ୧୯୬୧ ମସିହା ଜନଗଣନା ଅନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରତି ୧,୦୦୦ ଜଣ ପୁରୁଷଙ୍କ ପାଇଁ ୯୧୫ ଜଣ ମହିଳା ରହିଥିବା ବେଳେ ୧୯୭୧ ମସିହା ଜନଗଣନାରେ ଏହା ୯୪୦କୁ ବୃଦ୍ଧି ପାଇଛି ଓ ବାଲେଶ୍ୱର ଜିଲ୍ଲାର ମହିଳା ସଂଖ୍ୟା ଅନୁପାତ ଗତ ଜନଗଣନା ତୁଳନାରେ ପ୍ରତି ୧,୦୦୦ ଜଣ ପୁରୁଷଙ୍କ ପାଇଁ ୨ କମିଛି ।

ରାଜ୍ୟରେ ୪ ଗୋଟି ନଗରୀ ଅର୍ଥାତ୍ କଟକ, ରାଉରକେଲା, ଭୁବନେଶ୍ୱର ଓ ବ୍ରହ୍ମପୁରର ପୁରୁଷ ଓ ମହିଳାଙ୍କ ସଂଖ୍ୟାର ଅନୁପାତ ପ୍ରତି ଲକ୍ଷ୍ୟ କଲେ ଜଣାଯାଏ ଯେ ପ୍ରଥମ ତିନୋଟି ନଗରୀରେ ପ୍ରତି ୧,୦୦୦ ଜଣ ପୁରୁଷଙ୍କ ପାଇଁ ୭୨୧ରୁ ୭୬୭ ଜଣ ମହିଳା ରହିଥିବା ବେଳେ ବ୍ରହ୍ମପୁରରେ ପ୍ରତି ୧,୦୦୦ ପୁରୁଷଙ୍କ ପାଇଁ ୯୩୦ ଜଣ ମହିଳା ରହିଛନ୍ତି ।

## ସାକ୍ଷରତା

୧୯୬୧ ମସିହା ଜନଗଣନାରେ ସାକ୍ଷରତା ହାର ଶତକଡ଼ା ୨୧.୬୬ ଭାଗ ରହିଥିବା ବେଳେ ୧୯୭୧ ମସିହା ଜନଗଣନାରେ ଏହି ହାର ଶତକଡ଼ା ୨୬.୧୮ ଭାଗକୁ ବୃଦ୍ଧି ପାଇଛି । ମହିଳାମାନଙ୍କ ମଧ୍ୟରେ ସାକ୍ଷରତାର ହାର ୧୯୬୧ ମସିହାରେ ଶତକଡ଼ା ୮.୬୫ ଭାଗ ରହିଥିବା ବେଳେ ୧୯୭୧ ମସିହା ବେଳକୁ ଏହା ଶତକଡ଼ା ୧୩.୭୫ ଭାଗକୁ ଅର୍ଥାତ ଶତକଡ଼ା ୫.୧୦ ଭାଗକୁ ବୃଦ୍ଧି ପାଇଛି । ପୁରୁଷ ସାକ୍ଷରତା ହାର ୧୯୬୧ ମସିହାରେ ଶତକଡ଼ା ୩୪.୬୮ ଭାଗ ରହିଥିବା ବେଳେ ୧୯୭୧ ମସିହାରେ ତାହା ଶତକଡ଼ା ୩୮.୩୫ ଭାଗକୁ ଅର୍ଥାତ ଶତକଡ଼ା ୩.୬୭ ଭାଗ ବୃଦ୍ଧି ପାଇଛି ।

ଜିଲ୍ଲାମାନଙ୍କ ମଧ୍ୟରେ କଟକ ଜିଲ୍ଲାର ସାକ୍ଷରତା ହାର ଅନ୍ୟ ଜିଲ୍ଲା ତୁଳନାରେ ଅଧିକ । କଟକ ଜିଲ୍ଲାର ସାକ୍ଷରତା ହେଉଛି ଶତକଡ଼ା ୩୬.୩୭ ଭାଗ । କଟକ ପରେ ପୁରୀ ଜିଲ୍ଲାର ସାକ୍ଷରତା ହାର ଶତକଡ଼ା ୩୨.୪୬ ଓ ବାଲେଶ୍ୱର ଜିଲ୍ଲାର ସାକ୍ଷରତା ହାର ଶତକଡ଼ା ୩୩.୯୬ ଭାଗ । କୋରାପୁଟ ଜିଲ୍ଲାର

ସାକ୍ଷରତା ହାର ସବୁଠାରୁ କମ ଅର୍ଥାତ ୧୦·୫୭ ଭାଗ । ଏହାପରେ କଳାହାଣ୍ଡି ଜିଲ୍ଲାର ସ୍ଥାନ । ସେଠାରେ ସାକ୍ଷରତା ହାର ହେଉଛି ଶତକଡ଼ା ୧୩·୨୪ ଭାଗ । ମହିଳାମାନଙ୍କ ମଧ୍ୟରେ କଟକ ଜିଲ୍ଲାର ସାକ୍ଷରତା ହାର ସର୍ବାଧିକ । କଟକ ଜିଲ୍ଲାରେ ଶତକଡ଼ା ୨୨·୪୯ ଭାଗ ମହିଳା ସାକ୍ଷର ରହିଥିବା ବେଳେ ପୁରୀ ଜିଲ୍ଲାରେ ଏମାନଙ୍କ ଅନୁପାତ ହେଉଛି ଶତକଡ଼ା ୨୦·୨୪ ଭାଗ ଓ ବାଲେଶ୍ୱର ଜିଲ୍ଲାରେ ଶତକଡ଼ା ୧୯·୬୦ ଭାଗ । ଏ କ୍ଷେତ୍ରରେ କଳାହାଣ୍ଡି ସବୁ ସମସ୍ତଙ୍କ ପଛରେ ପଡ଼ୁଛି । ଏଠାରେ ଶତକଡ଼ା ୪·୩ ଜଣ ସାକ୍ଷର ରହିଥିବା ବେଳେ ତାର ଠିକ୍ ପଛକୁ କୋରାପୁଟ ଜିଲ୍ଲାର ସାକ୍ଷର ମହିଳା ଶତକଡ଼ା ୪·୯୧ ଭାଗ ଅଛନ୍ତି ।

## ଜନବହୁଳ ଅଞ୍ଚଳ

୧୯୬୧ ମସିହା ଜନଗଣନା ଅନୁଯାୟୀ ପ୍ରତି ବର୍ଗ କିଲୋମିଟରରେ ଓଡ଼ିଶାରେ ୧୧୩ ଜଣ ରହୁଥିବା ବେଳେ ୧୯୭୧ ମସିହା ଜନଗଣନାରେ ଏହା ୧୪୧ ଜଣଙ୍କୁ ବୃଦ୍ଧି ପାଇଛି । ଭାରତବର୍ଷରେ ୧୯୬୧ରେ ହାରାହାରି ପ୍ରତି ବର୍ଗ କିଲୋମିଟରରେ ୧୩୮ ଜଣ ରହୁଥିବା ବେଳେ ଏହା ବର୍ତ୍ତମାନ ୧୮୨କୁ ବୃଦ୍ଧି ପାଇଛି । ଜିଲ୍ଲାମାନଙ୍କ ମଧ୍ୟରେ କଟକ ସବୁଠାରୁ ଜନବହୁଳ ଅଞ୍ଚଳ । ଏ ଜିଲ୍ଲାରେ ପ୍ରତି ବର୍ଗ କିଲୋମିଟରରେ ୩୪୯ ଜଣ ବସବାସ କରୁଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ପ୍ରତି ବର୍ଗ କିଲୋମିଟରରେ ୨୮୩ ଜଣ ବସବାସ କରୁଛନ୍ତି । ସେହିଭଳି ପୁରୀ ଜିଲ୍ଲାରେ ପ୍ରତି ବର୍ଗ କିଲୋମିଟର ମଧ୍ୟରେ ୨୨୬ ଜଣ ବସବାସ କରୁଅଛନ୍ତି । ଏ କ୍ଷେତ୍ରରେ ବୌଦ୍ଧ-କନ୍ଧମାଳ ଜିଲ୍ଲାର ସ୍ଥାନ ସମସ୍ତଙ୍କ ପଛରେ । ଏଠାରେ ପ୍ରତି ବର୍ଗ କିଲୋମିଟରରେ ୫୨ ଜଣ ଲୋକ ବସବାସ କରୁଥିବା ବେଳେ କୋରାପୁଟ ଓ କଳାହାଣ୍ଡି ଜିଲ୍ଲାରେ ସେହି ପରିମିତ ସ୍ଥାନରେ ଯଥାକ୍ରମେ ୭୨ ଓ ୯୬ ଜଣ ବସବାସ କରନ୍ତି ।

### ଜନଗଣନା ୧୯୭୧

### ଓଡ଼ିଶାର ଜନସଂଖ୍ୟା

| | |
|---|---|
| (୧) ଓଡ଼ିଶାର ଜନସଂଖ୍ୟା ... | ମୋଟ—୨୧,୯୩୪,୮୨୭<br>ପୁରୁଷ—୧୧,୦୨୮,୦୩୬<br>ମହିଳା—୧୦,୯୦୬,୭୯୧ |
| (୨) ୧୯୬୧ରୁ ୧୯୭୧ ମସିହା ମଧ୍ୟରେ ଜନସଂଖ୍ୟା ବୃଦ୍ଧିର ହାର । | +୨୪·୧୯% |
| (୩) ପ୍ରତି ବର୍ଗ କିଲୋମିଟର ପିଛା ଜନସଂଖ୍ୟା ... | ୧୪୧ ଜଣ |
| (୪) ପୁରୁଷ ଓ ମହିଳାଙ୍କ ହାର ... | ୯୮୯ ଜଣ ମହିଳାଙ୍କ ପ୍ରତି ୧,୦୦୦ ଜଣ ପୁରୁଷ । |
| (୫) ସାକ୍ଷରତା ହାର ... | ମୋଟ—ଶତକଡ଼ା ୨୬·୧୨<br>ପୁରୁଷ—ଶତକଡ଼ା ୩୮·୩୫<br>ମହିଳା—ଶତକଡ଼ା ୧୩·୭୫ |

## ଜନଗଣନା
### ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକସଂଖ୍ୟା

| ରାଜ୍ୟ/ଜିଲ୍ଲା | ୧୯୭୧ ମସିହାରେ ଜନସଂଖ୍ୟା | | |
| --- | --- | --- | --- |
| | ଲୋକ | ପୁରୁଷ | ମହିଳା |
| ୧ | ୨ | ୩ | ୪ |
| ଓଡ଼ିଶା .. | ୨୧,୯୩୪,୮୨୭ | ୧୧,୦୨୮,୦୩୭ | ୧୦,୯୦୬,୭୯୦ |
| ସମ୍ବଲପୁର .. | ୧,୮୪୪,୯୮୦ | ୯୩୧,୪୮୭ | ୯୧୩,୪୯୩ |
| ସୁନ୍ଦରଗଡ଼ .. | ୧,୦୩୦,୮୧୩ | ୫୩୦,୩୪୨ | ୫୦୦,୪୭୧ |
| କେନ୍ଦୁଝର .. | ୯୫୫,୨୭୪ | ୪୮୨,୩୨୪ | ୪୭୨,୯୫୦ |
| ମୟୂରଭଞ୍ଜ .. | ୧,୪୨୯,୨୧୪ | ୭୧୮,୨୩୪ | ୭୧୦,୯୮୦ |
| ବାଲେଶ୍ୱର .. | ୧,୮୩୨,୬୭୮ | ୯୨୯,୧୮୦ | ୯୦୩,୪୯୮ |
| କଟକ .. | ୩,୮୨୮,୫୭୮ | ୧,୯୨୫,୨୧୧ | ୧,୯୦୩,୩୬୭ |
| ଢେଙ୍କାନାଳ .. | ୧,୨୯୪,୧୨୭ | ୬୫୩,୮୮୧ | ୬୪୦,୨୪୬ |
| ବୌଦ୍ଧ-ଖଣ୍ଡମାଳ .. | ୬୧୯,୯୨୪ | ୩୦୯,୨୪୪ | ୩୧୦,୬୮୦ |
| ବଲାଙ୍ଗୀର .. | ୧,୨୬୩,୫୮୭ | ୬୩୩,୬୦୨ | ୬୨୯,୯୮୫ |
| କଳାହାଣ୍ଡି .. | ୧,୧୬୩,୦୮୮ | ୫୭୮,୦୯୨ | ୫୮୪,୯୯୬ |
| କୋରାପୁଟ .. | ୨,୦୪୧,୫୧୬ | ୧,୦୩୦,୯୬୬ | ୧,୦୧୦,୫୫୦ |
| ଗଞ୍ଜାମ .. | ୨,୨୯୧,୬୬୬ | ୧,୧୨୧,୬୦୦ | ୧,୧୭୦,୦୬୬ |
| ପୁରୀ .. | ୨,୩୩୯,୩୮୨ | ୧,୧୮୨,୯୭୨ | ୧,୧୫୬,୪୧୦ |

୧୯୭୧
ଭିତ୍ତିକ ବିବରଣୀ

| ପୁରୁଷ ଓ ମହିଳାଙ୍କ ହାର (ଏକ ହଜାର ପୁରୁଷଙ୍କପାଇଁ ମହିଳା) | | ପ୍ରତି ବର୍ଗ କିଲୋମିଟରରେ ଜନସଂଖ୍ୟାର ଘଣତା | | ଦଶ ବର୍ଷ ଭିତରେ ଜନସଂଖ୍ୟା ବୃଦ୍ଧିର ଶତକଡ଼ା ହାର | |
|---|---|---|---|---|---|
| ୧୯୬୧ | ୧୯୭୧ | ୧୯୬୧ | ୧୯୭୧ | ୧୯୫୧—୧୯୬୧ | ୧୯୬୧—୧୯୭୧ |
| ୫ | ୬ | ୭ | ୮ | ୯ | ୧୦ |
| ୧,୦୦୧ | ୯୮୯ | ୧୧୩ | ୧୪୧ | +୧୯·୮୨ | +୨୪·୯୯ |
| ୯୯୫ | ୯୮୦ | ୮୬ | ୧୦୫ | +୧୫·୮୯ | +୨୨·୨୪ |
| ୯୯୫ | ୯୪୪ | ୬୬ | ୧୦୬ | +୩୬·୩୮ | +୩୫·୮୮ |
| ୯୮୨ | ୯୮୧ | ୮୯ | ୧୧୫ | +୨୬·୩୨ | +୨୮·୫୨ |
| ୯୯୧ | ୯୮୯ | ୧୧୬ | ୧୩୬ | +୧୬·୦୩ | +୧୮·୬୪ |
| ୯୬୪ | ୯୬୨ | ୨୧୮ | ୨୮୩ | +୨୮·୦୨ | +୨୯·୪୩ |
| ୯୯୯ | ୯୮୯ | ୨୬୮ | ୩୪୯ | +୨୧·୧୫ | +୨୪·୯୯ |
| ୯୯୧ | ୯୬୯ | ୯୪ | ୧୨୦ | +୨୨·୬୩ | +୨୬·୦୬ |
| ୧,୦୧୨ | ୧,୦୦୫ | ୪୬ | ୫୬ | +୧୨·୫୯ | +୨୦·୫୧ |
| ୧,୦୦୦ | ୯୯୪ | ୧୨୧ | ୧୪୨ | +୧୬·୪୩ | +୧୮·୨୩ |
| ୧,୦୨୦ | ୧,୦୧୧ | ୮୨ | ୯୬ | +୧୬·୫୩ | +୨୨·୮୮ |
| ୯୯୦ | ୯୮୦ | ୫୬ | ୬୬ | +୧୮·୦୩ | +୩୦·୬୮ |
| ୧,୦୮୨ | ୧,୦୪୩ | ୧୫୩ | ୧୮୩ | +୧୫·୨୪ | +୨୨·୩୮ |
| ୧,୦୦୪ | ୯୬୮ | ୧୮୦ | ୨୨୬ | +୧୮·୩୯ | +୨୫·୪୩ |

ଜନସ...

ବିଭିନ୍ନ ଜିଲାର ...

| ରାଜ୍ୟ/ଜିଲା | ମୋଟ ଲୋକସଂଖ୍ୟା | | | ୧୯୭୧ ଶିକ୍ଷିତ ଜନସଂଖ୍ୟା | | |
|---|---|---|---|---|---|---|
| | ଲୋକ | ପୁରୁଷ | ମହିଳା | ଲୋକ | ପୁରୁଷ | ମହି... |
| ୧ | ୨ | ୩ | ୪ | ୫ | ୬ | ୭ |
| ଓଡ଼ିଶା .. | ୨୧,୯୩୫,୮୨୭ | ୧୧,୦୨୮,୦୩୬ | ୧୦,୯୦୭,୭୯୧ | ୫,୭୨୫,୨୮୮ | ୪,୨୨୯.୧୨୪ | ୧,୪୦... |
| ସମ୍ବଲପୁର .. | ୧,୮୪୪,୯୮୦ | ୯୩୧,୪୮୭ | ୯୧୨,୭୯୪ | ୬୯୭,୯୬୫ | ୩୭୭,୪୮୧ | [illegible] |
| ସୁନ୍ଦରଗଡ଼ .. | ୧,୦୩୦,୮୧୮ | ୫୩୦,୩୯୨ | ୫୦୦,୪୭୧ | ୨୭୦,୮୭୭ | ୧୯୬,୭୭୯ | [illegible] |
| କେନ୍ଦୁଝର .. | ୯୫୫,୨୭୪ | ୪୮୨,୩୨୬ | ୪୭୨,୯୫୦ | ୨୦୦,୫୪୩ | ୧୫୬,୯୪୫ | [illegible] |
| ମୟୂରଭଞ୍ଜ .. | ୧,୪୨୯,୭୭୬ | ୭୧୮,୭୩୪ | ୭୧୦,୯୩୦ | ୨୫୫,୯୩୫ | ୨୦୦,୭୬୧ | [illegible] |
| ବାଲେଶ୍ୱର .. | ୧,୮୩୨,୭୩୮ | ୯୨୯,୧୮୦ | ୯୦୩,୬୯୮ | ୭୨୨,୬୦୧ | ୪୬୫,୨୮୮ | [illegible] |
| କଟକ .. | ୩,୮୨୮,୫୭୮ | ୧,୯୨୫,୨୧୧ | ୧,୯୦୩,୩୬୭ | ୧,୩୯୭,୪୧୮ | ୯୬୪,୩୨୩ | [illegible] |
| ଢେଙ୍କାନାଳ .. | ୧,୨୯୫,୧୨୭ | ୬୫୩,୮୮୧ | ୬୪୦,୨୪୫ | ୩୫୪,୭୩୯ | ୨୭୨,୯୪୫ | [illegible] |
| ବୌଦ୍ଧ-କନ୍ଧମାଳ | ୬୧୯,୯୨୪ | ୩୦୯,୨୬୬ | ୩୧୦,୬୮୦ | ୧୨୧,୯୭୪ | ୧୦୧,୪୮୦ | [illegible] |
| ବଲାଙ୍ଗୀର .. | ୧,୨୬୩,୫୩୭ | ୬୩୩,୭୦୭ | ୬୨୯,୯୩୦ | ୨୬୯,୩୩୧ | ୨୦୩,୭୬୩ | [illegible] |
| କଳାହାଣ୍ଡି .. | ୧,୧୬୩,୬୮୮ | ୫୭୮,୪୯୨ | ୫୮୪,୯୯୭ | ୧୫୯,୮୪୧ | ୧୩୩,୩୫୯ | [illegible] |
| କୋରାପୁଟ .. | ୨,୦୪୧,୫୧୭ | ୧,୦୩୦,୯୭୩ | ୧,୦୧୦,୫୫୩ | ୨୧୫,୭୭୭ | ୧୭୭,୧୬୦ | [illegible] |
| ଗଞ୍ଜାମ .. | ୨,୨୯୧,୭୭୭ | ୧,୧୨୧,୭୦୦ | ୧,୧୭୦,୦୭୭ | ୫୫୮,୯୧୭ | ୪୨୩,୯୩୨ | [illegible] |
| ପୁରୀ .. | ୨,୩୩୯,୩୮୨ | ୧,୧୮୨,୯୭୨ | ୧,୧୫୭,୪୧୦ | ୮୨୮,୬୦୧ | ୫୮୯,୯୫୮ | [illegible] |

୧୯୭୧
ସଂଖ୍ୟ ବିବରଣୀ

| ମୋଟ ଲୋକସଂଖ୍ୟାର ଶିକ୍ଷିତମାନଙ୍କର ଶତକଡ଼ା ହାର | | | | | |
|---|---|---|---|---|---|
| ୧୯୬୧ | | | ୧୯୭୧ | | |
| ଲୋକ | ପୁରୁଷ | ମହିଳା | ଲୋକ | ପୁରୁଷ | ମହିଳା |
| ୮ | ୯ | ୧୦ | ୧୧ | ୧୨ | ୧୩ |
| ୨୧·୬୬ | ୩୪·୬୮ | ୮·୬୫ | ୨୬·୧୨ | ୩୮·୩୫ | ୧୩·୬୫ |
| ୨୨·୯୩ | ୩୬·୧୮ | ୮·୬୧ | ୨୭·୦୦ | ୪୦·୫୨ | ୧୩·୨୦ |
| ୧୯·୬୧ | ୩୦·୪୧ | ୮·୦୨ | ୨୬·୨୮ | ୩୬·୭୩ | ୧୫·୨୧ |
| ୧୭·୬୬ | ୨୯·୨୫ | ୫·୮୫ | ୨୦·୯୯ | ୩୨·୧୨ | ୯·୬୪ |
| ୧୪·୨୮ | ୨୩·୬୪ | ୪·୫୩ | ୧୬·୯୦ | ୨୭·୯୩ | ୬·୬୬ |
| ୨୯·୪୯ | ୪୫·୬୯ | ୧୨·୭୫ | ୩୩·୯୬ | ୪୬·୯୨ | ୧୯·୬୦ |
| ୨୯·୮୨ | ୪୫·୬୬ | ୧୩·୯୬ | ୩୬·୩୬ | ୫୦·୦୯ | ୨୨·୪୯ |
| ୨୩·୪୫ | ୩୮·୮୭ | ୬·୮୯ | ୨୬·୪୧ | ୪୧·୬୪ | ୧୨·୭୮ |
| ୧୬·୬୯ | ୩୧·୨୮ | ୪·୨୬ | ୧୯·୬୬ | ୩୨·୮୨ | ୬·୫୯ |
| ୧୪·୫୯ | ୨୪·୯୪ | ୪·୨୪ | ୧୯·୬୩ | ୩୨·୧୬ | ୬·୨୪ |
| ୧୧·୦୬ | ୧୯·୫୭ | ୨·୬୧ | ୧୩·୭୪ | ୨୩·୦୫ | ୪·୫୩ |
| ୮·୩୧ | ୧୩·୫୮ | ୨·୯୬ | ୧୦·୫୬ | ୧୬·୧୨ | ୪·୯୧ |
| ୨୧·୩୨ | ୩୫·୪୯ | ୮·୨୩ | ୨୪·୩୯ | ୩୬·୮୦ | ୧୧·୫୪ |
| ୨୯·୪୯ | ୪୫·୬୯ | ୧୩·୨୭ | ୩୫·୪୨ | ୪୯·୮୭ | ୨୦·୬୦ |

## ତାଲିକା ୩

### ୧୯୭୧ ଜନଗଣନା

(ପ୍ରାରମ୍ଭିକ ବିବରଣୀ)

୧୯୭୧ ମସିହାରେ ୧୦୦,୦୦୦ରୁ ଊର୍ଦ୍ଧ୍ୱ, ସ୍ତ୍ରୀ ଓ ପୁରୁଷଙ୍କର ସଂଖ୍ୟା ଏବଂ ୧୯୬୧ରୁ ୧୯୭୧ ମସିହାରେ ଜନ... ବୃଦ୍ଧିର ହାର—

| ନଗର/ସହରର ନାମ | ୧୯୭୧ ମସିହାରେ ଲୋକସଂଖ୍ୟା | | | ୧୯୬୧ ରୁ ୧୯୭୧ ରେ ଜନସଂଖ୍ୟା ବୃଦ୍ଧିର ଶତକଡ଼ା ହାର | ସ୍ତ୍ରୀ ଓ ପୁରୁଷ... ହାର, ୧୯୭୧ ... ୧,୦୦୦ ଜଣ ପୁ... ପିଛା ମହିଳା |
|---|---|---|---|---|---|
| | ଲୋକ | ପୁରୁଷ | ମହିଳା | | |
| ୧ | ୨ | ୩ | ୪ | ୫ | ୬ |
| କଟକ .. | ୧୯୪,୦୩୬ | ୧୦୯,୬୮୩ | ୮୪,୩୫୩ | +୩୨·୭୨ | ୭୬୯ |
| ରାଉରକେଲା (ଇସ୍ପାତ ନଗର)। | ୧୭୨,୫୩୬ | ୯୮,୮୭୫ | ୭୩,୬୬୧ | +୯୧·୧୦ | ୭୪୫ |
| ବ୍ରହ୍ମପୁର .. | ୧୧୭,୬୩୫ | ୬୦,୯୪୪ | ୫୬,୬୯୧ | +୫୨·୯୧ | ୯୩୦ |
| ଭୁବନେଶ୍ୱର .. | ୧୦୫,୪୧୪ | ୬୧,୦୮୦ | ୪୪,୩୩୪ | +୧୭୫·୧୪ | ୭୨୬ |

# ଜନଗଣନା ୧୯୭୧

## ରାଜ୍ୟଗୁଡ଼ିକର ଜନସଂଖ୍ୟା

ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳର ଲୋକସଂଖ୍ୟାର ଏକ ମୋଟାମୋଟି ହିସାବ ନିମ୍ନରେ ପ୍ରଦତ୍ତ ହେଉଛି—

| ଜନସଂଖ୍ୟା ଅନୁପାତରେ ରାଜ୍ୟର ସ୍ଥାନ ୧୯୭୧ | ଲୋକସଂଖ୍ୟା ୧୯୭୧ | ଭାରତର ମୋଟ ଜନସଂଖ୍ୟାର ଶତକଡ଼ା କେତେ ଭାଗ | ଜନସଂଖ୍ୟା ଅନୁପାତରେ ରାଜ୍ୟର ସ୍ଥାନ ୧୯୬୧ |
|---|---|---|---|
| ଉତ୍ତର ପ୍ରଦେଶ .. | ୮୮,୨୯୯,୪୫୩ | ୧୬·୧୪ | ୧ |
| ବିହାର .. | ୫୬,୩୮୭,୨୯୬ | ୧୦·୩୧ | ୨ |
| ମହାରାଷ୍ଟ୍ର .. | ୫୦,୨୯୫,୦୮୧ | ୯·୨୦ | ୩ |
| ପଶ୍ଚିମ ବଙ୍ଗଳା .. | ୪୪,୪୪୦,୦୯୫ | ୮·୧୨ | ୪ |
| ଆନ୍ଧ୍ରପ୍ରଦେଶ .. | ୪୩,୩୯୪,୯୫୧ | ୭·୯୩ | ୫ |
| ମଧ୍ୟପ୍ରଦେଶ .. | ୪୧,୪୪୯,୭୨୯ | ୭·୫୭ | ୬ |
| ତାମିଲନାଡ଼ୁ .. | ୪୧,୧୦୩,୧୨୫ | ୭·୫୧ | ୭ |

| | | | | |
|---|---|---|---|---|
| ମହାରାଷ୍ଟ୍ର | .. | ୨୯,୨୨୪,୦୪୭ | ୫·୩୪ | ୮ |
| ଗୁଜୁରାଟ | .. | ୨୭,୭୭୦,୯୨୯ | ୪·୮୭ | ୯ |
| ରାଜସ୍ଥାନ | .. | ୨୫,୭୨୪,୧୪୨ | ୪·୭୦ | ୧୦ |
| ଓଡ଼ିଶା | .. | ୨୧,୯୩୪,୮୨୭ | ୪·୦୧ | ୧୧ |
| କେରଳ | .. | ୨୧,୨୮୦,୩୯୭ | ୩·୮୯ | ୧୨ |
| ଆସାମ | .. | ୧୪,୮୫୭,୩୧୩ | ୨·୭୨ | ୧୩ |
| ପଞ୍ଜାବ | .. | ୧୩,୪୭୨,୯୭୨ | ୨·୪୭ | ୧୪ |
| ହରିଆନା | .. | ୯,୯୭୧,୧୭୫ | ୧·୮୨ | ୧୫ |
| ଜାମ୍ମୁ ଓ କାଶ୍ମୀର | .. | ୪,୭୧୫,୧୭୭ | ୦·୯୪ | ୧୬ |
| ଦିଲ୍ଲୀ | .. | ୪,୦୪୪,୩୩୮ | ୦·୭୪ | ୧୭ |
| ହିମାଚଳ ପ୍ରଦେଶ | .. | ୩,୪୨୪,୩୩୨ | ୦·୬୩ | ୧୮ |
| ତ୍ରିପୁରା | .. | ୧,୫୫୭,୮୨୨ | ୦·୨୯ | ୧୯ |
| ମଣିପୁର | .. | ୧,୦୭୯,୫୫୫ | ୦·୨୦ | ୨୦ |
| ମେଘାଳୟ | .. | ୯୮୩,୩୩୭ | ୦·୧୮ | ୨୧ |
| ଗୋଆ ଡାମନ ଡିଉ | .. | ୮୫୭,୧୮୦ | ୦·୧୬ | ୨୨ |
| ନାଗାଲାଣ୍ଡ | .. | ୫୧୫,୫୭୧ | ୦·୧୦ | ୨୩ |
| ପଣ୍ଡିଚେରୀ | .. | ୪୭୧,୩୪୭ | ୦·୦୯ | ୨୪ |
| ନେଫା | .. | ୪୪୫,୭୪୪ | ୦·୦୮ | ୨୫ |
| ଚଣ୍ଡୀଗଡ଼ | .. | ୨୫୭,୯୭୯ | ୦·୦୫ | ୨୬ |
| ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ । | | ୧୧୫,୦୯୦ | ୦·୦୨ | ୨୭ |
| ଦାଦ୍ରା ଏବଂ ନଗର ହାଭେଲି | | ୭୫,୧୭୫ | ୦·୦୧ | ୨୮ |
| ଲକ୍ଷାଦ୍ୱୀପ, ମିନିକୋଇ ଏବଂ ଆମିନ୍ଦିଭି ଦ୍ୱୀପପୁଞ୍ଜ । | | ୩୧,୭୯୮ | ୦·୦୧ | ୨୯ |

ଖ

# ଜନ ଗଣନା, ୧୯୭୧

## ଭାରତର ଜନସଂଖ୍ୟା

| | | |
|---|---|---|
| ମୋଟ | .. | ୫୪୬,୯୫୫,୯୪୫ |
| ପୁରୁଷ | .. | ୨୮୩,୦୫୫,୯୮୭ |
| ମହିଳା | .. | ୨୬୩,୮୯୯,୯୫୮ |
| ବିଗତ ଦଶନ୍ଧି ୧୯୬୧ରୁ ୧୯୭୧ ମଧ୍ୟରେ ଜନସଂଖ୍ୟା ବୃଦ୍ଧିର ହାର । | | ଶତକଡ଼ା ୨୪'୫୭ |
| ପ୍ରତି ବର୍ଗ କିଲୋମିଟର ପିଛା ଜନସଂଖ୍ୟା | .. | ୧୮୭ ଜଣ |
| ପୁରୁଷ ଓ ମହିଳାଙ୍କ ହାର | .. | ୯୩୨ ଜଣ ମହିଳାରେ ୧,୦୦୦ ଜଣ ପୁରୁଷ |
| ମୋଟ ସାକ୍ଷରତା ହାର | .. | ଶତକଡ଼ା ୨୯'୩୫ ଭଗ<br>ପୁରୁଷ ଶତକଡ଼ା ୩୯'୪୯ ଭଗ<br>ମହିଳା ଶତକଡ଼ା ୧୮'୪୭ ଭଗ |

ନେଫା ଓ ଜାମ୍ମୁ କାଶ୍ମୀରର ଜନସଂଖ୍ୟା ଉପରୋକ୍ତ ହିସାବରେ ଅନ୍ତର୍ଭୁକ୍ତ କରଯାଇ ନାହିଁ ।

# ଛାତ୍ର ଜଗତ

## ଗ୍ରାମାଂଚଳର ଛାତ୍ରମାନଙ୍କ ପାଇଁ ବୃତ୍ତି

୧୯୭୧-୭୨ ମସିହାଠାରୁ ମାଧ୍ୟମିକ ଶିକ୍ଷା ସ୍ତରରେ ଗ୍ରାମାଞ୍ଚଳର ଛାତ୍ରମାନଙ୍କୁ ଜାତୀୟ ବୃତ୍ତି ଦେବା ନିମନ୍ତେ ଏକ ଯୋଜନା ପ୍ରବର୍ତ୍ତନ କରିବା ପାଇଁ ଭାରତ ସରକାର ନିଷ୍ପତ୍ତି କରିଛନ୍ତି ।

ଏହି ଯୋଜନା ଅନୁଯାୟୀ ପ୍ରତ୍ୟେକ ଗୋଷ୍ଠୀ ଉନ୍ନୟନ ବ୍ଳକର ୨ ଜଣ ମେଧାବୀ ଛାତ୍ରଙ୍କୁ ପ୍ରତି ଛାତ୍ର ପିଚ୍ଛା ଟ ୭୫୯ ହାରରେ ବୃତ୍ତି ଦିଅଯିବ
ଆଗାମୀ ଶିକ୍ଷା ବର୍ଷଠାରୁ ଏହି ଯୋଜନା କାର୍ଯ୍ୟକ
କରିବା ପାଇଁ ରାଜ୍ୟ ସରକାରଙ୍କର ଶିକ୍ଷା ବି
ଏଥିମଧ୍ୟରେ ସମସ୍ତ ପ୍ରକାରର ପ୍ରାରମ୍ଭିକ ପଦକ୍ଷେ
ଗ୍ରହଣ କରିସାରିଛନ୍ତି ।

---

# ଓଡ଼ିଶାରେ ସଂଚୟ ପକ୍ଷ ପାଳନ

ରାଜ୍ୟରେ ସଞ୍ଚୟ ଆନ୍ଦୋଳନକୁ ଅଧିକ ବ୍ୟାପକ କରିବା ପାଇଁ ପ୍ରତିବର୍ଷ ସଞ୍ଚୟ ପକ୍ଷ ଉତ୍ସବ ପାଳନ କରାଯାଏ । ଚଳିତ ବର୍ଷ ଜାନୁଆରୀ ୧୫ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟର ସର୍ବତ୍ର ସଞ୍ଚୟ ପକ୍ଷ ପାଳିତ ହୋଇଥିଲା । ଏହି ସମୟ ମଧ୍ୟରେ ରାଜ୍ୟର ଜିଲ୍ଲା ସଦର ମହକୁମା ଓ ସବ୍‌ଡିଭିଜନ ସଦର ମହକୁମାମାନଙ୍କରେ ତଥା ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଶିକ୍ଷାନୁଷ୍ଠାନମାନଙ୍କରେ ସଞ୍ଚୟ ସଭାମାନ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ସ୍ଥାନୀୟ ବିଶିଷ୍ଟବ୍ୟକ୍ତିମାନେ ଲୋକଙ୍କୁ ସଞ୍ଚୟର ଉପକାରିତା ବୁଝାଇଥିଲେ ଓ ଜାତୀୟ ସଂଚୟ ସାର୍ଟିଫିକେଟମାନ ଖରିଦ କରିବା ପାଇଁ ଏବଂ ପୋଷ୍ଟ ଅଫିସରେ ଥିବା ବିଭିନ୍ନ ସଞ୍ଚୟ ଏକାଉଣ୍ଟରେ ଅର୍ଥ ବିନିଯୋଗ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ ।

ଗତ ଅକ୍ଟୋବର ୩୧ ତାରିଖରେ ପାଳିତ ହୋଇଥିବା ବିଶ୍ୱ ମିତବ୍ୟୟିତା ଦିବସ ଉପଲକ୍ଷେ ଭାରତର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ତଥା କେନ୍ଦ୍ର ଅର୍ଥ-ମନ୍ତ୍ରୀ ଦେଇଥିବା ବାର୍ତ୍ତାମାନ ଜନସାଧାରଣଙ୍କ ମଧ୍ୟରେ ବହୁସଂଖ୍ୟାରେ ବଣ୍ଟନ କରାଯାଇଥିଲା । ଭାରତ ସରକାର ଉଚ୍ଚ ହାରରେ ସୁଧ ଦେଇ ଯେଉଁ ସବୁ ନୂଆ ନୂଆ ସଂଚୟ ସାର୍ଟିଫିକେଟ ଓ ଏକାଉଣ୍ଟମାନ ପ୍ରବର୍ତ୍ତନ କରିଛନ୍ତି ତହିଁର ସଂକ୍ଷିପ୍ତ ସୂଚନା ଦେଇ ପୁସ୍ତିକାମାନ ମଧ୍ୟ ଲୋକଙ୍କ ମଧ୍ୟରେ ବଣ୍ଟା ଯାଇଥିଲା । ତା' ଛଡ଼ା ବିଭିନ୍ନ ସ୍ଥାନରେ ଚଳଚ୍ଚିତ୍ର, ଦାସକାଠିଆ, ପାଲା ଜରିଆରେ ମୂଳ ସଞ୍ଚୟ ଆନ୍ଦୋଳନର ବାର୍ତ୍ତା ଗାଁ ଗହଳରେ ପ୍ରଚାରିତ କରାଯାଇଥିଲା ।

## ସମ୍ବଲପୁର ଜିଲ୍ଲା

ଗତ ତା ୧୫ । ୧ । ୧୯୭୧ ଦିନ ସମ୍ବଲପୁର ଲେଡି ଲୁଇସ ବାଳିକା ବିଦ୍ୟାଳୟରେ ଏକ ସଞ୍ଚୟ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ସଭାନେତ୍ରୀ ହୋଇଥିଲେ ଓ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜାତୀୟ ସଞ୍ଚୟ ସଂଗଠନର ଆସିଷ୍ଟାଣ୍ଟ ଡିରେକ୍ଟର ଛାତ୍ରୀମାନଙ୍କୁ ସ୍ୱଳ୍ପ ସଞ୍ଚୟ ଯୋଜନା ବିଷୟରେ ବୁଝାଇଥିଲେ । ସେ ଦିନ ସନ୍ଧ୍ୟାରେ ସମ୍ବଲପୁରର ଜିଲ୍ଲାପାଳ ସଞ୍ଚୟ ପକ୍ଷ ଉଦ୍‌ଘାଟନ ଉପଲକ୍ଷେ ଦେଇଥିବା ଭାଷଣ ସମ୍ବଲପୁର ବେତାର କେନ୍ଦ୍ରରୁ ପ୍ରସାରିତ ହୋଇଥିଲା ।

ଜିଲ୍ଲାର ବ୍ରଜରାଜନଗର, ରାମପୁର କୋଲିଆରୀ, ବେଲପାହାଡ଼ ରିଫ୍ରାକ୍ଟୋରି ଓ ବରଗଡ଼ ସିମେଣ୍ଟ-କାରଖାନାଭଳି ଶିଳ୍ପାନୁଷ୍ଠାନମାନଙ୍କରେ ସଞ୍ଚୟ ସଭାମାନ ସଂଗଠନ କରାଯାଇଥିଲା । ବେଲପାହାଡ଼ରେ ସଭାସ୍ଥଳରେ ୭୦ ଜଣ କର୍ମଚାରୀ ବେତନ ସ୍ୱଳ୍ପ ସଞ୍ଚୟ ଗୋଷ୍ଠୀରେ ଯୋଗ ଦେବା ପାଇଁ ସ୍ୱୀକୃତି ପତ୍ର ଦେଇଥିଲେ । ଦେବଗଡ଼ ଓ ବରପାଲି ବ୍ଲକର ଲେଣ୍ଡା ଗ୍ରାମରେ ମଧ୍ୟ ସଞ୍ଚୟ ସଭାମାନ ଅନୁଷ୍ଠିତ ହୋଇଥିଲା ଓ ଜନସାଧାରଣଙ୍କୁ ସ୍ୱଳ୍ପ ସଞ୍ଚୟରେ ଅର୍ଥ ଖଟାଇଥିବା ଦ୍ୱାରା ଆମର କି ଲାଭ ହୁଏ ତାହା ବୁଝାଇ ଦିଆଯାଇଥିଲା । ସଭା ଶେଷରେ ସଞ୍ଚୟ ଚଳଚ୍ଚିତ୍ରମାନ ପ୍ରଦର୍ଶନ କରାଯାଇଥିଲା । ସଞ୍ଚୟ ପକ୍ଷ ମଧ୍ୟରେ ବରପାଲି ବ୍ଲକର ଭଟିଗାଁ ଏକ ସଞ୍ଚୟଗ୍ରାମ-ରୂପେ ସଂଗଠିତ ହୋଇପାରିଛି । ଏଠାକାର

୧୬୦ଟି ଘରଦ୍ୱାର ଡାକଘର ସଞ୍ଚୟ ବ୍ୟାଙ୍କରେ ୧୦୦ଟି ଏକାଉଣ୍ଟ ଖୋଲିଛନ୍ତି ।

ଝାରସୁଗୁଡ଼ାରେ ଓ. ଏମ. ପି, କେମ୍ପରେ ଗତ ତା ୧ ।୨।୧୯୭୧ ଦିନ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା । ୧୯୬୮-୬୯ ମସିହାରେ ଉତ୍ତରାଞ୍ଚଳରେ ଉତ୍କୃଷ୍ଟ ସଞ୍ଚୟ ଗୋଷ୍ଠୀରୂପେ ବିବେଚିତ ହୋଇଥିବା ଝାରସୁଗୁଡ଼ା ମିଲିଟାରି ପୋଲିସ ଏକ ରନିଂ ସିଲ୍ଡ୍ ଲାଭ କରିଥିଲା ଏବଂ ୧୯୬୯-୭୦ ମସିହାରେ ଜିଲ୍ଲାର ଉତ୍କୃଷ୍ଟ ସ୍କୁଲରୂପେ ସୋରେଇ ହାଇସ୍କୁଲ ରନିଂ ସିଲଡ ଲାଭ କରିଥିଲା । ଉକ୍ତ ଉତ୍ସବରେ ଓଡ଼ିଶା ମିଲିଟାରି ପୋଲିସ କମେଣ୍ଡେଣ୍ଟ ଓ ସୋରେଇ ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀ କୁମର ଚରଣ ବାରିକ, ଉତ୍ତରାଞ୍ଚଳ ରେଭିନ୍ୟୁ କମିଶନର ମହୋଦୟଙ୍କ ହସ୍ତରୁ ଉକ୍ତ ସିଲଡମାନ ଗ୍ରହଣ କରିଥିଲେ ।

## କଳାହାଣ୍ଡି ଜିଲ୍ଲା

ତା ୨୭।୧। ୧୯୭୧ ଦିନ ଭବାନୀପାଟଣାର ସରକାରୀ ବାଳିକା ବିଦ୍ୟାଳୟରେ ସଞ୍ଚୟ ସଭା ଅନୁଷ୍ଠିତ ହୋଇଥିଲା । ସ୍ୱଳ୍ପ ସଞ୍ଚୟ କ୍ଷେତ୍ରରେ ଉକ୍ତ ସ୍କୁଲ କଳାହାଣ୍ଡି ଜିଲ୍ଲାର ଉତ୍କୃଷ୍ଟ ସ୍କୁଲରୂପେ ରନିଂ ସିଲ୍ଡ ଲାଭ କରିଥିଲା । ଉକ୍ତ ଜିଲ୍ଲାର ଜିଲ୍ଲାପାଳଙ୍କ ସହଧର୍ମିଣୀ ଶ୍ରୀମତୀ ନିର୍ମଳା ଘରେ ସ୍କୁଲର ସ୍ଥା... ଶିକ୍ଷୟିତ୍ରୀ ଶ୍ରୀମତୀ କିରଣ ପୁରୀ ଦାସଙ୍କ ହସ୍ତରେ ସିଲ୍ଡ ଅର୍ପଣ କରିଥିଲେ । ଉତ୍ସବରେ ସଭାପତିତ୍ୱ କ... ଥିଲେ ଜିଲ୍ଲାପାଳ ଶ୍ରୀ ଘରେ ଗୋବର୍ଦ୍ଧନ, ଆଇ. ଏ. ଏସ୍ । ଉତ୍ସବରେ ଉପସ୍ଥିତ ସ୍କୁଲ ଛାତ୍ର ଛାତ୍ରୀ ଜନସାଧାରଣଙ୍କୁ ଜିଲ୍ଲାପାଳ ଓ ଜିଲ୍ଲା ଲୋକସମ୍ପର୍କ ଅଫିସର ଓ ଜିଲ୍ଲା ସଂଚୟ ସଂଗଠକ ଉଦ୍ବୋଧନ ଦେଇଥିଲେ ।

ତା ୨୯ । ୧ । ୧୯୭୧ ଦିନ ଖଡ଼ିଆଳରେ ଏ... ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବରେ ଜିଲ୍ଲାପାଳ ଖଡ଼ିଆଳର ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ୍କୁ ଜିଲ୍ଲାର ଉତ୍କୃଷ୍ଟ ବାଳକ ହାଇସ୍କୁଲରୂପେ ରନିଂ ସିଲ୍ଡ ପ୍ରଦାନ କରିଥିଲେ । ଉକ୍ତ ସ୍କୁଲର ଛାତ୍ର ତଥା ଶିକ୍ଷକମାନେ ୧୯୬୯-୭୦ରେ ସର୍ବମୋଟ ଟ ୩,୧୧୨୮ ସ୍ୱଳ୍ପ ସଞ୍ଚୟ ସିକ୍ୟୁରିଟିରେ ବିନିଯୋଗ କରିଛନ୍ତି ।

## ସୁନ୍ଦରଗଡ଼ ଜିଲ୍ଲା

ଗତ ସଞ୍ଚୟ ପକ୍ଷ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ଦୁଇଟି ଗ୍ରାମର କୁତ୍ରା ଓ ସାଲେପାଲି ଉକ୍ତ ଜିଲ୍ଲାର ଜିଲ୍ଲାପାଳ ଶ୍ରୀ ଅଶୋକ ମୁବାଇ, ଆଇ. ଏ. ଏସ୍.ଙ୍କ ଦ୍ୱାରା 'ସଞ୍ଚୟଗ୍ରାମ' ରୂପେ ଘୋଷିତ ହୋଇଛନ୍ତି ।

---

# ଓଡ଼ିଶାର ଜଳାଧାରଗୁଡ଼ିକୁ ଜଳସେଚନ ଉପଯୋଗୀ କରିବା ପାଇଁ ଯୋଜନା

ଓଡ଼ିଶାରେ ୪୮ ହଜାରରୁ ଅଧିକ ଗ୍ରାମ ମଧ୍ୟରୁ ଅନେକଗୁଡ଼ିଏ ଗ୍ରାମରେ ଜଳାଧାରମାନ ରହିଛି । ଏଗୁଡ଼ିକ ମଧ୍ୟରୁ କେତେକ ଗ୍ରାମ ପଞ୍ଚାୟତ ବିଭାଗ ଅଧୀନରେ, କେତେକ ରେଭିନ୍ୟୁ ବିଭାଗ ଅଧୀନରେ ଏବଂ ଅନ୍ୟ କେତେକ ଗ୍ରାମ୍ୟ ଇଞ୍ଜିନିୟରିଂ ସଂସ୍ଥା ଅଧୀନରେ ରଖାଯାଇଛି । ଅବହେଳା ଯୋଗେ କ୍ରମେ ଏଥିମଧ୍ୟରୁ କେତେକ ପୋତି ହୋଇଯାଇ ଆବାଦ ଜମିରେ ପରିଣତ ହୋଇଯାଏ । ଏଗୁଡ଼ିକ କିପରି ଜଳସେଚନ ଉପଯୋଗୀ ହୋଇ ପାରିବ ସେ ବିଷୟରେ ସରକାର ଗମ୍ଭୀରଭାବେ ଚିନ୍ତା କରୁଛନ୍ତି ।

୧୯୩୩-୩୪ ସାଲରେ ଜମିଦାରୀ ଅଞ୍ଚଳରେ ଥିବା ପୋଖରୀଗୁଡ଼ିକୁ ତତ୍କାଳୀନ ସରକାର ଜାତୀୟକରଣ କରିବା ଉଦ୍ଦେଶ୍ୟରେ ଆଇନ ପ୍ରଣୟନ ପାଇଁ ଉଦ୍ୟମ କରିଥିଲେ । ବର୍ତ୍ତମାନ ସେ ଦିଗରେ ଉଦ୍ୟମ କରାଯାଉଛି । ଏହା ଫଳରେ ଗ୍ରାମାଞ୍ଚଳରେ ଥିବା ଜଳାଶୟ, ପୋଖରୀ ଓ ହ୍ରଦଗୁଡ଼ିକୁ ନଦୀ ଓ ନାଳ ସହିତ ସଂଯୋଗ କରାଇ ଏହାକୁ ଫସଲ ସମୟ ତକ ଅର୍ଥାତ୍ ଆଷାଢ଼ଠାରୁ ପୌଷ ଓ ମାଘମାସ ପର୍ଯ୍ୟନ୍ତ ଜଳ ଭର୍ତ୍ତିକରି ରଖିବା ପାଇଁ ଉଦ୍ୟମ କରାଯିବ ଯାହା ଫଳରେ ଅତି ଅଳ୍ପ ଖର୍ଚ୍ଚରେ ରାଜ୍ୟର ଜଳାଶୟର ଆୟତନ ଓ ପରିସର ବଢ଼ାଇ ଦିଆଯାଇ ପାରିବା ସଙ୍ଗେ ସଙ୍ଗେ ଏହି ଜଳାଶୟଗୁଡ଼ିକ ପ୍ରତିବର୍ଷ ଜଳ ନିଷ୍କାସନ ଓ ନୂଆ ପାଣି ଆସିବା ଫଳରେ ମାଲେରିଆ ପ୍ରଭାବ କମିଯିବ । ପୋଖରୀଗୁଡ଼ିକର ଅନବରତ ଉପଯୋଗ ହେବା ଯୋଗୁ ଏହାକୁ ପୋତାପୋତି କରି ଆବାଦ ଜମିରେ ପରିଣତ କରି ଚାଷ ଜମି କରିବା ସମ୍ଭବ ହେବନାହିଁ । ଏଥି ସକାଶେ ରାଜ୍ୟର ଯୋଜନା, ଜଳସେଚନ ଓ ରେଭିନ୍ୟୁ ବିଭାଗଗୁଡ଼ିକର ସମବେତ ଚେଷ୍ଟାରେ ଏ ସମସ୍ତ କରାଯିବା ପାଇଁ ବ୍ୟବସ୍ଥା କରି ହେଉଛି ।

ମୁଖ୍ୟମନ୍ତ୍ରୀ (୧: ବିଶ୍ୱନାଥ ଦାସ ଏପ୍ରିଲ ୮ ତାରିଖ ଦିନ ଏ ସଂପର୍କରେ ଜଳସେଚନ ବିଭାଗର ଚିଫ୍ ଇଞ୍ଜିନିୟରଙ୍କ ସହିତ ଆଲୋଚନା କରିଥିଲେ ଏବଂ ଏ ସଂପର୍କରେ ଏକ ସର୍ଭେ କରି ଯୋଜନା ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

---

## ଗଞ୍ଜାମ ଜିଲ୍ଲାରେ ବୃକ୍ଷରୋପଣ ଓ ଜଳସେଚନ ଯୋଜନା

ଗତ ତା ୧୫ । ୪ । ୭୧ ରିଖ ଅପରାହ୍ନରେ ମୁଖ୍ୟ-ମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ ତାଙ୍କ ବ୍ରହ୍ମପୁର ଗସ୍ତ ସମୟରେ ଗଞ୍ଜାମ ଜିଲ୍ଲାରେ ବୃହତ୍ ଆକାରରେ ବୃକ୍ଷରୋପଣ ଓ ଜଳସେଚନ ଯୋଜନାର ପ୍ରସାର ସଂପର୍କରେ ପୌର ଉନ୍ନୟନ ଓ ଗ୍ରାମ ଇଂଜିନିୟରିଂ ସଂସ୍ଥା ବିଭାଗ ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକ, ଗ୍ରାମ୍ୟ ଇଞ୍ଜିନିୟରିଂ ବିଭାଗର ଚିଫ୍ ଇଞ୍ଜିନିୟର, ଦକ୍ଷିଣ ଡିଭିଜନାଲ କମିଶନର, ଗଞ୍ଜାମ ଜିଲ୍ଲା କଲେକ୍ଟର, ବୃକ୍ଷରୋପଣ ବିଭାଗୀୟ ଡିଭିଜନାଲ ଫରେଷ୍ଟ ଅଫିସର, ଜିଲ୍ଲା ଜଳସେଚନ ବିଭାଗ ଇଂଜିନିୟରମାନଙ୍କ ସଙ୍ଗେ ଆଲୋଚନା କରିଥିଲେ ।

ପ୍ରଥମେ ବୃକ୍ଷରୋପଣର ଆବଶ୍ୟକତା ବୁଝାଇ ମୁଖ୍ୟ ମନ୍ତ୍ରୀ ଉତ୍ତର ପ୍ରଦେଶରେ ତାଙ୍କର ପ୍ରତ୍ୟକ୍ଷ ଜ୍ଞାନରୁ ଦର୍ଶାଇଥିଲେ ଯେ ସେଠାରେ ମଥୁରା ଜିଲ୍ଲାରେ ବିଗତ ଆକାରରେ ବୃକ୍ଷରୋପଣ କରାଯିବା ଫଳରେ ବର୍ଷାର ପରିମାଣ ବାର୍ଷିକ ୩୨ ଇଂଚରୁ ୩୬ ଇଂଚକୁ ବୃଦ୍ଧି ପାଇଥିଲା । ଓଡ଼ିଶାରେ ସେହିଭଳି ଜଙ୍ଗଲ ବୃଦ୍ଧି ଓ ବୃକ୍ଷରୋପଣ କରାଯାଇ ପାରିଲେ ବର୍ଷାର ପରିମାଣ ମଧ୍ୟ ବୃଦ୍ଧି ପାଇବ ଏବଂ ଫଳରେ ଖାଦ୍ୟ-ଶସ୍ୟ, ପନିପରିବା ଓ ଫଳମୂଳ ଉତ୍ପାଦନ ମଧ୍ୟ ବୃଦ୍ଧି ପାଇବ । ତେଣୁ ଏଥିପାଇଁ ଏକ ବ୍ୟାପକ ବୃକ୍ଷ-ରୋପଣ ଯୋଜନା କାର୍ଯ୍ୟକାରୀ କରିବାକୁ ହେବ । ଏ ସଂପର୍କରେ ଶାଳ ଓ ବାବୁଲ ମଂଜି ତଥା ଆମ୍ବ ଓ ପଣସ ଭଳି ଫଳଗଛ ମଂଜି ବହୁ ପରିମାଣରେ ସଂଗ୍ରହ କରାଯାଇ ଲଗାଇବାକୁ ସେ ପରାମର୍ଶ ଦେଇଥିଲେ ।

ଏ ସଂପର୍କରେ ଆଲୋଚନା ପରେ ସ୍ଥିର ହେଲା ଯେ ଶାଳ ଓ ବାବୁଲ ମଂଜି ଯେତେ ଅଧିକ ପରିମାଣରେ ସମ୍ଭବ ତାହା ସଂଗ୍ରହ କରି ଜିଲ୍ଲା ଜଙ୍ଗଲ ବିଭାଗର

ବୃକ୍ଷ ରୋପଣ ବିଭାଗୀୟ ଅଫିସର ଜିଲ୍ଲା କଲେକ୍ଟରଙ୍କୁ ଦେବେ ଏବଂ କଲେକ୍ଟର ସଂପୃକ୍ତ ସମିତିର ଚେୟାରମ୍ୟାନମାନଙ୍କ ଜରିଆରେ ଗ୍ରାମପଂଚାୟତମାନଙ୍କୁ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ ପାଇଁ ସେଗୁଡିକୁ ବାଣ୍ଟି ଦେବେ । ଗ୍ରାମପଂଚାୟତମାନେ ଏହି ଗଛଗୁଡିକ ଲଗାଇବା ଓ ତାହା ବଢ଼ାଇବା ଦାୟିତ୍ୱରେ ରହିବେ । ଗ୍ରାମପଂଚାୟତମାନେ ନିଜ ପାଣ୍ଠିରୁ ଏଥିପାଇଁ ଖର୍ଚ୍ଚ କରିବେ ଏବଂ ଯେଉଁ ପଂଚାୟତ ଏହି ଖର୍ଚ୍ଚ ବହନ କରିବାକୁ ଅକ୍ଷମ ହେବେ ସେମାନେ କଲେକ୍ଟରଙ୍କୁ ଜଣାଇଲେ ସେ ସଂପୃକ୍ତ ବିଭାଗକୁ ଏଥିପାଇଁ ସାହାଯ୍ୟ ଦେବା ସକାଶେ ସୁପାରିଶ କରିବେ ଏବଂ କଲେକ୍ଟରଙ୍କ ସୁପାରିଶକ୍ରମେ ସେମାନଙ୍କୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବ ।

## ଜଳାଶୟଗୁଡିକର ଉପଯୋଗ

ଏହାଂଶରେ ମୁଖ୍ୟମନ୍ତ୍ରୀ ଗଂଜାମ ଜିଲ୍ଲାରେ ଥିବା ସମସ୍ତ ଜଳାଶୟଗୁଡିକୁ ଜଳସେଚନ ଉଦ୍ଦେଶ୍ୟରେ ଉପଯୋଗ କରିବାକୁ ହେବ ବୋଲି ସୂଚନା ଦେଇ କହିଥିଲେ ଯେ ଏହି ଜଳାଶୟଗୁଡିକୁ ନିକଟବର୍ତ୍ତୀ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ଯୋଜନା ତଥା ନଦୀ ଓ ନାଳ ସହିତ ସଂଯୋଗ କରିଦିଆଯିବ ଏବଂ ପାଣି ଭର୍ତ୍ତି କରି ରଖିଦିଆଯିବ ଓ ଦରକାର ବେଳେ ଏଥିରୁ ଆଖପାଖ ଅଞ୍ଚଳକୁ ଜଳସେଚନ ପାଇଁ ପାଣି ଯୋଗାଇ ଦିଆଯିବ । ଗଂଜାମ ଜିଲ୍ଲାରେ ୪ ହଜାର ପର୍ଯ୍ୟନ୍ତ ଜଳାଶୟ ରହିଛି । କ୍ଷୁଦ୍ର କୃଷି ଯୋଜନା ଓ ଗୁରୁତ୍ୱ ଫଳପ୍ରଦ ହେବାଭଳି ଯୋଜନା ଭିତରେ କେତେଗୁଡିଏ ଜଳାଶୟ ଅନ୍ତର୍ଭୁକ୍ତ ହେବ ଏବଂ ସେହି ଯୋଜନାରୁ ଏହି ଜଳାଶୟଗୁଡିକର ପଙ୍କୋଦ୍ଧାର ପାଇଁ ଅର୍ଥ ମିଳି ପାରିବ । କେବଳ ସଂଯୋଗ ନାଳ ପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଅର୍ଥ ବ୍ୟବସ୍ଥା କରିବାକୁ ହେବ । ଏହିସବୁ ଜଳାଶୟଗୁଡ଼ିକୁ ସଂଯୋଗ କରିବା ପାଇଁ ଯେଉଁସବୁ ନାଳ ନିର୍ମାଣ କରାଯିବ ସେ ବାବଦରେ କେତେ ଖର୍ଚ୍ଚ ଆବଶ୍ୟକ ହେବ ସେଥିପାଇଁ ସର୍ଭେ କରି ଖର୍ଚ୍ଚ ହିସାବ ମଇ ମାସ ଶେଷ ଭାଗ ବେଳକୁ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ଆଲୋଚନା ପରେ ସ୍ଥିର ହୋଇଥିଲା ଯେ ଜଳସେଚନ ଓ ଗ୍ରାମ୍ୟ ଇଂଜିନିୟରିଂ ସଂସ୍ଥା ଉଭୟେ ନିଜ ନିଜ ଅଞ୍ଚଳରେ ରହିଥିବା ଜଳାଶୟଗୁଡ଼ିକ ସମ୍ବନ୍ଧରେ ସର୍ଭେ କରିବେ । ଜିଲ୍ଲା କଲେକ୍ଟର ଏମାନଙ୍କ ଭିତରେ ସମନ୍ୱୟ ସ୍ଥାପନ କରିବେ ।

ଏହାଛଡ଼ା ବ୍ୟକ୍ତିବିଶେଷଙ୍କ ମାଲିକାନାରେ ଥିବା ଜଳାଶୟଗୁଡିକ ମଧ୍ୟ ସର୍ଭେ କରି ଏଗୁଡିକ କିପରି ଜଳସେଚନ ଉଦ୍ଦେଶ୍ୟରେ ଉପଯୋଗ କରାଯାଇ ପାରିବ ସେ ସଂପର୍କରେ ରିପୋର୍ଟ ପ୍ରସ୍ତୁତ କରିବା ନିମନ୍ତେ କଲେକ୍ଟରଙ୍କୁ ଦାୟିତ୍ୱ ଦିଆଯାଇଥିଲା ।

ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ବୃକ୍ଷରୋପଣ ଓ ଜଳାଶୟଗୁଡ଼ିକୁ ଜଳସେଚନ କାର୍ଯ୍ୟରେ ଉପଯୋଗ କରିବା କାର୍ଯ୍ୟକ୍ରମ ସମଗ୍ର ରାଜ୍ୟରେ କାର୍ଯ୍ୟକାରୀ କରାଯିବ । ଗଂଜାମ ଜିଲ୍ଲା ଏ ଦିଗରେ ନେତୃତ୍ୱ ନେବ ବୋଲି ସେ ପରାମର୍ଶ ଦେଇଥିଲେ ।

# ଭୂସଂସ୍କାର ଆଇନ ଶୀଘ୍ର କାର୍ଯ୍ୟକାରୀ ହେବ

ଗତ ଏପ୍ରିଲ ୧୫ ତାରିଖ ସଂଧ୍ୟାବେଳେ ବ୍ରହ୍ମପୁର କେନ୍ଦ୍ର ସମବାୟ ବ୍ୟାଙ୍କର ଡାଇରେକ୍ଟରମାନଙ୍କର ଏକ ସମ୍ବର୍ଦ୍ଧନା ସଭାରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଶ୍ୱନାଥ ଦାସ କହିଥିଲେ ଯେ ରାଜ୍ୟ ସରକାର ଯେତେ ଶୀଘ୍ର ସମ୍ଭବ ଭୂସଂସ୍କାର ଆଇନକୁ ପ୍ରକୃତରେ କାର୍ଯ୍ୟକାରୀ କରିବାକୁ ଚାହାନ୍ତି । ଏ ସମ୍ପର୍କରେ ଯେଉଁ ୭ ଗୋଟି ମକଦ୍ଦମା ସୁପ୍ରିମ କୋର୍ଟରେ ଏପର୍ଯ୍ୟନ୍ତ ବିଚାରାଧୀନ ରହିଛି ତାହା ଏଥିରେ ବାଧା ଦେବ ନାହିଁ ବୋଲି ତାଙ୍କର ବ୍ୟକ୍ତିଗତ ମତ । ମାତ୍ର କେତେକ ମତ ପ୍ରକାଶ କରୁଛନ୍ତି ଯେ ଏହି ଆଇନ୍‌ର ପରିବାର ସୀମା ସମ୍ପର୍କୀୟ ପରିଚ୍ଛେଦକୁ କାର୍ଯ୍ୟକାରୀ କଲେ ତଦ୍ୱାରା ଅଦାଲତ ଅବମାନନା କରାଗଲା ବୋଲି ଧରାଯାଇପାରେ । ତେଣୁ ଏ ସଂପର୍କରେ ଆଡଭୋକେଟ୍ ଜେନେରାଲଙ୍କ ମତ ନିଆଯାଉଛି । ଶୀଘ୍ର ସଂପୃକ୍ତ କର୍ମଚାରୀମାନଙ୍କ ସଙ୍ଗେ ଆଲୋଚନା କରାଯାଇ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ । ପରିବାର ସୀମା ସଂପର୍କୀୟ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଫଳରେ କେତେ ଜମି ସରକାରଂକୁ ମିଳିବ ତାହା ନିର୍ଦ୍ଦିଷ୍ଟ ଭାବରେ ଜଣା ପଡୁନାହିଁ । ଏକ ହିସାବ ଅନୁସାରେ ଦେଢ଼ଲକ୍ଷ ଏକର ଜମି ମିଳିବ ଏବଂ ଆଉ କେତେକ ହିସାବମତେ ୬୦ରୁ ୭୦ ହଜାର ଏକର ପର୍ଯ୍ୟନ୍ତ ଜମି ମିଳିବ । ଯାହାହେଉ ଏହା ଫଳରେ ଯେତେ ଜମି ମିଳିବ ତାହା କିପରି ବଣ୍ଟନ କରାଯିବ ସେଥିପାଇଁ ଜନସାଧାରଣଙ୍କ ସମର୍ଥନ ଦରକାର । ଏହି ବଳକା ଜମିକୁ ଭୂମିହୀନ ଲୋକଙ୍କ ଭିତରେ ବାଣ୍ଟି ଦିଆଯିବ କି ଅଳ୍ପ ଜମି ଥିବା ଲୋକଙ୍କ ଭିତରେ ବାଣ୍ଟି ଦିଆଯିବ ତାହା ବହୁମତ ଅନୁସାରେ ନିଷ୍ପତ୍ତି କରାଯିବ ।

ସମବାୟ ସଂସ୍ଥାର ଗୁରୁତ୍ୱ ବୁଝାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମବାୟ ସଂସ୍ଥା ଜରିଆରେ ଅଧିକ ଫଳ ପାଇବାକୁ ହେଲେ ସରକାର, ସମବାୟ ସଂସ୍ଥା ତଥା କୃଷକଙ୍କ ଭିତରେ ଘନିଷ୍ଠ ସମ୍ପର୍କ ଥିବା ଏକାନ୍ତ ଆବଶ୍ୟକ । ଏସମ୍ପର୍କରେ ଅନେକକାର କୃଷକମାନେ ସେବା ସମବାୟ ସଂସ୍ଥା ଜରିଆରେ କିଂବା ନିଜର ସମସ୍ତ ଆବଶ୍ୟକତା ମେଣ୍ଟାଇ କୃଷି ଉତ୍ପାଦନ ବୃଦ୍ଧିରେ ସାହାଯ୍ୟ କରୁଛନ୍ତି ତାହା ଉଲ୍ଲେଖ କରି ଆମ ରାଜ୍ୟରେ ସମବାୟ ସଂସ୍ଥାଗୁଡିକୁ ଶକ୍ତିଶାଳୀ କରି ଏବଂ ସରକାର ଓ କୃଷକଙ୍କ ଭିତରେ ଘନିଷ୍ଠ ସମ୍ପର୍କ ରଖି କୃଷି ଉତ୍ପାଦନ ବୃଦ୍ଧି ଦିଗରେ ଏହାକୁ ଉପଯୋଗ କରିବାକୁ ହେବ । ସେ କହିଥିଲେ ଯେ ଉତ୍ପାଦନକାରୀ ଜନତା ହିଁ ଦେଶର ପ୍ରକୃତ ଶକ୍ତି । ସେମାନେ ସମ୍ମାନକୁ ବଞ୍ଚାଇ ରଖିଥିଲେ ମଧ୍ୟ ଆଜି ସେମାନେ ଶୋଚନୀୟ ଅବସ୍ଥାରେ ହିଁ ରହିଛନ୍ତି । ଦେଶର ଉନ୍ନତି କରିବାକୁ ହେଲେ ସେମାନଙ୍କ ଅବସ୍ଥାର ଉନ୍ନତି ଘଟାଇବାକୁ ହେବ । ଏମାନଙ୍କ ଅବସ୍ଥାର ଉନ୍ନତି ନହେଲେ ଦେଶର ଅଗ୍ରଗତି ସମ୍ଭବ ହେବନାହିଁ ।

କୃଷିମନ୍ତ୍ରୀ ଶ୍ରୀ ଅନନ୍ତ ନାରାୟଣ ସିଂହଦେଓ ଓ ସେଚ ଉନ୍ନୟନ ବିଭାଗ ମନ୍ତ୍ରୀ ଶ୍ରୀ ବୃନ୍ଦାବନ ନାୟକ ମଧ୍ୟ ସମବାୟ ସଂସ୍ଥାଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ଭାଷଣ ଦେଇଥିଲେ ।

# ......ସମ୍ବାଦପତ୍ର ସମ୍ପାଦକୀୟରୁ

ଦକ୍ଷିଣପୂର୍ବ ରେଳବାଇରେ ଆୟ ବଢ଼ୁଥିଲେ ସୁଦ୍ଧା ନୂଆ ଓସାରିଆ ବ୍ରଡ୍‌ଗେଜ ରେଲଲାଇନ ବସାଇବାରେ ଓଡ଼ିଶାର ଏ ଅଞ୍ଚଳକୁ ଉପେକ୍ଷିତ କରାଯାଉଛି । ସମ୍ବଲପୁର-ଟିଟିଲାଗଡ଼କୁ ଯେଉଁ ନୂଆ ରେଲଲାଇନ ହୋଇଛି, ତାହା ବିଶାଖାପାଟଣା ବନ୍ଦରକୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କରାଯାଇଛି । × × × ରେଳବାଇ କାର୍ଯ୍ୟ ଦୃଷ୍ଟିରୁ ଓଡ଼ିଶାରେ ଯେଉଁ ବୈଷମ୍ୟ ଦେଖାଯାଉଛି ଏବଂ ଓଡ଼ିଶାର ଯେ ଉନ୍ନତି ହୋଇପାରୁ ନାହିଁ, ଏହା ସମାଜବାଦୀ କାର୍ଯ୍ୟକ୍ରମ ସହିତ କପରି ଖାପ ଖାଉଛି ?

—ସମାଜ

*　　*　　*

ଇତିହାସ ଆଲୋଚନା କଲେ ଆମେ ଦେଖୁ ଯେ କୃଷି ଉତ୍ପାଦନ ବୃଦ୍ଧି ପାଇଥିଲେ ହେଁ, କ୍ରମ ବର୍ଦ୍ଧମାନ ଜନସଂଖ୍ୟାର ହାର କୃଷି ଉତ୍ପାଦନ ବୃଦ୍ଧିର ହାରକୁ ଏକ ପ୍ରକାର ଅକାମି କରି ଦେଇଛି ଏବଂ ପେଟ ଓ ପାଟିର ଦାବୀ ପୂରଣପାଇଁ ଆମକୁ ବିଦେଶରୁ କୋଟି କୋଟି ଟଙ୍କାର ଖାଦ୍ୟଶସ୍ୟ ଆମଦାନୀ କରିବାକୁ ପଡୁଛି । × × × ଶିଳ୍ପ ବିସ୍ତାର ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲେ ସୁଦ୍ଧା, ସେ କ୍ଷେତ୍ରରେ ବି ଆମେ ଯଥେଷ୍ଟ ସଫଳତା ଲାଭ କରିପାରି ନାହୁଁ । ଫଳରେ ଦେଶରେ କର୍ମକ୍ଷମ ଯୁବକଙ୍କ ବେକାରି ମଧ୍ୟ ବଢ଼ିଛି ।

—ସମାଜ

*　　*　　*

ଆଜିର ଜନସଂଖ୍ୟାକୁ ଓ ଆସନ୍ତା କାଲିର ବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଗୁଣାତ୍ମକ ଦୃଷ୍ଟିରୁ ଶିକ୍ଷାଦୀକ୍ଷା ଓ ପ୍ରୟୋଗ ବିଜ୍ଞାନରେ ଧୁରନ୍ଧର କରି ନ ଗଲେ ଆମର ଆଜିର ଓ କାଲିର ଅର୍ଥନୀତି ଯେ ଦୁର୍ବଳ ପଡ଼ିବ, ତାହା ସହଜେ ଅନୁମାନ କରାଯାଇପାରେ । ସେଥିପାଇଁ ପରିମାଣ ଓ ଗୁଣ ଉଭୟ ଦିଗରୁ ବର୍ଦ୍ଧିଷ୍ଣୁ ଜନସଂଖ୍ୟାର ସୁଚିନ୍ତିତ ନିୟନ୍ତ୍ରଣ ଆବଶ୍ୟକ ।

—ସମାଜ

*　　*　　*

ପୂର୍ବତନ ଗଡ଼ଜାତଗୁଡ଼ିକର ମିଶ୍ରଣଦ୍ୱାରା ଓଡ଼ିଶାର ଆୟତନ ବୃଦ୍ଧି ପାଇଛି । ଶିକ୍ଷା କ୍ଷେତ୍ରରେ ଏହାର ଅଗ୍ରଗତି ସର୍ବଭାରତୀୟ ସ୍ତର ତୁଳନାରେ ନିତାନ୍ତ ମନ୍ଦ ନୁହେଁ । ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହାର ଉଜ୍ଜ୍ୱଳ ଭବିଷ୍ୟତ ରହିଛି ; କିନ୍ତୁ ଦୀର୍ଘକାଳ ପଡ଼ୋଶୀ ପ୍ରଦେଶର ସୀମାନ୍ତ ଅଞ୍ଚଳ ହୋଇ ଓଡ଼ିଆଭାଷୀ ଅଞ୍ଚଳ ପଡ଼ି ରହିଥିବା ଫଳରେ ଅନ୍ୟମାନଙ୍କ ତୁଳନାରେ ଓଡ଼ିଆମାନେ ଯେତିକି ପଛରେ ପଡ଼ିରହିଥିଲେ ତାକୁ ଅତିକ୍ରମ କରିପାରି ନାହାନ୍ତି ।

—ପ୍ରଜାତନ୍ତ୍ର

*　　　*　　　*

ଯୋଜନାର ମୂଳ ଲକ୍ଷ୍ୟ ହେଲା ଆବଶ୍ୟକତା ପୂରଣପାଇଁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଉତ୍ପାଦନ ବୃଦ୍ଧି ନିମନ୍ତେ ସମ୍ବଳ ସଂଗ୍ରହ ଓ ବିନିଯୋଗ କରିବା । ତେଣୁ ଏଥିପ୍ରତି ସବୁ ସ୍ତରରେ ସତର୍କତାର ସହିତ ଅଗ୍ରସର ହେବା ଆବଶ୍ୟକ । × × × କୌଣସି ସ୍ତରରେ ଯଦି ତାହା ଯଥାଯଥ ଭାବରେ କାର୍ଯ୍ୟରେ ପରିଣତ ନ ହୁଏ, ତେବେ ବାଞ୍ଛିତ ଫଳପ୍ରାପ୍ତି ଅସମ୍ଭବ ।

—ପ୍ରଜାତନ୍ତ୍ର

*　　　*　　　*

ଭାରତରେ ଏ ପର୍ଯ୍ୟନ୍ତ ସରକାରୀ ଓ ବେସରକାରୀ ଉଭୟ ସୂତ୍ରରେ ଯେଉଁ ଅର୍ଥନୈତିକ ଉନ୍ନୟନ ହୋଇଛି, ତାହାଦ୍ୱାରା ମୋଟ ଜନସଂଖ୍ୟାର ଶତକଡ଼ା ୩୦ ଭାଗ ନିପଟ ଦରିଦ୍ର ରହିଥିଲାବେଳେ ଶତକଡ଼ା ୧୦ ଭାଗ ଯାଏ ମାତ୍ର ଭୋଗବିଳାସରେ ଚଳିବାଭଳି ଧନୀ ଅଛନ୍ତି । ତେଣୁ ଆମର ଉନ୍ନୟନ ଯୋଜନା ଏହି ନିପଟ ଦରିଦ୍ର ଲୋକଙ୍କର ଅବସ୍ଥାର ଉନ୍ନୟନ କିପରି ଘଟିବ, ସେହି ଲକ୍ଷ୍ୟରେହିଁ ହେବା ଉଚିତ ।

—ପ୍ରଜାତନ୍ତ୍ର

*　　　*　　　*

ଜାତୀୟ ଅର୍ଥନୀତିର ବିକାଶ କ୍ଷେତ୍ରରେ କୃଷି ଓ ଶିଳ୍ପର ଅନସ୍ୱୀକାର୍ଯ୍ୟ ଭୂମିକା ରହିଛି ଓ ଏ ଦିଗରେ ସତର୍କତାର ସହ କାର୍ଯ୍ୟ କରି ନ ଗଲେ, ଜାତୀୟ ସ୍ତରରେ ଆର୍ଥିକ ସ୍ଥିତି ଦୃଢ଼ ହୋଇପାରିବ ନାହିଁ । ଆଜି ଦେଶର ସର୍ବତ୍ର ସବୁଜ ବିପ୍ଳବପାଇଁ ଆହ୍ୱାନ ଦିଆଯାଉଥିବାବେଳେ କେବଳ କଥାରେ କଥାରେ ଏହି ଆହ୍ୱାନକୁ ସୀମାବଦ୍ଧ କରିଦେବା ସଙ୍ଗତ ଓ ସମୀଚୀନ ନୁହେଁ ।

—ମାତୃଭୂମି

*　　　*　　　*

ଦରକାରୀ ହାତଗୁଡ଼ିକୁ ଅକାମି ନ କରି ଯେ କୌଣସି ମତେ କାମରେ ଲଗାଇବା ଉଚିତ । ଏ କଥା ନିଶ୍ଚିତ ଯେ, ଓଡ଼ିଶା ଏକ ଅନଗ୍ରସର ରାଜ୍ୟ ଏବଂ ଏହାର ସର୍ବବିଧ ଉନ୍ନତି ଆମ ସମସ୍ତଙ୍କର କାମ୍ୟ । ସେଥିପାଇଁ ବିଧିବଦ୍ଧ ଯୋଜନା ଦରକାର ।

—ମାତୃଭୂମି

*　　　*　　　*

ଅଞ୍ଚଳଗତ ବୈଷମ୍ୟର ଦୂରୀକରଣପାଇଁ ବିଦ୍ୟୁତ୍‌ଶକ୍ତି ଓ ଜଳସେଚନ ଅଳ୍ପଦାମୀ ସ୍ତରରେ ଉପଲବ୍ଧ କରାଯାଇଥାଏ। ସେହି ଦୃଷ୍ଟିରୁ ବିଚାର କଲେ ଦେଖାଯିବ ଯେ, ଓଡ଼ିଶାରେ ଜଳସେଚନ ଓ ବିଦ୍ୟୁତ୍‌ଶକ୍ତିର ସୁବିଧା ଭାରତରେ ସର୍ବନିମ୍ନ। ଇନ୍ଦ୍ରାବତୀ ଓ ଆନନ୍ଦପୁର ଯୋଜନା ଏ ଦୁଇଟିର ଅଭାବ ପୂର୍ଣ୍ଣ କରିବା ଦିଗରେ ବହୁପରିମାଣରେ ସହାୟକ ହୋଇପାରନ୍ତା।

—କଳିଙ୍ଗ

*　　*　　*

ଓଡ଼ିଶାର ପ୍ରାୟ ଦୁଇକୋଟି ନରନାରୀଙ୍କ ମଧ୍ୟରୁ ଶତକଡ଼ା ୭୫ ଭାଗ ଏବେ ମଧ୍ୟ ଅତି ଦୟନୀୟ ଅବସ୍ଥାରେ ଅନୁନ୍ନତ ଜୀବନଧାରଣ ମଧ୍ୟରେ କାଳାତିପାତ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଅର୍ଦ୍ଧାଧିକ ବଣ ଜଙ୍ଗଲର ଦୂରଦୂରାନ୍ତ ଅଞ୍ଚଳରେ ରହି ପ୍ରାୟ ଭାଗ୍ୟକୁ ଆଦରି ରହିଛନ୍ତି। × × × ଏହା ଯେପରି ଲୋପ ପାଇବ ଏବଂ ଅନୁନ୍ନତ ସଂପ୍ରଦାୟ ଯେପରି ଏକ ଉନ୍ନତ ବିକଶିତ ସମାଜର ଅଧିବାସୀ ହେବାକୁ ସୁଯୋଗ ଲାଭ କରିବେ, ସେହି ଲକ୍ଷ୍ୟରେ ଦ୍ରୁତ କାର୍ଯ୍ୟ କରାଯିବା ଆବଶ୍ୟକ।

—କଳିଙ୍ଗ

*　　*　　*

ହୀରାକୁଦ ବନ୍ଧ, ରାଉରକେଲା କାରଖାନା, ଯୋଜନାନୁଯାୟୀ ନିର୍ମିତ ରାଜଧାନୀ, ପାରାଦୀପ ବନ୍ଦର ପ୍ରଭୃତି ସେତିକି କେତେକ ଆଖି ଦୃଶିଆ କାର୍ଯ୍ୟ ହୋଇଛି, ସେହିପରି ଓଡ଼ିଶାର ପୁରପଲ୍ଲୀକୁ ରାସ୍ତା ଏବଂ ଜଙ୍ଗଲ ଭିତରଦେଇ ସୁଦୂର ଅଞ୍ଚଳକୁ ବସ୍ ଛୁଟି ଚାଲିଛି। ଯେଉଁ ପୁରୁଖା ଲୋକେ ଜୀବିତ ରହିଛନ୍ତି, ସେମାନେ ସେହି ପୂର୍ବତନ ଏବଂ ବର୍ତ୍ତମାନ ଓଡ଼ିଶା ସମ୍ପର୍କରେ ତୁଳନା କରି ବସିଲେ, ଦେଶର ଏହି ଅଞ୍ଚଳରେ ବହୁ କ୍ଷେତ୍ରରେ ଯେ ମୌଳିକ ପରିବର୍ତ୍ତନ ଘଟିଛି, ତାହା ସ୍ୱୀକାର କରିବେ।

—ସ୍ୱରାଜ୍ୟ

*　　*　　*

ଭାରତର ଅନ୍ୟାନ୍ୟ ଅଞ୍ଚଳପରି ଓଡ଼ିଶାର ଗାଁଗଣ୍ଡାରେ ମଧ୍ୟ କେତେକ କୃଷକ ରହିଛନ୍ତି, ଯେଉଁମାନେ ନିଜର କଳ୍ପନା ଶକ୍ତି ବଳରେ ନୂତନ ପରିସ୍ଥିତିରେ ନୂତନ ପ୍ରକାର ପ୍ରୟୋଗ କରି କେବଳ ଯେ ଫସଲ ଅଧିକ କରିବାକୁ ଉଦ୍ୟମ କରୁଛନ୍ତି ତାହାନୁହେଁ, ନୂତନ ପରିସ୍ଥିତିକୁ ବୁଝି କୃଷି ଉପକରଣରେ ମଧ୍ୟ ସେମାନେ ପରିବର୍ତ୍ତନ କରିଥାନ୍ତି। ବିଶ୍ୱବିଦ୍ୟାଳୟର ଗବେଷଣାଗାରଗୁଡ଼ିକ ସେମାନଙ୍କୁ ଏ ଦିଗରେ ପ୍ରୋତ୍ସାହନ ତଥା ମାର୍ଗଦର୍ଶନ ଦେବା ଆବଶ୍ୟକ।

—ସ୍ୱରାଜ୍ୟ



ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚତୁର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଦୀକ୍ଷାନ୍ତ ଭାଷଣ ଦେଉଛନ୍ତି ।

## ଚଳେ ସମ୍ବାଦ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଚତୁର୍ଥ ସମାବର୍ତ୍ତନ ଉତ୍ସବରେ କୁଳପତି ଶ୍ରୀ ଆର. ପି. ପାଢ଼ୀ, ଜଣେ କୃତୀ ଛାତ୍ରଙ୍କୁ ପଦକ ପ୍ରଦାନ କରୁଛନ୍ତି ।





ଉତ୍କଳ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ଦେବାପାଇଁ ଚାନସେଲର ଶ୍ରୀ ଆନ୍ସାରୀ ସମ୍ମୁଖଙ୍କ ଗହଣରେ ମୁଖ୍ୟ ଅତିଥି ଡକ୍ଟର ଆତ୍ମାରାମ୍ ଦୀକ୍ଷାନ୍ତ ଭାଷଣ ଦେବା ପାଇଁ ଯାଉଛନ୍ତି ।

## ଚିତ୍ରେ ସମ୍ବାଦ

ଉତ୍କଳ ବିଶ୍ୱବିଦ୍ୟାଳୟର ଉପାଧ୍ୟାୟର ରାଜନୀତି ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବରେ ପୌରୋହିତ୍ୟ ଶିକ୍ଷାମନ୍ତ୍ରୀ ଶ୍ରୀ ଶରତ କୁମାର କର ଭାଷଣ ଦେଉଛନ୍ତି ।






ଗତ ଅପ୍ରେଲ ତା ୫ ରିଖ ଦିନ ଭୁବନେଶ୍ୱରଠାରେ ରାଜ୍ୟ ଲଟେରୀ ଗଠାଣର ଏକ ଦୃଶ୍ୟ

## ଟପେନ୍ସ ସମ୍ବାଦ

ଅପ୍ରେଲ ତା ୭ ରିଖ ଦିନ, ଭୁବନେଶ୍ୱରର ଶ୍ରୀ ଅରବିନ୍ଦ ସଂସ୍କୃତି ସଂସଦ ଦ୍ୱାରା ଆୟୋଜିତ ଏକ ସଭାରେ ଶ୍ରୀ ଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷା କେନ୍ଦ୍ରର ରେଜିଷ୍ଟ୍ରାର ଶ୍ରୀ କିରୀଟ ଯୋଶୀ ଭାଷଣ ଦେଉଛନ୍ତି ।





ଫୁଲବାଣୀଠାରେ ରେଡକ୍ରସ ରକ୍ତଭଣ୍ଡାରର ନୂତନ ଗୃହ ଦକ୍ଷିଣାଞ୍ଚଳ ରେଭିନ୍ୟୁ କମିଶନର ଶ୍ରୀ ଏନ୍. କେ. ଘୋଷ ମାର୍ଚ୍ଚ ତା ୫ ରିଖ ଦିନ ଉଦ୍‌ଘାଟନ କରୁଛନ୍ତି ।

## ଫଟୋ ସମ୍ବାଦ

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଚତୁର୍ଥ ବାର୍ଷିକ ସମାବର୍ତ୍ତନ ଉତ୍ସବରେ କୁଳପତି ଶ୍ରୀ ଅନିରୁଦ୍ଧ ଦାଶ ଏକ ପଦକ ପ୍ରଦାନ କରୁଛନ୍ତି ।



# ଓଡ଼ିଶାର ବିଶିଷ୍ଟ ଘଟଣାବଳୀ

## ଅପ୍ରେଲ ୧୯୭୧

୧-୪-୧୯୭୧—ସ୍ୱତନ୍ତ୍ର-ଉତ୍କଳ ଦିବସ ଓ ୩୬ତମ ଓଡ଼ିଶା ପୋଲିସ ପ୍ରତିଷ୍ଠା ଦିବସ ପାଳିତ ହେଲା ।

୨-୪-୧୯୭୧—ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୪ର୍ଥ ସମାବର୍ତ୍ତନ ଉତ୍ସବରେ ଶ୍ରୀ ନିତ୍ୟାନନ୍ଦ କାନୁନଗୋ ଦୀକ୍ଷାନ୍ତ ଭାଷଣ ଦେଇଥିଲେ ।

୩-୪-୧୯୭୧—ଓଡ଼ିଶାରେ ରାଷ୍ଟ୍ରପତି ଶାସନର ଅବସାନ ହେଲା । ଶ୍ରୀ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଓଡ଼ିଶାରେ ଏକ ୧୪ ଜଣିଆ ମିଳିତ-ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳ ଶପଥ ଗ୍ରହଣ କଲେ ।

୪-୪-୧୯୭୧—ମିଳିତ-ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳର ପ୍ରଥମ ବୈଠକରେ ସରଜୁ ପ୍ରସାଦ କମିଶନ ସଂକ୍ରାନ୍ତୀୟ କାର୍ଯ୍ୟାବଳୀ ଉପନ୍ୟସ୍ତ କରିବା ଉଦ୍ଦେଶ୍ୟରେ ଏକ କମିଟି ନିଯୁକ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କ୍ଷମତା ଦିଆଗଲା ।

ବଙ୍ଗଳା ଦେଶର ଦୁର୍ଗତ ଜନସାଧାରଣଙ୍କ ସାହାଯ୍ୟ ନିମନ୍ତେ ଓଡ଼ିଶା ମନ୍ତ୍ରିମଣ୍ଡଳ ୫୦ ହଜାର ଟଙ୍କା ମଞ୍ଜୁର କଲେ ।

ମିଳିତ ସାମ୍ମୁଖ୍ୟର ୧୭ ଦଫା ସମ୍ବଳିତ କାର୍ଯ୍ୟକ୍ରମ ସରକାରୀ ଭାବରେ ମନ୍ତ୍ରିମଣ୍ଡଳ ବୈଠକରେ ଅନୁମୋଦିତ ହେଲା ।

୫-୪-୧୯୭୧—ପାରାଦୀପ ବନ୍ଦରର ବାର୍ଷିକ ୨୦ ଲକ୍ଷ ଟନ ଲୁହାପଥର ରପ୍ତାନି ଲକ୍ଷ୍ୟ ଗତ ୧୯୭୦-୭୧ ଆର୍ଥିକ ବର୍ଷରେ ପୂରଣ ହୋଇଛି ବୋଲି ବନ୍ଦର ପରିଚାଳନା ସଂସ୍ଥା ଅଧ୍ୟକ୍ଷଙ୍କ ଘୋଷଣା ।

ଓଡ଼ିଶା ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ଘୋଷଣା କରାଗଲା ।

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଅଷ୍ଟମ ସମାବର୍ତ୍ତନ ଉତ୍ସବରେ ଶିଳ୍ପ ଓ ବିଜ୍ଞାନ ଗବେଷଣା ପରିଷଦର ଡାଇରେକ୍ଟର ଜେନେରାଲ ଶ୍ରୀ ଆତ୍ମାରାମଙ୍କ ଦୀକ୍ଷାନ୍ତ ଭାଷଣ ।

୭-୪-୧୯୭୧—ବାଲେଶ୍ୱର ଜିଲାର ବୁଦପୁରଠାରେ ଏକ ରଶ୍ମିଲବ୍ଧ ଚାଳନ କେନ୍ଦ୍ର ଓ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ନିମନ୍ତେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ପ୍ରସ୍ତାବ ଦେଲେ ।

ତାଳଚେରରେ ସାର କାରଖାନା ନିର୍ମାଣ ସଂପର୍କରେ ଭାରତୀୟ ସାର କର୍ପୋରେସନର ମ୍ୟାନେଜିଙ୍ଗ୍ ଡାଇରେକ୍ଟରଙ୍କର ମୁଖ୍ୟମନ୍ତ୍ରୀ ଓ ଶିଳ୍ପ ମନ୍ତ୍ରୀଙ୍କ ସହ ଭୁବନେଶ୍ୱରଠାରେ ଆଲୋଚନା ।

୯-୪-୧୯୭୧—ଓଡ଼ିଶା ବିଧାନ ସଭାର ନବ ନିର୍ବାଚିତ ସଭ୍ୟମାନଙ୍କର ଶପଥ ଗ୍ରହଣ ।

୧୧-୪-୧୯୭୧—ଓଡ଼ିଶାରେ ଅଧୁନିକ ଇଞ୍ଜିନିୟରିଂର ଶତବାର୍ଷିକୀ ପାଳନ । ବିଶିଷ୍ଟ ଐତିହାସିକ ପ୍ରତ୍ନତତ୍ତ୍ୱବିତ୍ ଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ପରଲୋକ ।

୧୨-୪-୧୯୭୧—ଓଡ଼ିଶା ମିଳିତ-ସାମ୍ମୁଖ୍ୟ ଦଳର ପ୍ରାର୍ଥୀ ଶ୍ରୀ ନନ୍ଦକିଶୋର ମିଶ୍ର ବିଧାନ ସଭାର ବାଚସ୍ପତି-ରୂପେ ନିର୍ବାଚିତ ।

ନିଖିଳ ଭାରତ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ସଂସ୍ଥାର ବାର୍ଷିକ ଅଧିବେଶନ ବାଲେଶ୍ୱରର ଚାନ୍ଦିପୁରଠାରେ ଭାରତର ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ଜଗଜ୍ଜୀବନ ରାମଙ୍କ ଦ୍ୱାରା ଉଦ୍‌ଘାଟିତ ।

୧୩-୪-୧୯୭୧—ବଙ୍ଗଳା ଦେଶର ମୁକ୍ତି ଯୋଦ୍ଧାଙ୍କ ସମର୍ଥନ ଜଣାଇ କଟକ, ଭୁବନେଶ୍ୱର ବନ୍ଦ ପାଳନ ହେବାଯୋଗୁଁ ସମସ୍ତ ରାଜ୍ୟ ସରକାରୀ ଦପ୍ତର ବନ୍ଦ ରହିଲା ।

୧୪-୪-୧୯୭୧—ଓଡ଼ିଶା ଜନଗଣନା ନିର୍ଦ୍ଦେଶକ ଚଳିତ ମାସ ପହିଲା ସୁଦ୍ଧା ଆପାତ ଭାବେ କରାଯାଇଥିବା ଜନଗଣନା ହିସାବ ଘୋଷଣା କଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟର ବାର୍ଷିକ ପରୀକ୍ଷା ଆରମ୍ଭ ।

ରାଜ୍ୟ ସରକାର ମାଣ୍ଡିଆ ରପ୍ତାନି ସଂପର୍କୀୟ କଟକଣା କୋହଳ କଲେ ।

୧୯-୪-୧୯୭୧—କଟକ ଓ ଭୁବନେଶ୍ୱର ରେଳ ଡାକ ସେବା (R. M. S.) କର୍ମଚାରୀଙ୍କ ଧର୍ମଘଟ

୨୨-୪-୧୯୭୧—ଦକ୍ଷିଣ ପୂର୍ବ-ରେଳବାଇର ସଦର ମହକୁମା ଓଡ଼ିଶାରେ ଅବସ୍ଥାପିତ କରିବା ପାଇଁ ମୁଖ୍ୟ ମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସ, କେନ୍ଦ୍ର ରେଳବାଇ ମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିବା କଥା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ।

୨୪-୪-୧୯୭୧—କେନ୍ଦ୍ରାପଡ଼ାର ଧାଙ୍କବ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଫଳରେ କ୍ଷୟକ୍ଷତି ।

୨୫-୪-୧୯୭୧—ପୁରୀରେ ପ୍ରାୟ ୬ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଅଦାଲତ ଗୃହ ଓଡ଼ିଶାର ମାନ୍ୟବର ପ୍ରଧାନ ବିଚାରପତି ଶ୍ରୀ ଗତିକୃଷ୍ଣ ମିଶ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ।

ମେଡ଼ିକାଲ କଲେଜଗୁଡ଼ିକର ଅଧ୍ୟାପକ ଓ ଚିକିତ୍ସକମାନଙ୍କର ଏକ ସମ୍ମିଳନୀ ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ରାମକୃଷ୍ଣ ପଟ୍ଟନାୟକ ଉଦ୍‌ଘାଟନ କଲେ ।

ବେ-ସରକାରୀ ଉଦ୍ୟୋଗରେ ଓଡ଼ିଶାର ଜୟପୁରଠାରେ ୩୦ କୋଟି ଟଙ୍କା ବ୍ୟୟରେ ଏକ କାଗଜକଳ ପ୍ରତିଷ୍ଠିତ ହେବ ବୋଲି ଶିଳ୍ପ ମନ୍ତ୍ରୀ ଶ୍ରୀ ରାଜେନ୍ଦ୍ରନାରାୟଣ ସିଂହଦେଓଙ୍କ ଘୋଷଣା ।

୨୭-୪-୧୯୭୧—ଭୁବନେଶ୍ୱର କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ମୌଳିକ ବିଜ୍ଞାନ କଲେଜର ନୂତନ ଗୃହ ରାଜ୍ୟପାଳଙ୍କ ଦ୍ୱାରା ଉଦ୍‌ଘାଟିତ ହେଲା ।

ଜୟଦେବ ଜୟନ୍ତୀ ପାଳନ ।



OGP—MP-II (Home P. R.) 2—10,000—18-5-1971



୧୯୭୧ ଏପ୍ରିଲ୍ ୩ ତାରିଖରେ ଭୁବନେଶ୍ୱର ରାଜଭବନରେ ଶ୍ରୀ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀଭାବେ ଶପଥ ଗ୍ରହଣ କରୁଛନ୍ତି ।

Licence No. C. R. N. P.-5—Licensed to post without pre-payment



# ରାଉରକେଲା ଇସ୍ପାତ କାରଖାନା
# ଓଡିଶାକୁ ଖାଦ୍ୟ ଉତ୍ପାଦନ ଦିଗରେ ସହାୟକ ହୋଇଛି

ରାଉରକେଲା ଇସ୍ପାତ କାରଖାନା ସହିତ ଏକ ବୃହତ୍ ସାର କାରଖାନା ସଂଯୁକ୍ତ ହୋଇ ରହିବା ଏହି କାରଖାନାର ଏକ ଅଦ୍ୱିତୀୟ ବୈଶିଷ୍ଟ୍ୟ । କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ନାଇଟ୍ରୋଜେନ ୨୦% ଉତ୍ପନ୍ନ କରୁଥିବା ଭାରତର ସବୁ କାରଖାନା ଠାରୁ ଏହା ବଡ଼ତମ । ରାଉରକେଲା ସାର କାରଖାନାରୁ ଉତ୍ପାଦିତ ହେଉଥିବା କ୍ୟାଲସିୟମ ଆମୋନିୟମ ନାଇଟ୍ରେଟ୍ ସହିତ ନାଇଟ୍ରୋଜେନ ୨୦% ଓ ଅତ୍ୟନ୍ତ ଆମୋନିୟମ ସଲଫେଟ୍, ବଜାରରେ ଯଥାକ୍ରମେ ସୋନା ଓ ସସ୍ତା ନାମରେ ଉପଲବ୍ଧ ହେଉଛି । ଓଡ଼ିଶାର ଖାଦ୍ୟ ଉତ୍ପାଦନ ପକ୍ଷରେ ରାଉରକେଲା ସାର କାରଖାନାର ଦାନ ଉଲ୍ଲେଖଯୋଗ୍ୟ । ଏହି ବର୍ଷଟିରେ ପ୍ରାୟ ୩,୦୦,୦୦୦ ଟନର ସୋନା ସାର ଓ ପ୍ରାୟ ୩୭,୦୦୦ ଟନର ସସ୍ତା ସାର ବିତରଣ କରି ଯାଇ ସାରିଛି । ସାର ଉତ୍ପାଦନ ଦ୍ୱିଗୁଣିତ କରି ଭବିଷ୍ୟତରେ ଅଧିକରୁ ଅଧିକ ସାର କୃଷକମାନଙ୍କୁ ଯୋଗାଇ ଦେବାକୁ ଏହା ସକ୍ଷମ ହୋଇ ପାରିବ ।

hm-RSP-1/71 ORI

**ହିନ୍ଦୁସ୍ଥାନ ଷ୍ଟିଲ**

ଜାତୀୟ ଅଗ୍ରଗତି ନିମିତ୍ତ ଏକ ଜାତୀୟ ସଂସ୍ଥା

Printed by Shri U. N. Misra, Superintendent, Orissa Govt. Press, Madhupatna, Cuttack-3

